



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-195 SATURDAY 10 JANUARY 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୯୫ ଶନିବାର ୧୦ ଜାନୁଆରୀ ୨୦୨୬ ପୃଷ୍ଠା-୧୨ ଟ.୭.୦୦


## ପରିବହନ ବିଭାଗର 'ଅନ୍ଧ ନୀତି'

# ବିନା ଅକଲରେ ଦିଲ୍ଲୀକୁ ନକଲ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟ ପରିବହନ ବିଭାଗ ଦ୍ୱାରା 'ପିୟୁସିସି ନାହିଁ ତ ତେଲ ନାହିଁ' ଭଳି ଅପରିପକ୍ୱ ନିଷ୍ପତ୍ତି ଯୋଗୁଁ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ପରିବହନ ପ୍ରାଧିକରଣ 'ଏସ୍‌ଟିଏ'ର ଏହି ନିର୍ଦ୍ଦେଶନାମା ଏବେ ପରିବହନ ବିଭାଗ

### ଦିଲ୍ଲୀ ଢାଞ୍ଚାରେ ଓଡ଼ିଶା କଷୁଛି ୧୦,୦୦୦ ଜରିମାନା

### ଅଧିକାଂଶ ରାଜ୍ୟରେ ପିୟୁସିସି ଜରିମାନା ୧୦୦୦ ଟଙ୍କା

ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଶିରପୀଡ଼ାର କାରଣ ହୋଇଛି। ଏପରି ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସରକାର ଅକଲରେ ପଡ଼ିଛନ୍ତି ଓ ପରିସ୍ଥିତି ଖରାପ ହେବା ପୂର୍ବରୁ ୟୁ-ଟର୍ଣ୍ଣ ନେଇ ପ୍ରଦୂଷଣ ଜୋରିମାନା ହ୍ରାସ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଦିଲ୍ଲୀକୁ ନକଲ କରି ଓଡ଼ିଶାରେ ପରିବହନ ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ହିଁ ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି। ପ୍ରଦୂଷଣ ଯୋଗୁଁ ଦେଶର ସବୁଠୁ ସମ୍ବେଦନଶୀଳ ସହର ଭାବେ ପରିଗଣିତ ହେଉଥିବା ଦିଲ୍ଲୀରେ ଏହି ନିୟମ ପରିଚାଳିତ ହେଉଛି। ଦିଲ୍ଲୀକୁ ଛାଡ଼ି ଦେଲେ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସମୟରେ ଏଭଳି ବିଚିତ୍ର ନିୟମ କାର୍ଯ୍ୟକାରୀ ହେଉନାହିଁ।

▶ପୃଷ୍ଠା-୭

### ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ଜବାବ ତଲବ



■ କଟକ, ୯ ।୧ (ସମିସ): ଇ-ଚିହ୍ନଟ ମାଧ୍ୟମରେ ଜାରି କରାଯାଉଥିବା ମୋଟାଅଙ୍କର ପ୍ରଦୂଷଣ ଚାଲାଣକୁ ବେଆଇନ ଦର୍ଶାଇବା ସହ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣୈକା ମହିଳା। ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ଆଜି ନୋଟିସ ଜାରି ସହ ଜବାବ ତଲବ କରିଛନ୍ତି। ଡ. କୀର୍ତ୍ତିଧାରା ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଡିସେମ୍ବର ୨୧ରେ ଆବେଦନକାରୀଙ୍କ କାର୍ (ଓଡି୦୨ଏଟି୭୨୦୦)ର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିବାରୁ ୧୦ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଥିଲା। ଏହି ଚାଲାଣଟି ଗାଡ଼ି ଚେକିଂ ବେଳେ କୌଣସି

▶ପୃଷ୍ଠା-୭

### ଅପରିପକ୍ୱ ନୀତି: ନବୀନ



#### ସୁସ୍ଥ ପରିବେଶ ସହ ଭଲ ଶାସନ ପାଇବାକୁ ଓଡ଼ିଶାବାସୀ ହକ୍‌ଦାର

#### ପ୍ରଦୂଷଣ ନିୟନ୍ତ୍ରଣ ନାମରେ ରାଜ୍ୟବାସୀଙ୍କୁ ହଇରାଣ କରା ନ ଯାଉ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ହଠାତ୍ 'ପିୟୁସି ନାହିଁ ତ ତୈଳ ନାହିଁ' ନିୟମକୁ ଲାଗୁ କରିବା ଦ୍ୱାରା ଦେଖାଦେଇଥିବା ଅବ୍ୟବସ୍ଥା ସରକାରଙ୍କ ଅପରିପକ୍ୱ ନୀତି ଓ ବିନା ପ୍ରସ୍ତୁତିର ଫଳ ବୋଲି ନବୀନ କହିଛନ୍ତି। ଶୁକ୍ରବାର ରାଜ୍ୟରେ ପିୟୁସିସି

▶ପୃଷ୍ଠା-୭

#### ଇଡି ଚଢ଼ଉ ବିରୋଧରେ ଟିଏମ୍‌ସିର ପ୍ରତିବାଦ

## ମମତାଙ୍କ ମହାରାଲି



■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଥିଲା। ଏହା ବିରୋଧରେ ଟିଏମ୍‌ସି ଶୁକ୍ରବାର ଦିଲ୍ଲୀରୁ କୋଲକାତ ପର୍ଯ୍ୟନ୍ତ ପ୍ରତିବାଦ ଓ ଶୋଭାଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଅପରାହ୍ଣ ୨ଟାରେ ଇଡିର ଚଢ଼ାଉକୁ ବିରୋଧ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବହୁସଂଖ୍ୟାରେ ଟିଏମ୍‌ସି ସମର୍ଥକ ଯୋଗ ଦେଇଥିଲେ। ଇଡି ବିରୋଧରେ ସେ ଦୁଇଟି ଏଫ୍‌ଆଇଆର ଦାଏର କରିଛନ୍ତି।

#### ୮ ସାଂସଦଙ୍କୁ ଅଟକ ରଖିବାର ୨ ଘଣ୍ଟା ପରେ ଛାଡ଼ିଲା ପୁଲିସ

ସେ ଅମିତ ଶାହାଙ୍କୁ ଖୋଲା ଖୋଲି ଧମକ ଦେଇ କହିଛନ୍ତି ଯେ, ତାଙ୍କ ବରୋଧରେ ମୋ ପାଖରେ ପେନ୍ ଡ୍ରାଇଭ ଅଛି। ମୋ ସହ ଲାଗିଲେ ଛାଡ଼ିବି

▶ପୃଷ୍ଠା-୭

# ରେକର୍ଡ ଭାଙ୍ଗୁଛି ଶୀତ

### ଶିମିଳିପାଳରେ ବିୟୁକ୍ତ ୧ ଡିଗ୍ରୀ

■ ଭୁବନେଶ୍ୱର/ବାରିପଦା, ୯ ।୧ (ସମିସ): ମାଘ ମାସରେ ଅନୁଭୂତ ହେଉଛି ବାଘ ଭଳି ଶୀତ। ଲଗାତାର ଭାବେ ପାରଦ ତଳମୁହାଁ ହେତୁ ଅଧିକାଂଶ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ଉପାନ୍ତରୁ ଉପକୂଳ ଯାଏଁ ପ୍ରବଳ ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ପାହାଡ଼ିଆ ଅଞ୍ଚଳ ଭଳି ସମତଳ ଅଞ୍ଚଳରେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ କାଠୁଆ ଶୀତ ପଡ଼ିଛି। ସ୍ଥିତି ଏମିତି ହୋଇଛି, ଗତ ୨୪ ଘଣ୍ଟାରେ ରାଉରକେଲାର ତାପମାତ୍ରା ସମତଳ ଅଞ୍ଚଳରେ ଦେଶର ଚତୁର୍ଥ ସର୍ବନିମ୍ନ ତାପମାତ୍ରା ଭାବେ ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଉପରବାର୍‌ହାକାମୁଡା (ୟୁବିକେ)ରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ପାରଦ ବିୟୁକ୍ତ ୧ ଡିଗ୍ରୀକୁ ଖସି ଆସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ

▶ପୃଷ୍ଠା-୭

#### ୧୦ ଡିଗ୍ରୀ ତଳେ ୨୫ ସହର

#### ରବିବାର ପରେ ଶୀତର ପ୍ରଭାବ ସାମାନ୍ୟ କମିବ

#### ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସମତଳ ଅଞ୍ଚଳ

### ବରଫ ପାଲଟିଲା ଡାଲ୍ ହ୍ରଦ



■ ଶ୍ରୀନଗର, ୯ ।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ଜମ୍ମୁ-କଶ୍ମୀରରେ ଚିଲାଇ କଲାନ ଯୋଗୁଁ ଚଳିତ ଶୀତ ଋତୁରେ ସବୁଠାରୁ ଥଣ୍ଡା ରାତି ରେକର୍ଡ କରାଯାଇଛି। ପ୍ରବଳ ଥଣ୍ଡା ଯୋଗୁ ଏହି ଋତୁରେ ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ କିଛି ଅଂଶ ଜମାଟ ବାନ୍ଧି ଯାଇଥିଲା। ଶ୍ରୀନଗରର ତାପମାତ୍ର ଶୂନରୁ ତଳକୁ ଖସି ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସେପଟେ ରାଜସ୍ଥାନରେ ମଧ୍ୟ ପ୍ରବଳ ଥଣ୍ଡା ପଡିଛି। ଉଦୟପୁର, ଚିତ୍ତୋରଗଡ଼ ଓ ବାଂସୱାଡାରେ ଘନ କୁହୁଡି ଛାଇ ହୋଇ ରହିଥିଲା। ମଧ୍ୟପ୍ରଦେଶର ୧୭ଟି ଜିଲ୍ଲାରେ କୁହୁଡି ପଡିଛି। ଫଳରେ ଏକ ଡଜନ ଟ୍ରେନ୍ ବିଳମ୍ବ ହୋଇଥିଲା। ବିହାରରେ ପ୍ରବଳ ଶୀତ କାରଣରୁ ୧,୦୦୦ରୁ ଅଧିକ ପିଲା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର କାଶୀରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି ଓ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛି।

### କଚ୍ଚା ଘରକୁ ନେଇ ଦ୍ୱନ୍ଦ୍ୱ

#### ୨୦୨୦ରେ ୨୦ ଲକ୍ଷ; ୨୦୨୫ରେ ୩୭.୮୯ ଲକ୍ଷ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ କଚ୍ଚା ଘର ସଂଖ୍ୟାକୁ ନେଇ ତୁଟୁନାହିଁ ଦ୍ୱନ୍ଦ୍ୱ। ୨୦୨୦ ମସିହାରେ ରାଜ୍ୟରେ ୨୦ ଲକ୍ଷ କଚ୍ଚା ଘର ଥିବା ତତ୍‌କାଳୀନ ସରକାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିବାବେଳେ ନୂଆ ସରକାର କରିଥିବା ସର୍ଭେରେ ଏହି ସଂଖ୍ୟା ୩୭.୮୯ ଲକ୍ଷକୁ ବୃଦ୍ଧି ପାଇଛି। ମାତ୍ର ବିଡ଼ମ୍ବନା ହେଉଛି ଏତେ ସଂଖ୍ୟକ ଲୋକ କଚ୍ଚା ଘରେ ରହୁଥିବାବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୧୦ ଲକ୍ଷ ଲୋକଙ୍କୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦୧୧ ମସିହାରେ ଜନଗଣନା ଅନୁସାରେ ରାଜ୍ୟରେ

▶ପୃଷ୍ଠା-୭

### ସ୍ୱର୍ଗଦ୍ୱାର ଆଗରେ ଗଡ଼ିଲା ମୁଣ୍ଡ

#### ଶବଦାହ ପାଇଁ ଆସି ଶବ ହୋଇଗଲେ

■ ପୁରୀ, ୯।୧ (ସମିସ): ଶବଦାହ ପାଇଁ ଆସି ଶବ ପାଲଟିଗଲେ। ବଡ଼ ପାଟିରେ କଥାବାର୍ତ୍ତା ହେବାରୁ ବେକରେ ଛୁରି ଭୁସିଦେଲା ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗୁରୁବାର ରାତିଅଧରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଭଦ୍ରକ ଜିଲ୍ଲା ଆପଣ୍ଡାର ରଞ୍ଜନ ଦାସ। ସମୁଦ୍ରକୂଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ଏକ ରକ୍ତଲଗା ଛୁରି ମଧ୍ୟ ଜବତ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତା' ନାମ ପ୍ରକାଶ କରିନାହିଁ। ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣା ପୁରୀର ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ମାନସ କୁମାର ନାୟକ ଏ ସଂପର୍କରେ ଏକ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗରୁବାର

▶ପୃଷ୍ଠା-୭

#### ବଡ଼ପାଟିରେ କଥା ହେବାରୁ ଛୁରି ଭୁସିଦେଲା ଦୁର୍ବୃତ୍ତ






### ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୩୦ ଲକ୍ଷ ଟଙ୍କା

■ ଘଟଗାଁ, ୯।୧ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀ ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିର ଟଙ୍କା, ସୁନା ଓ ରୁପା ଗଣତି ହୋଇଛି। ଏଥିରୁ ୩୦ ଲକ୍ଷ ୬୨ ହଜାର ୧୯୫ ଟଙ୍କା ମିଳିଛି। ସେହିପରି ସୁନା ୪୪ ଗ୍ରାମ ୨୮୦ ମିଳିଗ୍ରାମ, ରୁପା ୯୯୯ ଗ୍ରାମ ୧୬୦ ମିଳିଗ୍ରାମ ମିଳିଛି। ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର, ପୁଲିସ ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତରେ ହୁଣ୍ଡିଗୁଡ଼ିକ ଖୋଲାଯାଇଥିଲା। ମନ୍ଦିର କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଗଗନ ବଳ, ନବୀନ ମହନ୍ତ, ଦେବଦତ୍ତ ବଳ, ଚନ୍ଦ୍ରା ମୁଖି, ନାରାୟଣ ମୁଖି, ସନାତନ ନାଏକ, ଚକ୍ରଧର ନାଏକ, ଅରୁଣ ନାଏକ, ଶଙ୍କର୍ଷଣ ନାଏକ, ହରିହର ମହନ୍ତ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



## ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଯିବେ ମାରିଆ ମାଚାଡୋ

କାରାକାସ, ୯ ।୧(ଏଜେନ୍ସି): ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଆସିବେ । ଏ ନେଇ ଟ୍ରମ୍ପ ଗୁରୁବାର ସୂଚନା ଦେଇଛନ୍ତି । ମାଚାଡୋଙ୍କୁ ଭେଟିବାକୁ ଟ୍ରମ୍ପ ଅପେକ୍ଷ କରି ରହିଛନ୍ତି ବୋଲି ସେ କହିଛନ୍ତି । ଆସନ୍ତା ସପ୍ତାହରେ ଦୁଇଜଣଙ୍କ ଭେଟ ହେବା ନିଶ୍ଚିତ ହୋଇଛି । କିଛିଦିନ ପୂର୍ବେ, ରାଷ୍ଟ୍ରପତି ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମାଚାଡୋ ଜଣେ ଉତ୍ତମ ମହିଳା । କିନ୍ତୁ ଭେନେଜୁଏଲାର ନେତୃତ୍ୱ ପାଇଁ ଦେଶରେ ତାଙ୍କର ଜନ ସମର୍ଥନ ନାହିଁ । ମାଚାଡୋ ପୂର୍ବରୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କ ପ୍ରତି ଉତ୍ସର୍ଗ କରିଥିଲେ । ଗତ ଅକ୍ଟୋବରରେ ମାଚାଡୋଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେପଟେ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଭେନେଜୁଏଲା ଏକାଧିକ ରାଜନେତାଙ୍କ ସମେତ ଅନେକ ହାଇ-ପ୍ରୋଫାଇଲ କଏଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି ।

## ଭ୍ୟାନ୍-ଟ୍ରକ୍ ଧକ୍କାରେ ୪ ମୃତ, ୭ ଆହତ

ବେଙ୍ଗାଲୁରୁ, ୯ ।୧(ଏଜେନ୍ସି): କର୍ଣ୍ଣାଟକର ତୁମକୁରୁ ଜିଲ୍ଲାରେ ବସନ୍ତନରସପୁରା ଶିଳ୍ପାଞ୍ଚଳ ନିକଟର କୋରା ଅଞ୍ଚଳରେ ଏକ କ୍ରୁଜର ଗାଡ଼ି ସହ ଟ୍ରକ୍ ଧକ୍କା ହେବା ଫଳରେ ୪ ଜଣ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ସେମାନେ କେରଳର ସାବରୀମାଲାରୁ ଫେରିବା ବେଳେ ଏହି ଶୁକ୍ରବାର ଭୋର ୪.୪୦ରେ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି । ମୃତକଙ୍କ ମଧ୍ୟରେ ଜଣେ ଝିଅ ସାମିଲ ଅଛନ୍ତି । ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ଏହି କ୍ରୁଜର ଗାଡ଼ି ସଡ଼କରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇ ତା ଭିତରକୁ ପଶି ଯାଇଥିଲା । ଫଳରେ ଜଣେ ଛୋଟ ପିଲା ସହ ୪ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି ।

## ନ୍ୟୁୟର୍କ ଯିବାକୁ ୬୭୦ କିମି ସଡ଼କରେ ଗଲେ ଜୟଶଙ୍କର

ୱାଶିଂଟନ, ୯ ।୧(ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଆମେରିକାରେ ବେଶ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ନ୍ୟୁୟର୍କରେ ପହଞ୍ଚିବା ପାଇଁ ତାଙ୍କୁ ସଡକପଥରେ ଯିବାକୁ ହୋଇଛି । ଏଥିପାଇଁ ସେ ୬୭୦ କିମି କାର୍‌ରେ ହିଁ ଯାତ୍ରା କରିଥିଲେ । ଜୟଶଙ୍କର ଜାତିସଙ୍ଘର ମହାସଚିବ ଅଣ୍ଟୋନିଓ ଗୁଟେରେସଙ୍କ ସହିତ ନ୍ୟୁୟର୍କରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ମିଳିତ ହେବାର କାର୍ଯ୍ୟକ୍ରମ ଥିଲା । ଆମେରିକା ବୈଦେଶିକ ବିଭାଗ ଅଧିନରେ ଆସୁଥିବା କୂଟନୈତିକ ସୁରକ୍ଷା ସେବା (ଡିଏସ୍‌ଏସ୍)ର ଏକ ରିପୋର୍ଟ ଅନୁଯାୟୀ, ସଟ୍‌ଡାଉନ ଯୋଗୁଁ ସାରା ଦେଶରେ ବାଣିଜ୍ୟିକ ବିମାନ ଚଳାଚଳ ବନ୍ଦ ରହିଥିଲା । ତେବେ ସୁରକ୍ଷା ଏଜେଣ୍ଟମାନେ କାନାଡ଼ା- ଆମେରିକା ସୀମାରେ ଲୁଇଷ୍ଟନ-କୁଇନ୍ସଟନ ସେତୁରେ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ମାନ୍‌ହାଟନକୁ ଯିବା ପାଇଁ ପ୍ରାୟ ସାଢ଼େ ୭ ଘଣ୍ଟା ସମୟ ଲାଗିଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟରେ ୨୭ ଜଣ ସୁରକ୍ଷା ଏଜେଣ୍ଟ ସାମିଲ ଥିଲେ । ଥଣ୍ଡା, ଦୃଶ୍ୟମାନ ଦୂରତା ହ୍ରାସ ଓ ଲମ୍ବା ଯାତ୍ରା ଯୋଗୁଁ ଡ୍ରାଇଭରମାନଙ୍କୁ ସମୟକ୍ରମେ ପରିବର୍ତ୍ତନ କରାଯାଇଥିଲା । ସୁରକ୍ଷା ଏଜେନ୍ସିଗୁଡିକ ପ୍ରତିକୂଳ ପାଗ ପାଇଁ ଆଗୁଆ ପ୍ରସ୍ତୁତି କରିଥିଲେ ।

## ଜମ୍ମୁ-କଶ୍ମୀରରେ ନାଳରେ ପଡ଼ି ଦୁଇ ସେନା ପୋର୍ଟରଙ୍କ ମୃତ୍ୟୁ

ଶ୍ରୀନଗର, ୯ ।୧(ଏଜେନ୍ସି): ଉତ୍ତର କଶ୍ମୀରର ବାରାମୁଲା ଜିଲ୍ଲାର ଉପର ଗୁଲମାର୍ଗ ଅଞ୍ଚଳରେ ଏକ ପରୱାର୍ଡ ପୋଷ୍ଟକୁ ଯାଉଥିବା ବେଳେ ନାଳରେ ପଡ଼ି ଦୁଇଜଣ ଆର୍ମି ପୋର୍ଟର ଅର୍ଥାତ ସେନା କୁଲି ମୃତ୍ୟୁବରଣ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ହିଁ ଏହି ଘଟଣା ଘଟିଛି ବୋଲି ସେନାର ଅଧିକାରୀମାନେ ସୂଚନା ଦେଇଛନ୍ତି । ଦୁଇଜଣ ଅନୀତା ପୋଷ୍ଟକୁ ଯାଉଥିଲେ । ପ୍ରବଳ ତୁଷାରପାତ ଯୋଗୁଁ ଶୀତଦିନ ଏହି ଅଞ୍ଚଳରେ ରାସ୍ତା ବନ୍ଦ ହୋଇଯାଇଥାଏ । ତୁଷାରପାତ କାରଣରୁ ଖସଡା ରାସ୍ତାରେ ଚାଲିବା ସମୟରେ ଦୁଇଜଣ ଭାରସାମ୍ୟ ହରାଇ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ । ସୂଚନା ପାଇବାମାତ୍ରେ ଉଦ୍ଧାରକାରୀ ଦଳ ତୁରନ୍ତ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ । ନିରନ୍ତର ପ୍ରୟାସ ପରେ, ଦୁଇ ଜଣ ପୋର୍ଟରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।

# ଜଳୁଛି ଇରାନ

- ଦରଦାମ ବୃଦ୍ଧି ବିରୋଧରେ ୧୦୦ ସହରରେ ପ୍ରତିବାଦ
- ଏପର୍ଯ୍ୟନ୍ତ ୪୫ ଜଣ ମୃତ୍ୟୁବରଣ କରିଛନ୍ତି
- ଟ୍ରମ୍ପଙ୍କୁ ଖୁସି କରିବାକୁ ଦେଶକୁ ନଷ୍ଟ କରନାହିଁ: ଖାମନେଇ
- ଦେଶରେ ଇଣ୍ଟରନେଟ, ଫୋନ ସେବା ବନ୍ଦ
- ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରାଯାଇଛି





ଇରାନ, ୯ ।୧(ଏଜେନ୍ସି): ଇରାନରେ ଏବେ ଜେନ୍- ଜେଡ୍ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି । ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ବିରୋଧ କରି ସାରା ଦେଶର ୧୦୦ଟି ସହରରେ ପ୍ରତିବାଦ ତଥା ଆନ୍ଦୋଳନ ଦ୍ରୁତବେଗରେ ବ୍ୟାପିବାରେ ଲାଗିଛି । ୧୩ ଦିନ ଧରି ଚାଲିଥିବା ଏହି ପ୍ରତିବାଦରେ ଗୁରୁବାର ରାତିରେ ସ୍ଥିତି ଆହୁରି ଖରାପ ହୋଇଥିଲା । ପ୍ରତିବାଦରେ ଏପର୍ଯ୍ୟନ୍ତ ୪୫ ଜଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏଥିରେ ୮ ଜଣ ଶିଶୁ ସାମିଲ ରହିଛନ୍ତି । ଏକାଧିକ ପୁଲିସ ଅଧିକାରୀ ଏଥିରେ ମୃତ୍ୟୁବରଣ କରିଛନ୍ତି । ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ୨,୨୭୦ ଲୋକଙ୍କୁ ଅଟକ ରଖାଯାଇଛି । ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ନିଆଁ ଲଗାଇଥିଲେ । ଲୋକେ 'ଖାମନେଇଙ୍କ ମୃତ୍ୟୁ ଓ ଇସ୍‌ଲାମିକ ଗଣରାଜ୍ୟ ଶେଷ ହୋଇଛି' ବୋଲି ସ୍ଲୋଗାନ ଦେଇଥିଲେ । ସାରା ଦେଶରେ ଇଣ୍ଟରନେଟ ଓ ଫୋନ ସେବାକୁ ବନ୍ଦ କରାଯାଇଛି । ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରିଦିଆଯାଇଛି ଓ ସେନାକୁ ସତର୍କ ରଖାଯାଇଛି । ନିର୍ବାସିତ ରାଜକୁମାର ରାଜା ପହଲବୀ ଆନ୍ଦୋଳନ ପାଇଁ ଲୋକଙ୍କୁ ସଡ଼କକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ । ୧୯୭୯ରେ ଇସ୍‌ଲାମିକ କ୍ରାନ୍ତି ଦ୍ୱାରା ପହଲବୀଙ୍କ ପିତାଙ୍କୁ କ୍ଷମତାରୁ ହଟାଯାଇଥିଲା । ଯୁବରାଜ ପହଲବୀ ଏବେ ଆମେରିକାରେ ରହୁଛନ୍ତି । ଦେଶବ୍ୟାପୀ ପ୍ରତିବାଦ ଚାଲିଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଅଲି ଖାମନେଇ ପ୍ରଥମଥର ପାଇଁ ଦେଶକୁ ସମ୍ବୋଧିତ କରିଥିଲେ । ଇରାନର ସରକାରୀ ଟିଭି ଖାମନେଇଙ୍କ ଭାଷଣର ପ୍ରସାରଣ କରିଥିଲା । ସେ କହିଥିଲେ ଯେ, ପ୍ରତିବାଦକାରୀ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କୁ ଖୁସି କରିବାକୁ ପ୍ରୟାସ କରୁଛନ୍ତି ଓ ଏଥିପାଇଁ ନିଜ ଦେଶକୁ ନଷ୍ଟ କରିବାକୁ ପଛାଉ ନାହାନ୍ତି । ବିଦେଶୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଭଡ଼ାଟିଆଙ୍କୁ ଇରାନ ସହ୍ୟ କରିବ ନାହିଁ । ପ୍ରତିବାଦ ପଛରେ ବିଦେଶୀ ଏଜେଣ୍ଟ ଅଛନ୍ତି ଓ ଏମାନେ ହିଁ ଦେଶରେ ହିଂସାକୁ ଉସୁକାଉଛନ୍ତି ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଇରାନରେ ଅତ୍ୟଧିକ ଦରଦାମ ବୃଦ୍ଧି କାରଣରୁ ଆର୍ଥିକ ସ୍ଥିତି ଖରାପ ହୋଇଛି । ଫଳରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ ଦେଶବ୍ୟାପୀ ନିଜର ଅସନ୍ତୋଷ ପ୍ରଦର୍ଶନ କରିଛି ।

## ହିମାଚଳରେ ଖାଇକୁ ବସ୍ ଖସି ୧୨ ମୃତ, ୩୩ ଆହତ

ହରିପୁରଧର, ୯ ।୧(ଏଜେନ୍ସି): ହିମାଚଳ ପ୍ରଦେଶର ସିରମୌରରେ ଶୁକ୍ରବାର ଏକ ଘରୋଇ ବସ୍ ୨୦୦ମିଟର ଖାଇକୁ ଖସିପଡ଼ିବା ଫଳରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ଜଣେ ଛୋଟ ଝିଅ ସମେତ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି । ଝିଅଟିକୁ ନାହାନ ନିଆଯାଇଛି ଓ ଅନ୍ୟ ୩ ଜଣଙ୍କୁ ସିମଲାର ଆଇଜିଏମ୍‌ସି ହସ୍ପିଟାଲକୁ ପଠାଯାଇଛି । ବସ୍‌ରେ ମହିଳା ଓ ପିଲାମାନଙ୍କ ସହ ୪୫ ଜଣ ଯାତ୍ରା କରୁଥିଲେ । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ । ଦୁର୍ଘଟଣା ସିରମୌରର ହରିଧରପୁର ବଜାରରୁ ୧୦୦ ମିଟର ପୂର୍ବରୁ ଅପରାହ୍ଣ ୨.୪୫ରେ ଘଟିଥିଲା । ଏହି ବସ ସିମଲାରୁ କୁପଭି ଅଭିମୁଖେ ଯାତ୍ରା କରୁଥିଲା । ଶିମଲାରୁ ଏହି ବସ୍ ସକାଳ ୭.୩୦ରେ ବାହାରିଥିଲା । କପଭିର ୨୮ କିମି ପୂର୍ବରୁ ବସ୍ ଖାଇକୁ ଖସିପଡ଼ିଥିଲା । ବସ୍ ତଳେ ୫ ଜଣ ଦବି ରହିଛନ୍ତି ବୋଲି କୁହାଯାଇଛି । ଘନ କୁହୁଡି କାରଣରୁ ଦୁର୍ଘଟଣା ହୋଇଥିଲା ।

### ଆମେରିକାକୁ ଡେନ୍‌ମାର୍କର କଡ଼ା ଜବାବ୍

## ପ୍ରଥମେ ଗୁଳି ମାରିବୁ, ତା'ପରେ କଥା ହେବୁ

କୋପେନହେଗେନ, ୯ ।୧(ଏଜେନ୍ସି): ଗ୍ରୀନଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଡେନମାର୍କ ଏହାର କଡ଼ା ଜବାବ ଦେଇଛି । ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଟ୍ରମ୍ପ ଧମକର ଜବାବ୍ ଦେଇ କହିଛି ଯେ, ଯଦି କୌଣସି ବିଦେଶୀ ଶକ୍ତି ଆକ୍ରମଣ କରନ୍ତି ତେବେ, ଆମ ସୈନିକ କୌଣସି ଆଦେଶ କିମ୍ବା ନିର୍ଦ୍ଦେଶରେ ଅପେକ୍ଷା ନ କରି ତୁରନ୍ତ ଜବାବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୁଳି ଚଳାଇବ । ୧୯୫୨ରୁ ବିନା ଆଦେଶରେ ଗୁଳି ଚଳାଇବାର ନିୟମ ଜାରି ହୋଇଛି । ସେତେବେଳେ ଡେନମାର୍କ ନିଜ ସେନା ପାଇଁ ଏହି ନିୟମ ଜାରି କରିଥିଲା । ଏହି ଅନୁସାରେ ବିଦେଶୀ ଶତ୍ରୁଙ୍କ ଆକ୍ରମଣର ଜବାବ ଦେବା ପାଇଁ ଡେନମାର୍କ ସୈନିକଙ୍କୁ ତୁରନ୍ତ ଲଢ଼ିବାକୁ ହେବ । ଏଥିପାଇଁ ସୈନିକଙ୍କୁ କୌଣସି ବରିଷ୍ଠ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବନାହିଁ । ଏହି ନିୟମ ୧୯୪୦ରେ ପ୍ରଥମଥର ପାଇଁ ଲାଗୁ ହୋଇଥିଲା । ସେତେବେଳେ ଜର୍ମାନୀ ଡେନମାର୍କ ଉପରେ ଆକ୍ରମଣ କରିଥିଲା । ଆମେରିକା ତରଫରୁ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ କିମ୍ବା କ୍ରୟ କରିବାକୁ ମନ୍ତବ୍ୟ ଦେବା ପରେ ଡେନମାର୍କ ତରଫରୁ ଏହି ଚେତାବନୀ ଦିଆଯାଇଛି । ଗ୍ରୀନ୍‌ଲାଣ୍ଡ ଆଟଲାଣ୍ଟିକ ମହାସାଗରରେ ଏକ ବଡ଼ ଦ୍ୱୀପ । ଏହା ଗତ ୩୦୦ ବର୍ଷ ହେବ ଡେନମାର୍କ ସହିତ ଜଡିତ ରହିଆସିଛି । ଏହା ଡେନମାର୍କର ଏକ ସ୍ୱୟଂ ଶାସିତ ଅଞ୍ଚଳ । ଗ୍ରୀନ୍‌ଲାଣ୍ଡର ବୈଦେଶିକ ନୀତିକୁ ଡେନମାର୍କ ହିଁ ପରିଚାଳନା କରିଥାଏ । ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ ଆମେରିକା ଦେଇଥିବା ମନ୍ତବ୍ୟକୁ ସାରା ବିଶ୍ୱରେ ବିରୋଧ କରାଯାଇଛି ।

## ଅଟୋମୋବାଇଲ କମ୍ପାନୀ ହିଁ ସ୍ଲିପର ବସ୍ ତିଆରି କରିବେ: ଗଡ଼କରୀ



ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ କେବଳ ଅଟୋମୋବାଲ କମ୍ପାନୀଗୁଡିକ ହିଁ ସ୍ଲିପର ବସ୍ ପ୍ରସ୍ତୁତ କରିବେ କିମ୍ବା ସରକାରଙ୍କ ଦ୍ୱାରା ଅନୁମୋଦିତ ସଂସ୍ଥା ଦ୍ୱାରା ଏହି ବସଗୁଡିକୁ ତିଆରି କରିବେ । ନୂତନ ସୁରକ୍ଷା ମାନଦଣ୍ଡ ପୂରଣ ପାଇଁ ଏବେ ଚାଲୁଥିବା ସ୍ଲିପର ବସ୍‌ଗୁଡିକୁ ଅପଡେଟ୍ କରିବାକୁ ହେବ ବୋଲି ସେ କହିଛନ୍ତି । ସ୍ଲିପର କୋଚ୍ ବସ୍‌ଗୁଡିକରେ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡ ଘଟଣାଗୁଡିକୁ ରୋକିବାକୁ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଗଡ଼କରୀ କହିଛନ୍ତି ଯେ, ବିଦ୍ୟମାନ ସ୍ଲିପର ବସ୍‌ଗୁଡିକୁ ଅଗ୍ନି ଚିହ୍ନଟ ପ୍ରଣାଳୀ, ଜରୁରୀ କାଳୀନ ପ୍ରସ୍ଥାନ (ହାତୁଡି ସମେତ), ଜରୁରୀ କାଳୀନ ଆଲୋକ ଓ ଡ୍ରାଇଭର ନିଦ୍ରା ସୂଚକ ସହିତ ସଜ୍ଜିତ ହେବା ଆବଶ୍ୟକ । ଗତ ୬ ମାସ ମଧ୍ୟରେ ସ୍ଲିପର କୋଚ୍ ବସ ସହିତ ୬ଟି ବଡ଼ ଅଗ୍ନିକାଣ୍ଡ ଦୁର୍ଘଟଣା ଘଟିଛି ଓ ଏଥିରେ ୧୪୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ କହିଛନ୍ତି । ସବୁ ବସ୍‌ରେ ନିଆଁ ଲାଗିବା କାରଣ ଏକ ପ୍ରକାର । ସେ କହିଛନ୍ତି ଯେ, ଭାରତରେ ବସ୍ ବଡ଼ି କୋଡ୍, ଏଆଇଏସ୍-୦୫୨ ଏକ ବାଧ୍ୟତାମୂଳକ ମାନକ । ଏହା ଦେଶରେ ନିର୍ମିତ ବସ୍ ବଡ଼ି ପାଇଁ ସୁରକ୍ଷା, ଗଠନମୂଳକ ଓ ଡିଜାଇନ୍ ମାନକ ସ୍ଥିର କରିଥାଏ । ଏହି କୋଡା ପୂର୍ବରୁ ଅସଂଗଠିତ ବସ୍ ବଡ଼ି ବିଲ୍ଡିଂ କ୍ଷେତ୍ରକୁ ନିୟନ୍ତ୍ରଣ କରିବା, ଯାତ୍ରୀ ଓ ଡ୍ରାଇଭର ସୁରକ୍ଷା ବୃଦ୍ଧି କରିବା ଏବଂ ବସ୍ କୋଚ୍ ଉତ୍ପାଦନରେ ସମାନତା ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିଲା । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସଡ଼କ ପରିବହନରେ ସୁରକ୍ଷା ମାନକକୁ ଆହୁରି କଠୋର କରିବା ପାଇଁ ୨୦୨୫ ସେପ୍ଟେମ୍ବର ୧ରୁ ସଂଶୋଧିତ ବସ୍ ବଡ଼ି କୋଡ ଆରମ୍ଭ କରିଛି ।

**● ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ**

## ୩୬ ମିସାଇଲ, ୨୪୨ ଡ୍ରୋନ ମାଡ଼; ୪ ମୃତ

କିଭ୍, ୯ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧, ୪୧୫ ଦିନରେ ପହଞ୍ଚିଛି । ଅର୍ଥାତ ଏହି ଯୁଦ୍ଧ ଏବେ ୪ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ୍ୟ ଥମିବାର ନାଁ ନେଉନାହିଁ । ଗୁରୁବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ରୁଷିଆ ବଡ଼ ଧରଣର ଆକ୍ରମଣ କରିଛି । ରୁଷିଆ ୩୬ଟି ମିସାଇଲ ଓ ୨୪୨ଟି ଡ୍ରୋନ ଆକ୍ରମଣ କରିଛି ବୋଲି ୟୁକ୍ରେନ ଦାବି କରିଛି । ଏଥିରେ ୪ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି । ରୁଷ ସେନା ଓରେଶ୍ନିକ ହାଇପରସୋନିକ ଏବଂ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ବ୍ୟବହାର କରି ୟୁକ୍ରେନର ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା । ଏହି କ୍ଷେପଣାସ୍ତ୍ର ୟୁରୋପିଆନ ୟୁନିୟନ ଓ ନାଟୋ ସୀମାରେ ହିଁ ପଡ଼ିଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରଣାଳୟ କହିଛି । ଏହି ଆକ୍ରମଣରେ ରାଜଧାନୀ କିଭର ଆପାର୍ଟମେଣ୍ଟ ବ୍ଲକଗୁଡିକ ପୋଡ଼ି ଯାଇଥିଲା । ୟୁକ୍ରେନ ରାଷ୍ଟ୍ରପତି ରୁଷ୍‌ର ଭୋଲୋଦିମିର ଜେଲେଁସ୍କି ଏହି ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି । ଏହି ଆକ୍ରମଣରେ ୨୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି ।

## ରାଜକୋଟ: ୧୨ ଘଣ୍ଟାରେ ୭ ଭୂକମ୍ପ

ରାଜକୋଟ, ୯ ।୧(ଏଜେନ୍ସି): ଗୁଜରାଟର ରାଜକୋଟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ଟି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି । ଏହି ଝଟ୍‌କା ନିହାତି ମାମୁଲି ଓ ହାଲ୍‌କା ଥିଲା । ଫଳରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ । ସେଣ୍ଟର ଫର ସିସ୍‌ମୋଲୋଜି ଅନୁଯାୟୀ, ଭୂକମ୍ପଗୁଡିକର ତୀବ୍ରତା ୨.୭ ଓ ୩.୮ ମଧ୍ୟରେ ମପାଯାଇଛି । ସତର୍କତା ସ୍ୱରୂପ ସ୍କୁଲଗୁଡିକୁ ବନ୍ଦ କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଭୂକମ୍ପର କେନ୍ଦ୍ରସ୍ଥଳ ଉପଲେଟାଠାରୁ ୨୮ କିମି ଦୂରରେ ଥିଲା । ବାରମ୍ବାର ଭୂକମ୍ପ ହୋଇଥିବାରୁ ଏକ ବଡ଼ ଭୂକମ୍ପ ଆସିବ ବୋଲି ଆଶଙ୍କା କରାଯାଉଛି । ଶୁକ୍ରବାର ସକାଳେ ୬ଟି ଭୂକମ୍ପ ଆସିଥିଲା । ତେବେ ପ୍ରଥମ ଭୂକମ୍ପ ଗୁରୁବାର ରାତି ୮.୪୩ରେ ଆସିଥିଲା । ଏହାପରେ ଦ୍ୱିତୀୟ ଭୂକମ୍ପ ସକାଳ ୬.୧୯, ତୃତୀୟ ୬.୫୫, ଚତୁର୍ଥ ୬.୫୮, ପଞ୍ଚମ ୭.୧୦, ଷଷ୍ଠ ୭.୧୩ ଓ ସପ୍ତମ ସକାଳ ୭.୩୩ରେ ଆସିଥିଲା । ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଜାନୁଆରୀରେ ଦେଶ ପାଇଁ ଏକ ନୂଆ ଭୂକମ୍ପ ମାନଚିତ୍ର ପ୍ରକାଶ କରିଥିଲା । ଏହି ନୂଆ ମାନଚିତ୍ର ଅନୁସାରେ ଭାରତର ୭୫ ପ୍ରତିଶତ ଜନସଂଖ୍ୟା ବର୍ତ୍ତମାନ ଭୂକମ୍ପ ଜନିତ ବିପଜ୍ଜନକ ଅଞ୍ଚଳରେ ବସବାସ କରୁଛନ୍ତି । ହିମାଳୟ ପର୍ବତମାଳା ଓ ତାଙ୍କ ନିକଟବର୍ତ୍ତୀ ଅଞ୍ଚଳକୁ ଅତି ଉଚ୍ଚ-ବିପଜ୍ଜନକ ଅଞ୍ଚଳ (ଜୋନ-୬)ରେ ରଖାଯାଇଛି ।

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ବୋମା ଧମକ

କୋଲକାତା, ୯ ।୧(ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି ବୋଲି ରାଜଭବନ ସୂତ୍ରରୁ ଜଣାଯାଇଛି । ରାଜଭବନର ଅଧିକାରୀମାନଙ୍କ କହିବା ଅନୁଯାୟୀ ଇ- ମେଲ ମଧ୍ୟରେ ଏହି ଧକମ ମିଳିଛି । ଏଥିସହ ମେସେଜରେ ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି । ପୁଲିସ ମାତ୍ର କେତେ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । କୋଲକତାର ସଲ୍ଟଲେକ୍ ଅଞ୍ଚଳରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ତାକୁ ପଚରା ଉଚରା କରାଯାଉଛି । ସେ କାହିଁକି ଏପରି ଧମକ ଦେଇଛି ଓ ଏହା ପଛରେ କି ଷଡଯନ୍ତ୍ର ରହିଛି ସେ ନେଇ ପୁଲିସ ଜାଣିବାକୁ ପ୍ରୟାସ କରୁଛି । ଏ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ୍ୟ ଏହି ଧମକ ବିଷୟରେ ଅବଗତ କରାଯାଇଛି । ରାଜ୍ୟପାଳଙ୍କ ସୁରକ୍ଷା ପାଇଁ ପୁଲିସ ଓ ସିଆରପିଏଫ୍‌ର ପ୍ରାୟ ୬୦ରୁ ୭୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟପାଳ ବୋଷ ଜେଡ୍-ପ୍ଲସ୍ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି । ପଶ୍ଚିମବଙ୍ଗରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ଧମକ ଆସିଛି । ଜାନୁଆରୀ ୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୋସିଆଲ ମିଡିଆ ତଥା ଆଇଟି ସେଲ୍‌ଫର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା । ଏହାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ରାଜନୈତିକ ଉଦ୍ଦେଶ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଥିଲେ । ଏ ନେଇ ରାଜପାଳ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସାମ୍ବିଧାନିକ ପଦରେ ଅଧିଷ୍ଠିତ ଥିବା ବ୍ୟକ୍ତିମାନେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରୀ କର୍ମଚାରୀମାନଙ୍କୁ ସରକାରୀ କର୍ତ୍ତବ୍ୟ ପାଳନ ବେଳେ ବାଧାଦେବା ଏକ ଦଣ୍ଡନୀୟ ଅପରାଧ । ସେପଟେ ମମତା ଜଣେ ଅସଫଳ ନେତ୍ରୀ ବୋଲି ବିଜେପି ଆଇଟି ସେଲ୍‌ଫର ମୁଖ୍ୟ ଅମିତ ମାଳବୀୟ କହିଛନ୍ତି । ମମତା ଓ ରାଜ୍ୟପାଳଙ୍କ ମଧ୍ୟରେ ତିକ୍ତତା ବହୁଦିନ ପୂର୍ବରୁ ଚାଲିଆସୁଛି ।

**ଆମେରିକା ମନ୍ତ୍ରୀଙ୍କ ଦାବି**

# ଟ୍ରମ୍ପଙ୍କୁ ମୋଦୀ ଫୋନ୍ ନ କରିବାରୁ ଅଟକିଲା ବାଣିଜ୍ୟ ଚୁକ୍ତି

- ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଲାଗିଛି
- ଭାରତର ଜବାବ: ଗତ ବର୍ଷ ୮ ଥର କଥା ହୋଇଥିଲେ ମୋଦୀ
- ଜୁଲାଇରେ ଟ୍ରମ୍ପଙ୍କ ଫୋନ କଲ୍‌କୁ ୪ ଥର ଉଠାଇ ନ ଥିଲେ ମୋଦୀ
- ଅହଙ୍କାର ପାଇଁ ଭାରତ ଉପରେ ୫୦% ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ



ୱାଶିଂଟନ, ୯।୧ (ଏଜେନ୍ସି): ଦୀର୍ଘ ଦିନ ହେଲା ଆମେରିକ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଅଟକି ରହିଛି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରି ନାହିଁ । ଭାରତର ଡାଏରୀ ଏବଂ କୃଷି କ୍ଷେତ୍ରରେ ଆମେରିକା ପଶିବାକୁ ଚାହୁଁଛି ବୋଲି ଅନେକ ଥର ରିପୋର୍ଟ ଆସିଛି । ମାତ୍ର ଭାରତ ଏପରି ଅନୁମତି ଦେଉ ନ ଥିବାରୁ ଚୁକ୍ତି ଆଗକୁ ବଢ଼ି ପାରୁ ନାହିଁ ବୋଲି କୁହାଯାଉଥିଲା । ଏବେ ଏଫଟିଏକୁ ନେଇ ଲାଗି ରହିଥିବା ଛକାପଞ୍ଝାର କାରଣ ସାମ୍ନାକୁ ଆସିଛି । ଟ୍ରମ୍ପଙ୍କ ଅହଙ୍କାର ପାଇଁ ଏଭଳି ହୋଇଛି । ଖୋଦ୍ ଆମେରିକା ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟନିକ ଏହି ଦାବି କରିଛନ୍ତି । କୌଣସି ନୀତି କିମ୍ବା ବିବାଦ ନୁହେଁ, ବରଂ ଟ୍ରମ୍ପଙ୍କ ଆଭିମୁଖ୍ୟ ଯୋଗୁଁ ଏଫଟିଏ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି । କାରଣ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ କରି ନ ଥିଲେ । ପ୍ରଧାନମନ୍ତ୍ରୀ ନିଜେ ଫୋନ କରି ଚୁକ୍ତି ଚୂଡ଼ାନ୍ତ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଥିଲେ । ମାତ୍ର ମୋଦୀ ଏପରି ନ କରିବାରୁ ଆମେରିକା ରାଷ୍ଟ୍ରପତିଙ୍କ ଅହଙ୍କାରକୁ ଆଘାତ ଲାଗିଥିଲା । ତେଣୁ ଟ୍ରମ୍ପ ଏଫଟିଏକୁ ଅଟକାଇ ରଖିଛନ୍ତି ।

ଅନ୍ୟପଟେ ଭାରତ ପକ୍ଷରୁ ହାୱାର୍ଡ ଲୁଟନିକଙ୍କ ଏଭଳି ମନ୍ତବ୍ୟକୁ ଖଣ୍ଡନ କରି ଦିଆଯାଇଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଗତ ବର୍ଷ ମୋଦୀ ଏବଂ ଟ୍ରମ୍ପ ୮ ଥର ଫୋନରେ କଥା ହୋଇଥିଲେ । ୨୦୨୫, ଫେବୃଆରୀ ୧୩ରୁ ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କାର୍ଯ୍ୟ କରୁଛନ୍ତି । ଏ ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହେଲାଣି । ଅନେକ ଥର ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ କଥା ପହଞ୍ଚିଛି । ଭାରତ ଲାଭଜନକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି । ଏଥିପାଇଁ ଦୁଇ ଦେଶ ମଧ୍ୟରେ ମୂଳଚାଲ ଜାରି ରହିଛି । ମୋଦୀ-ଟ୍ରମ୍ପ ୮ ଥର କଥା ହେବା ବାଣିଜ୍ୟ ଚୁକ୍ତି ପାଇଁ ଶୀର୍ଷ ନେତୃତ୍ୱ ସ୍ତରରେ ଚର୍ଚ୍ଚା ଜାରି ରହିଛି ବୋଲି ଦର୍ଶାଉଛି ।

ଏକ ପୋଡକାଷ୍ଟରେ ଲୁଟନିକ କହିଥିଲେ ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇ ଯାଇଥିଲା । ଆଲୋଚନା ଚୂଡ଼ାନ୍ତ କରିବା ପାଇଁ ଭାରତକୁ 'ତିନି ଶୁକ୍ରବାର' ସମୟ ଦିଆଯାଇଥିଲା । ଟ୍ରମ୍ପ ମଧ୍ୟ ଚୁକ୍ତିକୁ ମୋହର ମାରିବାକୁ ଚାହୁଁଥିଲେ । ଏଥପାଇଁ କେବଳ ରାଷ୍ଟ୍ରପତିଙ୍କୁ ମୋଦୀ କଲ୍ କରିବାର ଥିଲା । ମାତ୍ର ଭାରତୀୟ ପକ୍ଷ ଏପରି କରିବାରେ ଅସହଜ ଥିଲା ଏବଂ ମୋଦୀ ତାଙ୍କୁ କଲ୍ କରି ନ ଥିଲେ । ଭାରତ ବିଳମ୍ବ କରିବା ଯୋଗୁଁ ଅନ୍ୟ ଦେଶଙ୍କୁ ଲାଭ ମିଳିଥିଲା । ପ୍ରଥମେ ଭାରତ ସହ ଚୁକ୍ତି ହେବ ବୋଲି ଆମେ ଭାବିଥିଲୁ, କିନ୍ତୁ ମୋଦୀ କଲ୍ ନ କରିବାରୁ ଇଣ୍ଡୋନେସିଆ, ଫିଲିପିନ୍ସ ଏବଂ ଭିଏତନାମ ସହ ଚୁକ୍ତି ହୋଇଥିଲା । ବ୍ରିଟେନର ଉଦାହରଣ ଦେଇ ଲୁଟନିକ କହିଥିଲେ ଯେ ସମୟସୀମା ଶେଷ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଟ୍ରମ୍ପଙ୍କୁ ଫୋନ କରିଥିଲେ । ଏହାର ଦିନକ ପରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ଘୋଷଣା କରାଯାଇଥିଲା ।

ଏବେ ଆମେରିକା ପୁରୁଣା ସର୍ତ୍ତକୁ ମାନୁନାହିଁ । ନୂଆ ସର୍ତ୍ତ ରଖିଥିବାରୁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଲୁଟନିକ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ସହମତି ହୋଇଥିବା ବାଣିଜ୍ୟ ଚୁକ୍ତିରୁ ଆମେରିକା ପଛକୁ ହଟି ଯାଇଛି । ଏବେ ସେହି ପୁରୁଣା ଅଫର ବିଷୟରେ ଚିନ୍ତା କରାଯାଉ ନାହିଁ । ପୁଣି ଆଲୋଚନା ହେଲେ ଭାରତକୁ ନୂଆ ଏବଂ ଅଧିକ କଠୋର ସର୍ତ୍ତର ସାମ୍ନା କରିବାକୁ ପଡ଼ିପାରେ । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜୁଲାଇରେ ଟ୍ରମ୍ପ ମୋଦୀଙ୍କୁ ୪ ଥର କଲ୍ କରିଥିଲେ । ମାତ୍ର ପ୍ରତ୍ୟକ ଥର ପ୍ରଧାନମନ୍ତ୍ରୀ ଫୋନ ଉଠାଇ ନ ଥିଲେ । ଆଲୋଚନାର ଫଳାଫଳକୁ ଟ୍ରମ୍ପ ବଢ଼େଇଚଢ଼େଇ କହିପାରିନ୍ତି ବୋଲି ଭାରତ ପକ୍ଷରୁ ଆଶା କରାଯାଇଥିଲା । ଏହା ସହିତ ଭାରତ-ପାକିସ୍ତାନ ସଂଘର୍ଷରେ ମଧ୍ୟସ୍ଥତା କରିଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି । କିନ୍ତୁ, ମୋଦୀ ଏହାକୁ ଖାରଜ କରିଦେଇ ଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଦେଇଥିବାର ଫଳ ଭାରତକୁ ଭୋଗିବାକୁ ପଡୁଛି । ରୁଷଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ମୋଟ ଶୁଳ୍କକୁ ୫୦ ପ୍ରତିଶତ କରି ଦେଇଥିଲେ । ଏହା ପରେ ସେପ୍ଟେମ୍ବର ୧୭ରେ ମୋଦୀଙ୍କ ଜନ୍ମଦିନ ଅବସରରେ ଟ୍ରମ୍ପ ଫୋନ କରିବାରୁ ମାମଲା ଟିକେ ଶାନ୍ତ ପଡ଼ିଥିଲା । ଉଭୟେ ଦୀପାବଳି ଏବଂ ଡିସେମ୍ବରରେ ମଧ୍ୟ ଫୋନ୍‌ରେ କଥା ହୋଇଥିଲେ । ଏହା ସତ୍ତ୍ୱେ ବି ବାଣିଜ୍ୟ ଚୁକ୍ତି ଅଟକି ରହିଥିଲା । ସୂଚନାଯୋଗ୍ୟ ଯେ ୨୦୨୪ରେ ଭାରତ-ଆମେରିକା ମଧ୍ୟରେ ୧୧ ଲକ୍ଷ କୋଟିର କାରବାର ହୋଇଥିଲା । ଏହି ଅବଧିରେ ଆମେରିକା ଭାରତକୁ ୩.୪୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିଲା । ସେହିପରି ଭାରତ ୭.୩୫ ଲକ୍ଷ କୋଟିର ସାମଗ୍ରୀ ପଠାଇ ଥିଲା । କାରବାରରେ ବାଣିଜ୍ୟ ନିଅଣ୍ଟ ବଢୁଥିବାରୁ ଆମେରିକା ଅସନ୍ତୁଷ୍ଟ ଥିଲା ।

## କନେଷ୍ଟବଲଙ୍କ ମା'ଙ୍କୁ ଭୁଜାଲି ଦେଖାଇ ଲୁଟିନେଲେ ଗହଣା



**ଲୁଟିନେଲେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା**

**ପୁଲିସର ବିଳମ୍ବିତ ପଦକ୍ଷେପକୁ ନେଇ ତାତିଲେ ଗ୍ରାମବାସୀ**

ବାରିପଦା/ବଡ଼ସାହି, ୯ ।୧(ସମିସ): ଘରେ ପଶି କନଷ୍ଟେବଲଙ୍କ ରୋଗିଣା ମା'ଠାରୁ ଝାମ୍ପିନେଲେ ୮ ଲକ୍ଷର ଗହଣା । ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଭୀମିଦା ପଞ୍ଚାୟତର ଟିକାୟତପୁର ଗ୍ରାମରେ ଗୁରୁବାର ସଂଧ୍ୟାରେ ଏହି ଘଟଣା ଘଟିଛି । ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ, ବେତନଟୀ କୋର୍ଟରେ କାର୍ଯ୍ୟରତ ପୁଲିସ କନେଷ୍ଟବଲ ଶ୍ରୀନିବାସ ବେହେରାଙ୍କ ମା' ହେମଲତା ବେହେରା (୮୨) । ଅପରପକ୍ଷେ, ଭୀମିଦା ପୁଲିସ ଆଉଟ୍‌ପୋଷ୍ଟଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଘଟଣା ଘଟିଥିବା ବେଳେ ପୁଲିସର ବିଳମ୍ବିତ କାର୍ଯ୍ୟାନୁଷ୍ଠାନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସାଇଣ୍ଟିଫିକ୍ ଟିମ୍ ସହ ବଡ଼ସାହି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

କନେଷ୍ଟବଲ ଶ୍ରୀନିବାସଙ୍କ ଗାଁ ଘରେ ତାଙ୍କ ମା' ହେମଲତାଙ୍କ ସମେତ ସାନଭାଇ ସୁଶାନ୍ତ ରହନ୍ତି । ଗୁରୁବାର ସନ୍ଧ୍ୟାରେ ସୁଶାନ୍ତ ବାହାରୁ ତାଲା ପକାଇ ଭୀମିଦା ଛକସ୍ଥିତ ଔଷଧ ଦୋକାନକୁ ଯାଇଥିଲେ । ଏହି ସମୟରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ତାଙ୍କ ଘରେ ପଶିଥିଲେ । ହେମଲତାଙ୍କୁ ଭୁଜାଲି ଦେଖାଇ ସୁନାହାର ଓ ହାତରୁ ସୁନା ଚୁଡ଼ି ଖୋଲି ନେବା ସହିତ ଦୁଇକାନରୁ ସୁନାର ପେଣ୍ଡା କାନଫୁଲ ଛିଣ୍ଡାଇ ଚମ୍ପଟ ମାରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଜଣଙ୍କ ବଡ଼ ପାଟିରେ ଡାକ ପକାଇବାରୁ ପଡ଼ୋଶୀମାନେ ପହଞ୍ଚି ସାନପୁଅକୁ ଜଣାଇବାରୁ ସଙ୍ଗେ ସଙ୍ଗେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଘଟଣାସ୍ଥଳରୁ ମାତ୍ର ୨୦୦ ମିଟର ଦୂରରେ ଥିବା ପୁଲିସ ଆଉଟପୋଷ୍ଟର ଜମାଦାର ଓ କର୍ମଚାରୀଙ୍କ ନିଷ୍କ୍ରିୟତାକୁ ଦାୟୀ କରି ଶୁକ୍ରବାର ଗ୍ରାମବାସୀ ତାତିଥିଲେ । ଖବର ପାଇ ବଡ଼ସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରି ପ୍ରାକ୍ତନ ଜାମାଦାର ଦିଲ୍ଲୀପ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଅର୍ପଣ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

### ପୋଲାଭରମ୍ ସମସ୍ୟା ସମାଧାନ ନ ହେଲେ

## ଡବଲ ଇଞ୍ଜିନ ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି




ଭୁବନେଶ୍ୱର, ୯ ।୧(ସମିସ): ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟର ବିଜେପି ସରକାର ମାଲକାନଗିରି ଓ ଓଡ଼ିଶାର ଲୋକଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବେ ଅସମ୍ବେଦନଶୀଳ ହୋଇଯାଇଛି ।

**ପ୍ରକଳ୍ପ ଦ୍ୱାରା ହଜାର ହଜାର ଆଦିବାସୀ ପ୍ରଭାବିତ ହେବେ**

**ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ଜଳମଗ୍ନ ହେବ**

**ଆଦିବାସୀ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପାଇଁ ହସ୍ତକ୍ଷେପ କରନ୍ତୁ**

ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସି ଯିବାକୁ ବସିଲେଣି; କିନ୍ତୁ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ସରକାର ଏଥିପ୍ରତି ଚିନ୍ତିତ ନାହାନ୍ତି । ଯଦି ଡବଲ ଇଞ୍ଜିନ ସରକାର ଏହି ସମସ୍ୟାର ସମାଧାନ କରିପାରିବନାହିଁ, ତେବେ ବିଜୁ ଜନତା ଦଳ ଆଦିବାସୀ ଓ ମାଲକାନଗିରିବାସୀଙ୍କ ଅଧିକାର ଓ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡି ଚେତାବନୀ ଦେଇଛି ।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପ୍ରତିନିଧିମଣ୍ଡଳୀ ୨୦୨୪ ଅଗଷ୍ଟରେ ମାଲକାନଗିରି ଜିଲ୍ଲାର ପ୍ରଭାବିତ ମୋଟୁ ଅଞ୍ଚଳ ଏବଂ ୨୦୨୪ ସେପ୍ଟେମ୍ବରରେ ପୋଲାଭରମ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ । ୨୦୨୪ ଡିସେମ୍ବର ଓ ୨୦୨୫ ଅଗଷ୍ଟରେ, ଏହି ପ୍ରତିନିଧି ଦଳ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଆଦିବାସୀ ଏବଂ ମାଲକାନଗିରି ପ୍ରଭାବିତ ଲୋକଙ୍କ ସମସ୍ୟା ଉଠାଇଥିଲେ । ଏହାସହିତ କେନ୍ଦ୍ର ପରିବେଶ ମନ୍ତ୍ରୀ ଓ କେନ୍ଦ୍ରୀୟ ଜଳ କମିସନ ଅଧ୍ୟକ୍ଷଙ୍କ ସହ ବିଜେଡି ସଦସ୍ୟ ଆଲୋଚନା କରିଥିଲେ; ହେଲେ ଏହାର କୌଣସି ସୁଫଳ ମିଳି ନାହିଁ ।

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ୨୦୦୬ ମସିହାରେ ଓଡିଶା ସମେତ ପ୍ରଭାବିତ ରାଜ୍ୟଗୁଡିକ ସହିତ କୌଣସି ଆଲୋଚନା ନ କରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଛି । ରାଜ୍ୟ ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ପ୍ରକଳ୍ପ ନିମନ୍ତେ ମିଳୁଥିବା ଅନୁମତିଗୁଡିକର ନିୟମ ଉଲ୍ଲଂଘନ ନେଇ ପ୍ରତିବାଦ ଜଣାଯାଇଥିଲା । ଆନ୍ଧ୍ରପ୍ରଦେଶ ସରକାର ୫୦ ଲକ୍ଷ କ୍ୟୁସେକ ଆଧାରରେ ବ୍ୟାକ୍ ୱାଟର ଅଧ୍ୟୟନ କରିଥିଲେ, ଯାହା ଅନୁଯାୟୀ କୋଣ୍ଟାରେ ଜଳମଗ୍ନତା ସ୍ତର ୨୨୦ ଫୁଟ୍ ହେଉଥିଲା । ପରେ ଓଡ଼ିଶା ସରକାର ଆଇଆଇଟି ରୁରକୀ ଦ୍ୱାରା ବ୍ୟାକ୍ ୱାଟର ଅଧ୍ୟୟନ କରାଇଥିଲେ । ଏହି ଅନୁଯାୟୀ ବନ୍ୟା ଜଳ ନିଷ୍କାସନ କ୍ଷମତା ୫୮ ଲକ୍ଷ କ୍ୟୁସେକ ଓ କୋଣ୍ଟା ପଏଣ୍ଟରେ ଜଳମଗ୍ନତା ସ୍ତର ୨୩୨ ଫୁଟ୍ ହେବ ବୋଲି ରିପୋର୍ଟ ଆସିଥିଲା । ତେଣୁ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର ବୋଲି ବିଜେଡି ଦାବି କରୁଛି ।

ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ହଜାର ହଜାର ଆଦିମ ଆଦିବାସୀ ଓ ସେମାନଙ୍କ ଜୀବିକା ଏହି ପ୍ରକଳ୍ପ ସମାପ୍ତ ହେଲେ ଗଭୀର ଭାବେ ପ୍ରଭାବିତ ହେବ । ଅନେକ ଜଙ୍ଗଲ ସମ୍ପଦ, ଯାହା ଏହି ଆଦିବାସୀ ଓ ଅନ୍ୟ ଜାତିଗୋଷ୍ଠୀ ଉପର ନିର୍ଭର କରନ୍ତି, ସେଗୁଡିକ ମଧ୍ୟ ନଷ୍ଟ ହେବ ।

ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ବିଜେଡି ଏହି ପ୍ରସଙ୍ଗ ଅନେକ ଥର ସଂସଦରେ ଉଠାଇଛି ଓ ସମ୍ବନ୍ଧିତ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କରିଆସୁଛି; ତଥାପି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପାରଦର୍ଶିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି ।

ଦଳର ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝି କହିଛନ୍ତି ଯେ ଓଡିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚାଲିଛି । କିନ୍ତୁ ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ହଜାର ହଜାର ଆଦିମ ଆଦିବାସୀ ଓ ଅନ୍ୟ ଜାତି ସମୁଦାୟ ପ୍ରଭାବିତ ହୋଇଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି । ଗତ ୧୮ ମାସରେ ଜଳସମ୍ପଦ, ଆଦିବାସୀ କଲ୍ୟାଣ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ କିମ୍ବା ଭାରତ ସରକାରଙ୍କୁ ସେ କେତୋଟି ଚିଠି ଲେଖିଛନ୍ତି ବୋଲି ଡଃ ମାଝୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଛନ୍ତି ।

## ହିମ୍ସ ପୋର୍ଟାଲ୍‌ରେ ତଥ୍ୟ ଦେଉ ନାହାନ୍ତି ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୯ ।୧(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ତଥ୍ୟ ଏକତ୍ରିତ କରିବା ପାଇଁ ସରକାର ଏଚ୍‌ଆଇଏମ୍‌ଏସ୍ (ହିମ୍ସ) ପୋର୍ଟାଲ୍ କରିଛନ୍ତି । ତହିଁରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ ଶିକ୍ଷାନୁଷ୍ଠାନର ପ୍ରତିଟି ତଥ୍ୟକୁ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବହୁ ଶିକ୍ଷାନୁଷ୍ଠାନ ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଭାବେ ଉଲଂଘନ କରୁଛନ୍ତି । କିଛି ଶିକ୍ଷାନୁଷ୍ଠାନ ମିଥ୍ୟା ତଥ୍ୟ ଅପଲୋଡ୍ କରୁଥିବାବେଳେ ଆଉକିଛି ଶିକ୍ଷାନୁଷ୍ଠାନ ମୂଳରୁ ତଥ୍ୟ ଉପଲୋଡ୍ କରୁ ନାହାନ୍ତି । ଏପରିକି ୪୦ ଟି ଶିକ୍ଷାନୁଷ୍ଠାନ ମୂଳରୁ କର୍ମଚାରୀଙ୍କ ତଥ୍ୟ ଅପଲୋଡ୍ କରି ନଥିବା ଜଣାପଡ଼ିଛି ।

**୪୦ ଖିଲାପକାରୀ ମହାବିଦ୍ୟାଳୟ ତାଲିକା ପ୍ରକାଶ କଲା ବିଭାଗ**

ବରଗଡ଼ ଜିଲ୍ଲାର ଅଞ୍ଚଳ ଡିଗ୍ରୀ କଲେଜ, ବରପାଲି, ସୋହେଲା, ଦଧିବାମନ କଲେଜ ସମେତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ସେମାନଙ୍କ କର୍ମଚାରୀଙ୍କ ତଥ୍ୟ ଦେଇ ନାହାନ୍ତି । ସେହିପରି ଭଦ୍ରକ ଜିଲ୍ଲାର ଆଗରପଡ଼ା, ଚରମ୍ପା, ଧାମନଗର, ନାମି ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ମଧ୍ୟ ତଥ୍ୟ ଲୁଚାଇଛନ୍ତି । ଅନୁରୂପ ଭାବେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ସେନପୁର ଜିଲ୍ଲାର ୩ ଟି ଲେଖାଏଁ ମହାବିଦ୍ୟାଳୟ ଥିବାବେଳେ କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେଉଁଝର ଜିଲ୍ଲାର ଦୁଇଟି ଲେଖାଏଁ, ବଲାଙ୍ଗିର, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ଲେଖାଏଁ ମହାବିଦ୍ୟାଳୟ ତଥ୍ୟ ଦାଖଲ କରିବାରେ ଖିଲାପ କରିଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଖିଲାପକାରୀ ମହାବିଦ୍ୟାଳୟର ତାଲିକା ଜାରି କରି ତୁରନ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି । ଅପରପକ୍ଷରେ କିଛି ମହାବିଦ୍ୟାଳୟ ସେମାନଙ୍କ ମିଥ୍ୟ ତଥ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରିଛନ୍ତି । ଅତିଥି ଅଧ୍ୟାପକଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ ଭାବେ ଦର୍ଶାଇଛନ୍ତି । ଫଳରେ ପରବର୍ତ୍ତୀ ସମୟରେ ତଞ୍ଚକତା କରି ସେମାନଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ କରିବାକୁ ମସୁଧା କରୁଥିବା ବିଭାଗ ପାଖରେ ପୁଳାପୁଳା ଅଭିଯୋଗ ହୋଇଛି ।

### ସତ୍କାର ପାଇଁ ଭାଇ-ଭାଇ ମଧ୍ୟରେ ବିବାଦ

## ୪୦ ଘଣ୍ଟା ପଡ଼ିରହିଲା ବାପାର ଶବ

ଜଲେଶ୍ୱର, ୯ ।୧ (ସମିସ): ଶବ ସଂସ୍କାର ପାଇଁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଯୋଗୁଁ ୪୦ଘଣ୍ଟା ପଡ଼ିରହିଲା ବାପାର ଶବ । ମୟୂରଭଞ୍ଜ ଜିଲ୍ଲା ରାଇବଣିଆ ଥାନା କାଳିକ ପଞ୍ଚାୟତର ରଙ୍ଗାମାଟିଆ ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି । ଶେଷରେ ପୁଲିସ ହସ୍ତକ୍ଷେପ ପରେ ଶବ ସଂସ୍କାର କରାଯାଇଥିଲା ।

ସୂଚନାନୁଯାୟୀ, ରଙ୍ଗମାଟିଆ ଗାଁର ଛୁଟା ହାଁସଦା(୯୫)ଙ୍କ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା ତାଙ୍କ ସାନପୁଅ ଭୀମା ହାଁସଦା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିବାରୁ ବାପାଙ୍କ ଶବକୁ ନିଜ ବାଡ଼ିରେ କବର ଦେବାକୁ ଚାହିଁଥିଲା । କିନ୍ତୁ ଏହାକୁ ଅନ୍ୟ ଭାଇମାନେ ବିରୋଧ କରିଥିଲେ । ଆଦିବାସୀଙ୍କ ଗ୍ରାମସଭାର ସଦସ୍ୟମାନଙ୍କ ସହ ମିଶି ଶବକୁ କବର ନ ଦେଇ ସାନ୍ତାଳ ରୀତିନୀତିରେ ସତ୍କାର କରିବା ପାଇଁ ଜିଦ୍ କରିଥିଲେ । ଫଳରେ ଭାଇମାନଙ୍କ ମଧ୍ୟରେ ବିବାଦ ଯୋଗୁଁ ଛୁଟାଙ୍କ ଶବ ପ୍ରାୟ ୪୦ ଘଣ୍ଟା ଧରି ଘରେ ପଡ଼ି ରହିଥିଲା । ଖବର ପାଇ ରାଇବଣିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ନମାଣିଆଠାରେ ଛୁଟାଙ୍କ ଶବ ସତ୍କାର କରାଯାଇଥିଲା ।

## ବାପାର ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ



ମହୁଲଡିହା, ୯ ।୧(ସମିସ): ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଥାନାରେ ବାପାର ଆତ୍ମସମର୍ପଣ । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ ଏହି ଘଟଣା ଘଟିଛି । ମୃତକ ହେଲେ, ଭରାଣ୍ଡିଆ ଗ୍ରାମର ତପନ ବାଇଁଶିଆ । ପୁଲିସ ଅଭିଯୁକ୍ତ ପୁଅ ଅନାମ ବାଇଁଶିଆ (୬୨)କୁ ଗିରଫ କରି ତଦନ୍ତ ଚଳାଇଛି । ଏହାସହ ତପନର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି ।

ଅଧିକାଂଶ ସମୟରେ ତପନ ମଦ ପିଉଥିବାରୁ ପରିବାରରେ କଳହ ହେଉଥିଲା । ବିଶେଷକରି ବାପା ଅନାମ ତାକୁ ବିରୋଧ କରୁଥିବାରୁ ବହୁ ସମୟରେ ବାପା-ପୁଅଙ୍କ ଝଗଡ଼ା ହେଉଥିଲା । ଗୁରୁବାର ରାତିରେ ତପନ ପୁଣିଥରେ ମଦ ପିଇ ଘରକୁ ଫେରିବାରୁ ଅନାମ ତାକୁ ଗାଳିଗୁଲଜ କରିଥିଲେ । ତପନ ମଧ୍ୟ ପାଟିତୁଣ୍ଡ କରିବାରୁ ଅନାମଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା । ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ଆକ୍ରମଣ କରି ତପନକୁ ହତ୍ୟା କରି ଦେଇଥିଲା । ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ଅନିତା ସ୍ୱାଇଁ, ଏଏସଆଇ ଅମରେଶ ବାରିକ ଓ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଏନେଇ ଥାନାରେ ୭/୨୬ରେ ଏକ ମାମଲା ରୁଜୁ ହୋଇଛି ।

### ବେହେରଣ ଦ୍ୱାରରେ ଖଙ୍କାର

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୯ ।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ । ବେହେରଣ ଦ୍ୱାର ଭିତର ପଟେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି । ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି । ଶୁକ୍ରବାର ସକାଳ ୬ଟା ୫ରେ ଦ୍ୱାର ଫିଟିଥିଲା । ୭ଟାରେ ମଙ୍ଗଳ ଆଳତି ପରେ ମଇଲମ, ରୋଷହୋମ ପରେ ସକାଳ ୭ଟା ୨୫ରେ ତଡ଼ପଲାଗି ସରିଥିଲା । ଏହି ସମୟରେ ବେହେରଣ ଦ୍ୱାର ଭିତର ପଟେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା । ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା । ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା । ସକାଳ ୮ଟା ୫୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ । ୮ଟା ୫୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା, ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା । ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା । ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା ।





ରାଜ୍ୟରେ କୃଷି ବପଣନକୁ ସୁବ୍ୟବସ୍ଥିତ କରିବାପାଇଁ ସମବାୟ ବିଭାଗ ଅଧୀନରେ କୃଷି ବିପଣନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଅଛି । ଏହି ନିର୍ଦ୍ଦେଶାଳୟ ଅଧୀନରେ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଓ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟ କରୁଅଛି ।

**ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ଲକ୍ଷ୍ୟ**

ବିକ୍ରି ପାଇଁ ନିର୍ଦ୍ଦିଷ୍ଟ କୃଷିଜାତ ଦ୍ରବ୍ୟର ସଠିକ ଓଜନ ମାପ

- କୃଷକମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ବିକ୍ରୟ ଏବଂ ଉଚିତ୍ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରିବା ।
- କୃଷକମାନଙ୍କୁ ଦଲାଲ୍ ମାନଙ୍କ ଶୋଷଣରୁ ରକ୍ଷା କରିବା ।
  ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରାଜ୍ୟର ୩୧୪ ଗୋଟି ବ୍ଲକରେ ମୋଟ ୪୧୫ ଗୋଟି ବଜାର ପ୍ରାଙ୍ଗଣ ରହିଛି ।
  ଓଡ଼ିଶା ରାଜ୍ୟରେ ଥିବା ବିଭିନ୍ନ ପ୍ରକାର କୃଷି ଜାତୀୟ ବଜାର
- ମୁଖ୍ୟ କୃଷି ବଜାର ପ୍ରାଙ୍ଗଣ – ୫୪ ଗୋଟି, ଉପ ବଜାର ପ୍ରାଙ୍ଗଣ – ୩୧୬ ଗୋଟି, କୃଷକ ବଜାର – ୪୩ ଗୋଟି ମକା ବଜାର – ୩ ଗୋଟି, କପା ବଜାର – ୧୪ ଗୋଟି, ଗୋରୁ ହାଟ – ୧୦୬ ଗୋଟି, ମାଛ ହାଟ – ୩ ଗୋଟି
- ୩୩୪୨୫୦ ମେଟ୍ରିକ୍ ଟନ ବିଶିଷ୍ଟ ୮୬୩ ଗୋଟି ଗୋଦାମ ଗୃହ, ୨୦୪ ଗୋଟି ଧର୍ମକଣ୍ଟା, ୧୨ ଗୋଟି ଶୀତଳୀକରଣ ଭଣ୍ଡାର କରାଯାଇଅଛି ।
- ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରତି ଧାନ ସଂଗ୍ରହ କେନ୍ଦ୍ରକୁ ଆବଶ୍ୟକୀୟ ଯନ୍ତ୍ରପାତି ଦିଆଯାଇଅଛି ।
- ଓଡ଼ିଶାର ଚାଷୀମାନଙ୍କୁ ସେମାନଙ୍କର ଫସଲ ରାଜ୍ୟ ଓ ରାଜ୍ୟ ବାହାରେ ଇ - ନିଲାମ ମାଧ୍ୟମରେ ବିକ୍ରି କରେଇବା ଉଦ୍ଦେଶ୍ୟରେ ରାଜ୍ୟରେ ଥିବା ସମସ୍ତ ୬୬ ଗୋଟି ନିୟନ୍ତ୍ରଣ ବଜାର କମିଟିକୁ ରାଷ୍ଟ୍ରିୟ କୃଷି ବଜାର ସହ ସଂଯୋଗ କରାଯାଇଅଛି (ଇ - ନାମ ଜରିଆରେ)
- ଚାଷୀ ଘରେ ବସି ନିଜ ଉତ୍ପାଦିତ ଦ୍ରବ୍ୟକୁ ସୁଲଭ ଦରରେ ବିକ୍ରି କରିବାପାଇଁ ସୁବିଧା ଉଠାଇ ପାରିବେ ।
  ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ.ସି.) ସମ୍ବନ୍ଧୀୟ ସେବା ଏବଂ ସୂଚନା ପାଇଁ ଇ - ନାମ ସେବା ପ୍ରଦାନ କରେ ।

"ହାଟେ ବିକ୍ରି ହାତେ ଚାଷ, ବାଟେ ବିକ୍ରି ସର୍ବନାଶ"





## ପିୟୁସିସି ନାମରେ ସରକାରଙ୍କ ଗୁଣ୍ଡାବଟି ଆଦାୟ: କଂଗ୍ରେସ

### ସୁଭଦ୍ରା ଓ ଧାନ କିଣା ଟଙ୍କା ଦେବାକୁ କର କଷଣ




ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟରେ ସାଧାରଣ ଲୋକଙ୍କଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନାମରେ ଜୋରିମାନା ଆଦାୟକୁ କଡ଼ା ବିରୋଧ କରିଛି କଂଗ୍ରେସ । ପ୍ରଦୂଷଣ ଆଇନକୁ ଆଳ କରି ସରକାର ଜିଜିଆ କର ଆଦାୟ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି । ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନାଟକ ବିରୋଧରେ ଆସନ୍ତାକାଲି ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଘୋଷଣା କରିଛି ।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, କୌଣସି ମାନଦଣ୍ଡ ନଥାଇ ସରକାର ସାଧାରଣ ଲୋକଙ୍କଠାରୁ ମନଇଚ୍ଛା ଫାଇନ ଅସୁଲ କରୁଛନ୍ତି । ସମଗ୍ର ରାଜ୍ୟରେ କର ଅସୁଲି ପାଇଁ ହାହାକାର ପଡିଛି । ସାଧାରଣ ଖାଉଟି, କୃଷକ, ଛୋଟ ବେପାରୀ, ଛୋଟ ଚାକିରିଆ ଏପରିକି ବେକାରୀ ଯୁବକଙ୍କ ଉପରେ ମଧ୍ୟ ଫାଇନ ପଡୁଛି । ପରାଧୀନ ଭାରତରେ ଓଡ଼ିଶାବାସୀ ବିପ୍ଳବ କରିଥିଲେ । ଜଗନ୍ନାଥଙ୍କ ରାଜ୍ୟ ଶାନ୍ତ ସରଳ ବୋଲି ବାରମ୍ବାର କର ଅସୁଲିର ଅତ୍ୟାଚାର ଚାଲିଛି । ଗୋଟିଏ ଗାଡି ଉପରେ ବିଭିନ୍ନ ପ୍ରକାର କର ଅସୁଲି ଚାଲିଛି । ତାପଜ କେନ୍ଦ୍ର,

**ପୁରୀ ଓ ଓଡ଼ିଶାକୁ ବଦନାମ କରିବାକୁ ପାର୍କିଂ ଫି ବୃଦ୍ଧି**

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**

ପାଉଁଶ, ତୈଳ ବିଶୋଧନାଗର, ଖଣି ଆଦିରୁ କେତେ ପ୍ରଦୂଷଣ ହେଉଛି ସରକାର ପରୀକ୍ଷା କରିବା ଦରକାର । ଏହି ସଂସ୍ଥାଗୁଡ଼ିକ ଓଡ଼ିଶାର ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ପ୍ରଦୂଷିତ କରି ଦେଲେଣି । ମାତ୍ର ସମସ୍ତ କମ୍ପାନୀଙ୍କ ପ୍ରଦୂଷଣ ମୁକ୍ତ ସାର୍ଟିଫିକେଟ ନବୀକରଣ ହେଉଛି । ଫେବୃଆରୀରେ ବିଧାନସଭା ଘେରାଉ ହେବ ଏବଂ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ । ପିୟୁସିସି ନାମରେ ପୁଲିସ ଦ୍ୱାରା ସରକାର ଯେଉଁ ଗୁଣ୍ଡାଗିରି କରୁଛି ତାହା ବନ୍ଦ କରିବାକୁ ସେ ଦାବି କରିଛନ୍ତି । ଯଦି ଲୋକଙ୍କ ଦ୍ୱାରା ନିର୍ବାଚିତ ତେବେ ଲୋକଙ୍କୁ ସରକାର ସମ୍ମାନ କରନ୍ତୁ ଓ ପ୍ରଦୂଷଣ କରୁଥିବା କମ୍ପାନୀକୁ ପ୍ରଥମେ ଯାଞ୍ଚକରି ପ୍ରଦୂଷଣ ମୁକ୍ତ କରନ୍ତୁ ବୋଲି ଭକ୍ତ କହିଛନ୍ତି ।

ଏହି ଅବସରରେ ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନଭିଳାଷୀଙ୍କ ଗାଡି ଉପରେ କର କାହିଁକି ଲାଗିବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି । ଭକ୍ତଙ୍କୁ ଆତଙ୍କିତ କରାଯାଉଛି । ଜଗନ୍ନାଥ ଧାମ ପୁରୀର ଗୁରୁତ୍ୱ କମାଇବା ଓ ଲୋକଙ୍କ ସଂଖ୍ୟା ହ୍ରାସ ପାଇଁ ପାର୍କି ଫି ବୃଦ୍ଧି କରାଯାଉଛି । ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ କରୁନାହାନ୍ତି । କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ କରାଯାଉଛି । ସରକାରଙ୍କ ପାଖରେ ଏବେ ଧାନ କିଣିବା ଓ ସୁଭଦ୍ରା ଯୋଜନା ପାଇଁ ପଇସା ନାହିଁ । ତେଣୁ ଜୋର ଜବରଦସ୍ତ କର ଆଦାୟ କରୁଛନ୍ତି ବୋଲି ଭକ୍ତ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରଦୂଷଣ ଯାଞ୍ଚ ସହିତ ବକେୟା ଫାଇନର କଣ ସମ୍ପର୍କ ଅଛି ବୋଲି ପ୍ରଶ୍ନ କରିବା ସହ କେଉଁ ସ୍ଥାନରେ କେଉଁ ଗାଡି କେତେ ଗତିରେ ଯିବ ତାପାଇଁ ରାସ୍ତାରେ ପର୍ଯ୍ୟାପ୍ତ ଫଳକ ନାହିଁ ବୋଲି କହିଛନ୍ତି । ଯୁବ ନେତା ମନୋଜ ବିଶ୍ୱାଳ ପ୍ରଦୂଷଣ ନାମରେ ସାଧାରଣ ଜନତାଙ୍କ ତଣ୍ଟି ଚିପି ଫାଇନ ଆଦାୟକୁ କଂଗ୍ରେସ ବିରୋଧ କରୁଛି ବୋଲି କହିବା ସହ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ବିସ୍ଥାପିତ ପରିବାରଙ୍କୁ କମ୍ବଳ ବଣ୍ଟନ

ବଡ଼ଚଣା, ୯।୧(ସମିସ): ଚଣ୍ଡିଖୋଲ ଅଞ୍ଚଳରୁ କିଛି ଦିନ ତଳେ ୧୫ଟି ଆଦିବାସୀ ପରିବାରକୁ ବିସ୍ଥାପିତ କରାଯାଇଥିଲା। ବାଧାବିଘ୍ନ ପରେ ତାଙ୍କୁ ଦର୍ପଣ ତହସିଲ ତରଫରୁ କେବଳ ଜରିପାଲ ଦେଇ ସେଠାରେ ରହିଥିବା ଆଦିବାସୀ ଘର ଭାଙ୍ଗି ବିଦା କରିଦିଆଯାଇଥିଲା। ବର୍ତ୍ତମାନ ଚଣ୍ଡିଖୋଲ ଅଗ୍ନିଶମ କାର୍ଯ୍ୟାଳୟ ପଛପଟେ ବସବାସ କରୁଥିବା ଏହି ପରିବାର ହାଡ଼ଭଙ୍ଗା ଶୀତ, ଘନକୁହୁଡିରେ ଅତି ଦୟନୀୟ ଅବସ୍ଥାରେ ଛୁଆ ପିଲା ନେଇ ରହୁଛନ୍ତି। ଏହା ଖବର ପାଇ ସୁଙ୍ଗୁଡା ପଞ୍ଚାୟତର ସମାଜସେବୀ ଦେବଦତ୍ତ ଜେନା ୧୫ଟି ପରିବାରକୁ ୫୦ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଛନ୍ତି। ଏଥିରେ ସଞ୍ଜୟ କୁମାର ସ୍ୱାଇଁ, ମସିର୍ ଆଲାମ୍, ସେକ ସବିରୁଦ୍ଦିନ, ବିଶ୍ୱଜିତ ଜେନା, କାଳନ୍ଦୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କମ୍ବଳ ଓ ବସ୍ତ୍ର ବଣ୍ଟନ

ଯାଜପୁର, ୯।୧(ସମିସ): ଜିଲ୍ଲାର ଅବସରପ୍ରାପ୍ତ ଭାରତୀୟ ବାୟୁସେନା ସଂଘ ଆନୁକୂଲ୍ୟରେ ଯାଜପୁର ସହର ବାଣପୁର ଗ୍ରାମର ଓସ୍ତପଡିଆ ସ୍ଥିତ ଅଙ୍ଗନବାଡି ନିକଟରେ ବସବାସ କରୁଥିବା ଅସହାୟ ଭାଇ ଓ ଭଉଣୀଙ୍କୁ କମ୍ବଳ ଓ ବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଦାବରୀଶ ମିଶ୍ର, ଅକ୍ଷୟ କୁମାର ରାଉତ, ରବିନ୍ଦ୍ର ନାଥ ସାହୁ, ଅକ୍ଷୟ କୁମାର ନାୟକ, ମହେଶ୍ୱର ପ୍ରଧାନ, ଆଦିତ୍ୟ କୁମାର ବଳ, ନୃସିଂହ ଚରଣ ସତପଥି, ବିଜୟ କୁମାର ଜେନା, ଅଶୋକ କୁମାର ପତି, ସୁବାସ ଚନ୍ଦ୍ର ତ୍ରିପାଠୀ, ସମର ବହ୍ଲଭ ପାଢ଼ୀ, ପ୍ରଭାସ ସାହୁ, ଏ୍ଆର୍ ଖାନ୍, ବଳରାମ ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ସ୍ୱର୍ଣ୍ଣପ୍ରଭା ସେବା ସଙ୍ଗଠନ ପକ୍ଷରୁ ସହାୟତା

କବାଟବନ୍ଧ, ୯।୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ଏରକଣ୍ଠା ଗ୍ରାମର କେଶବ ସ୍ୱାଇଁଙ୍କ ପୁଅ ସନ୍ତୋଷ ସ୍ୱାଇଁ (୪୦) ଗତ ଏକ ବର୍ଷ ହେବ ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ କଟକ ବଡ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। କେଶବ ଗରିବ ଶ୍ରେଣୀର ହୋଇଥିବାରୁ ଟଙ୍କା ଅଭାବରୁ ଠିକ୍ ଭାବେ ଚିକିତ୍ସା କରାଇ ପାରୁନାହାଁନ୍ତି। ଉପଯୁକ୍ତ ଚିକିତ୍ସା ଅଭାବରୁ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହେବାରେ ବିଳମ୍ବ ହେଉଛି। ଆର୍ଥିକ ଅଭାବରୁ ଔଷଧ କିଣିବା ଓ ଚିକିତ୍ସା କରିବାରେ ବହୁତ ଅବହେଳା ହେଉଛି। ଖବର ପାଇ ସ୍ୱର୍ଣ୍ଣପ୍ରଭା ସେବା ସଙ୍ଗଠନର ପ୍ରତିଷ୍ଠାତା ଏବଂ ସମ୍ପାଦକ ମାଜସେବୀ ଶୁଭକାନ୍ତ ବରାଳଙ୍କ ପରାମର୍ଶ କ୍ରମେ ସଙ୍ଗଠନ ପକ୍ଷରୁ ୨ ମାସ ପାଇଁ ରାସନ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସନ୍ତୋଷ ଜଣେ ଦିନ ମଜୁରିଆ ହୋଇଥିଲା ବେଳେ ୨ ପୁଅ ସ୍ତ୍ରୀକୁ ନେଇ ତାଙ୍କ ପରିବାର। ସେ ପରିବାରର ମୁଖ୍ୟ ହୋଇଥିଲା ବେଳେ ହାତଗୋଡ ବନ୍ଧ ହୋଇଯିବାରୁ ଚଳିବା ବହୁତ କଷ୍ଟ ହୋଇପଡୁଛି। ଦୁଇପୁଅ ପାଠପଢିବା ସାଙ୍ଗକୁ ଔଷଧ କିଣିବା ଓ ଚିକିତ୍ସା ପାଇଁ ବହୁତ ହଇରାଣ ହରକତ ହେଉଛନ୍ତି। ଚିକିତ୍ସାରେ ଧାରକରଜ କରି ଲକ୍ଷାଧିକ ଟଙ୍କା ସରିବା ପରେ ବି ଚିକିତ୍ସାର ସୁଧାର ହେଉନାହିଁ।

## ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

କଯାଁଗୋଲା, ୯।୧(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ କଯାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ବୈକୁଣ୍ଠନାଥ ପରିଡ଼ା, ମୁଖ୍ୟବକ୍ତା ଭାବେ ଦଶରଥପୁରର ପ୍ରାକ୍ତନ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନୌସେନା ଅଧିକାରୀ ଗୌରଚନ୍ଦ୍ର ରାୟ, ପଞ୍ଚସଖା ସେତୁର ସଭାପତି ଅକ୍ଷୟ କୁମାର ସାହାଣୀ, ଏସ୍‌ଏମ୍‌ସି ଚେୟାର ପର୍ଶନ ସୁନିତା ବାରିକ, ସମିତିସଭ୍ୟ ରୋଶନ ଦାସ, ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ବାଉତରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାମଲ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ପ୍ରତ୍ୟେକ ଶ୍ରେଣୀର ସର୍ବାଧିକ ନମ୍ବର ରଖି ପାଶ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଖୁଲଣା ସୁନ୍ଦରୀ ଦୀନବନ୍ଧୁ ପରିଡ଼ା ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ମାଝୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ତାପସ କୁମାର ଜେନା, ଅମରେନ୍ଦ୍ର କବି,ସୌଭାଗ୍ୟ ରଞ୍ଜନ ଦାଶ, ସ୍ୱରାଜ ତ୍ରିପାଠୀ, ସାବିତ୍ରୀ ସାହୁ,ସ୍ୱାଗତିକା ନନ୍ଦ, ସୁଜାତା ମଲ୍ଲିକ, ସ୍ନିଗ୍ଧାରାଣୀ ଦାସ ଶିକ୍ଷାକର୍ମଚାରୀ ସରୋଜ କୁମାର ଜେନା, ଦେବାଶିଷ ନାୟକ, ଅଂଶୁମାନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା





ପାଣିକୋଇଲି, ୯।୧(ସମିସ): ସାରା ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ବେଳେ ପାଣିକୋଇଲି ପୁଲିସ ପକ୍ଷରୁ ଆଜି ସଡ଼କ ସୁରକ୍ଷା ସଚେତନତା ଆରମ୍ଭ ହୋଇଛି। ଏହି ଅବସରରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ନେବ ଏଣ୍ଡ ଫେମ ସ୍କୁଲ ନିକଟରୁ ବାହାରି ବଜାର ପରିକ୍ରମା କରି ପାଣିକୋଇଲି ଥାନା ପର୍ଯ୍ୟନ୍ତ ଯାଇଥିଲା। ସଡ଼କ ସୁରକ୍ଷା ନେଇ ଲୋକମାନଙ୍କୁ କିଭଳି ସଚେତନତା କରାଯିବା ବିନା ହେଲମେଣ୍ଟରେ ବାଇକ୍ ନ ଚଳାଇବା, ମଦ ପିଇ ବାଇକ ନ ଚଳାଇବା, ମୋବାଇଲରେ କଥା ହୋଇ ବାଇକ ନ ଚଳାଇବା ଆଦି ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆମେ ଆପଣଙ୍କ ପାଇର୍ ହେଲପିଙ୍ଗ ଗ୍ରୁପ, ଜାଗୃତି ସମାଜ ଓ ବିଦ୍ୟା ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟା ସ୍କୁଲ ପକ୍ଷରୁ ରଞ୍ଜିତ କୁମାର ନାୟକ, ପାର୍ଥସାରଥି ଜେନା, ବ୍ରଜ କିଶୋର ସାହୁଙ୍କ ସମେତ ହେଲପିଙ୍ଗ ଗ୍ରୁପ ପକ୍ଷରୁ ସଭାପତି ଅଶୋକ କୁମାର ଦାସ, ହରେକୃଷ୍ଣ ସାହୁ, ସମେତ ସମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ତାରଣୀ ପଟ୍ଟନାୟକ, ପ୍ରଦୀପ ମାଝୀ, ସୌର ପ୍ରତାପ ରାୟ, ସବଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ଦାଶ, ବିଶ୍ୱରଞ୍ଜନ ମଲ୍ଲିକ, ଏଏସଆଇ ନିର୍ମଳ ଚୌଧୁରୀ, ବ୍ରଜକିଶେର ସ୍ୱାଇଁ, ସୁଧାଂଶୁ ବାରକ ପ୍ରମୁଖ ସାମିଲ ହୋଇଥିଲେ।

ଜନସାଧାରଣ ମାନଙ୍କୁ ସଚେତନତା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହୋଇଥିଲା। ଗାଡି ଚାଳକ ଓ ବାଇକ ଆରୋହୀ କିପରି ଟ୍ରାଫିକ ନିୟମ ମାନି ଚଳାଇବେ ଯାହାଦ୍ୱାରା ସଡ଼କ ସୁରକ୍ଷା ରକ୍ଷା ହେବା ସହ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିବ ସେ ସଚେତନତା କରାଯାଇଥିଲା।

**ସୁକିନ୍ଦା:** ସୁକିନ୍ଦା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ଓ ସୁରକ୍ଷିତ ଗାଡି ଚାଳନା ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ର ଅଶୋକଝରର ରାସ୍ତାରେ ଏହି ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପୁଲିସ କର୍ମଚାରୀଙ୍କ ସମେତ ମାଧପୁର ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଇକ ଚାଳକମାନେ ହେଲମେଟ ଓ ଜୋତା ବ୍ୟବହାର କରିବା, କାର୍, ବସ ଓ ଟ୍ରକ୍ ଚାଳକ ମାନେ ଗାଡ଼ି ଚଳାଉଥିବା ସମୟରେ ସିଟ ବେଲ୍ଟ ବ୍ୟବହାର କରିବା, ମାଦକ ଦ୍ରବ୍ୟ ସେବନ ନକରିବା, ମୋବାଇଲ ଫୋନ ବ୍ୟବହାର ନକରିବା ଭଳି ସଚେତନତା ବାର୍ତ୍ତା ଦେଇଥିଲେ। ସମସ୍ତଙ୍କୁ ସଚେତନ କରିବା ସହ ସଚେତକ ଗାଡ଼ିଚାଳକମାନଙ୍କୁ ଚକଲେଟ୍ ଓ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିବା ଦେଖିବାକୁ ମିଳିଥିଲା। ଗାଡ଼ି ଚାଳକମାନେ ଟ୍ରାଫିକ ନିୟମ ମାନି ଗାଡି ଚଲେଇବା ପାଇଁ ଚାଳକମାନଙ୍କୁ ଥାନାଧିକାରୀ ବୁଝାଇଥିଲେ।

**ଦାନଗଦି:** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ଗ୍ରାମ ପଞ୍ଚାୟତ ହାଇସ୍କୁଲ୍‌ଠାରେ ସଡ଼କ ସୁରକ୍ଷାକୁ ନେଇ ଟମକା ପୁଲିସ୍ ତରଫରୁ ଛାତ୍ରଛାତ୍ରୀଙ୍କୁ ଦ୍ୱାରା ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟମକା ଥାନାର ଆଇଆଇସି ପ୍ରମୋଦିନୀ ସାହୁ ଯୋଗ ଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଆଲୋଚନା କରିଥିଲେ। ଏହା ପରେ ପୁଲିସ୍ ତରଫରୁ ଟମକା ଛକରେ ବସ୍, ଟ୍ରକ, ଟିପର ବାଇକ୍, ଛୋଟ ଚାରିଚକିଆ ଗାଡ଼ିକୁ ଅଟକାଇ ଡ୍ରାଇଭରମାନଙ୍କୁ ସଡ଼କ ସୁରକ୍ଷା ବାବଦରେ ସଚେତନ କରାଇଥିଲେ। ଗାଡି ଚଳାଇବା ସମୟରେ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ। ପ୍ରତିଦିନ ଅସାବାଧାନତା ଯୋଗୁଁ ରାସ୍ତାରେ ଦୁର୍ଘଟଣା ଘଟି ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି କେତେ ପରିବାର ଉଜୁଡି ଯାଉଛି। ମଦ୍ୟପାନ କରି ଗାଡି ଚଳାନ୍ତୁ ନାହିଁ ଆଦି ଲୋକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନା କର୍ମଚାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ମଳୟ ପ୍ରଧାନ, ଏସ୍‌ଆଇ ଅମିତା ପଣ୍ଡା ଉପସ୍ଥିତ ଥିଲେ।

## ଘୋଷଣା ହେଲା ଅଖିଳଚକ୍ର ସମ୍ମାନ

ପ୍ରୀତିପୁର, ୯।୧(ସମିସ): ବରୁଣେଶ୍ୱର ମକରମେଳା ଅବସରରେ ବରୁଣେଶ୍ୱର କଲେଜଠାରେ ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକରମିଳନ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ରାଜ୍ୟର ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯିବ। ଏଥିରେ ପୂର୍ବତନ ସାଂସଦ ତଥାଗତ ଶତପଥୀଙ୍କୁ ରାଜ୍ୟସ୍ତରୀୟ ଅଖିଳଚକ୍ର ମକର ସମ୍ମାନରେ ସମ୍ମାନିତ କରାଯିବ।

ଏହା ବ୍ୟତୀତ ଓଡ଼ିଆ ଭାଷାର ଗବେଷକ ଡ. ନାରାୟଣ ପଣ୍ଡା, ଯାତ୍ରା ଅଭିନେତା ଦୈତାରୀ ପଣ୍ଡାଙ୍କୁ ଅଖିଳଚକ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି। ଜିଲ୍ଲାର ବିବିଧ ପ୍ରତିଭା ସମ୍ପନ୍ନ ବ୍ୟକ୍ତି କବି ଧନେଶ୍ୱର ରାଉତଙ୍କୁ କବି ରବୀନ୍ଦ୍ରକୁମାର ପାଢ଼ୀ ସ୍ମୃତି ସମ୍ମାନ, ଡା. ସୁଧାଂଶୁ ଶେଖର ସୂତାରଙ୍କୁ କପିଳଚରଣ ସଂଗ୍ରାମୀ ସମ୍ମାନ, ସମାଜସେବୀ ନିମାଁଇ ଚରଣ ରାୟଙ୍କୁ ପଞ୍ଚାନନ ନାୟକ ସେବା ସମ୍ମାନ, ସାମ୍ବାଦିକ ଅଜୟ କୁମାର ଦାସଙ୍କୁ ସାମ୍ବାଦିକ ଆନନ୍ଦବିହାରୀ ବର୍ମ୍ମା ସ୍ମୃତି ସମ୍ମାନ, କବି ସୁଜାତା ପତିଙ୍କୁ ଅକ୍ଷୟାରାଣୀ ଲେଖିକା ସମ୍ମାନ, କଣ୍ଠଶିଳ୍ପୀ ଦେବେଶ ପତିଙ୍କୁ ନଟବର ନାୟକ କଳା ସମ୍ମାନ, ସମାଜସେବୀ ଅଟଳବିହାରୀ ନାୟକଙ୍କୁ ମହେଶ୍ୱର ସାମଲ ସ୍ମୃତି ସମ୍ମାନ, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ଶିକ୍ଷକ ଗୋପାଳ ଚରଣ ସ୍ୱାଇଁ ସ୍ମୃତି ସମ୍ମାନ, ସମାଜସେବୀ ପୁରୁଷୋତମ ପଲାଇଙ୍କୁ ଲକ୍ଷ୍ମୀପ୍ରିୟା ସ୍ମୃତି ସମ୍ମାନ, ଡା. ଦେବାଶିଷ ଜଷ୍ଟିଙ୍କୁ ଦୁର୍ଗାଚରଣ ପରିଡ଼ା ସ୍ମୃତି ସମ୍ମାନ, ପାଲାଗାୟିକା ନିରୂପମା ପଣ୍ଡାଙ୍କୁ ପରମାନନ୍ଦ ଶରଣ ସ୍ମୃତି ସମ୍ମାନ, ଡା. ରୂପନାରାୟଣ ସାହୁଙ୍କୁ ରାଣୀଦେବୀ ସ୍ମୃତି ସମ୍ମାନ, ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ାଙ୍କୁ ସରସ୍ୱତୀ ସାମଲ ସ୍ମୃତି ସମ୍ମାନ, ଶିକ୍ଷକ ମିହିର କୁମାର ପରିଡ଼ାଙ୍କୁ ପ୍ରମୋଦ ନାୟକ ସ୍ମୃତି ସମ୍ମାନ, ଶିକ୍ଷକ ଶରତ ଚନ୍ଦ୍ର ପରିଡାଙ୍କୁ ଉପେନ୍ଦ୍ର ପଣ୍ଡା ସ୍ମୃତି ସମ୍ମାନ, ଡା. ଅନୂପନାଥ ଶର୍ମ୍ମାଙ୍କୁ ଇଂ. ଅଂଶୁମାନ ନାୟକ ସ୍ମୃତି ସମ୍ମାନ, ଲେଖକ ବିଜୟମୋହନ ରାୟଙ୍କୁ ଘନଶ୍ୟାମ ସାମଲ ସ୍ମୃତି ସମ୍ମାନ ଓ ସେବିକା ଶ୍ରଦ୍ଧାଞ୍ଜଳି ପରିଡ଼ାଙ୍କୁ ଅନନ୍ତକିଶୋର ଷଡ଼ଙ୍ଗୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ମଣ୍ଡଳୀ ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ ଓ ରବୀନ୍ଦ୍ର କୁମାର ପରିଡ଼ା ଜଣାଇଛନ୍ତି।

## ବୋର୍ଡର ତ୍ରୁଟି; ହନ୍ତସନ୍ତ ହେଲେ ଛାତ୍ରଛାତ୍ରୀ

ମଇଁନ୍ଦା/ପ୍ରୀତିପୁରୁ, ୯।୧(ସମିସ): ବୋର୍ଡର ଖାମଖିଆଲି ନୀତି ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଛାତ୍ରଛାତ୍ରୀ। ଆଜି ଥିଲା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା। ସକାଳ ଦଶ ଘଟିକା ଆରମ୍ଭ ହୋଇ ଦିବା ଏକ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆଡମିଟ୍ କାର୍ଡରେ ଲେଖାଥିଲା। ସେଣ୍ଟର ମଧ୍ୟ ଲେଖା ଯାଇଥିଲା। ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡରେ ଉତଙ୍ଗରା ଉଚ୍ଚ ବିଦ୍ୟାଳୟ ସେଣ୍ଟର ଲେଖା ହୋଇଥିଲା। ପିଲାମାନେ ପରୀକ୍ଷା ଯଥେଷ୍ଟ ପୂର୍ବରୁ ପହଞ୍ଚିଥିଲେ। କିନ୍ତୁ ପିଲାମାନଙ୍କୁ କୁହାଗଲା ସେଣ୍ଟର ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟରେ ପଡିଛି। ଉତଙ୍ଗରା ଠାରୁ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ଦୂରତା ୧୨ କିଲୋମିଟର। ବହୁ କଷ୍ଟରେ ପିଲାମାନେ ସେଠାରେ ପହଞ୍ଚିଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ଏହି ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ଏହି ଘଟଣାକୁ ନେଇ ଅଭିଭାବକମାନେ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ଗଣ୍ଡଗୋଳ କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ସେଠାରେ ପହଞ୍ଚି ପରିବେଶକୁ ଶାନ୍ତ କରିଥିଲେ। ବୋର୍ଡର ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା। କୌଣସି ଛାତ୍ରଛାତ୍ରୀଙ୍କ ଅସୁବିଧା ହୋଇନଥିଲା। ଆଜି ହୋଇଥିବା ଏହି ପରୀକ୍ଷାରେ ସୟଦପୁର ଉଚ୍ଚ ବିଦ୍ୟାଳୟ ୧୯୯, ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ୧୯୨ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୧୦। ମୋଟ ୩ଟି ସେଣ୍ଟରରେ ୬୦୧ ଜଣ ପରୀକ୍ଷା ଦେଇଥିଲେ।



■ ଚକାଆଖି କ୍ଲବ କ୍ରିକେଟ

## ସେମିରେ ରାଉରକେଲା

ଜେନାପୁର, ୯।୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଚକାଆଖି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ ସର୍ବଭାରତୀୟ ଚକାଆଖି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ଆସୁ ୧୧ ରାଉରକେଲା ଓ ଆଦର୍ଶ ସ୍ପୋର୍ଟିଂ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ସ୍ପୋର୍ଟିଂ ବାଲେଶ୍ୱର ଟସ୍ ଜିତି ବୋଲିଂ କରିବାର ନିଷ୍ପତି ନେଇ ପଡ଼ିଆକୁ ଓହ୍ଲାଇଥିଲା। ଆସୁ ଇଲେଭେନ ରାଉରକେଲା ୨୫ ଓଭର ଖେଳି ୮ ୱିକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ଆଦର୍ଶ ସ୍ପୋର୍ଟିଂ କ୍ଲବ ବାଲେଶ୍ୱର ନିର୍ଦ୍ଧାରିତ ଓଭର ଖେଳି ୭ ୱିକେଟ ହରାଇ ମୋଟ୍ ୧୮୧ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଆଶୁ ରାଉଲକେଲା ୪ର୍ଥ କ୍ୱାଟର ଫାଇନାଲ ଜିତି ସେମିକୁ ଉନ୍ନୀତ ହୋଇଛି। ଆସୁ ୧୧ ରାଉରକେଲା ଦଳ ପକ୍ଷରୁ ଆଶିଷ କୁମାର ୪୦ ବଲ ଖେଳି ୭୪ ରନ ସଂଗ୍ରହ କରି ପାରିଥିବାରୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୁରୁଣା ବଉଳମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ଅମ୍ପେୟାର ଡିଜେନ୍ଦ୍ର ଘୋଷ, ତ୍ରିଲୋଚନ ପାଣି ଖେଳ ପରିଚାଳନା କରିଥିଲେ।

## ଗମ୍ଭୁ ବିଦ୍ୟାଳୟ ସମୂହର କ୍ରୀଡ଼ା ଉଦ୍‌ଯାପିତ



ବରୀ, ୯।୧(ସମିସ): ବରୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ଗମ୍ଭୁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଆଜି ଉଦ୍‌ଯାପିତ ହୋଇଯାଇଛି।

ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇନ୍ଦୁପୁର ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ କୁମାର ନାଏକ, ମୁଖ୍ୟବକ୍ତା ଭାବେ କାଶିନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘର ସଭାପତି ବିଜୟ କୁମାର ମଲ୍ଲ, ଆୟୁଷ ଡାକ୍ତର ଡ. ଅନ୍ୱେଷା ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡା ଏଠାରେ ଅଧ୍ୟକ୍ଷତା କରିଥିଲା ବେଳେ ବରିଷ୍ଠ ଶିକ୍ଷକ ସତ୍ୟରଞ୍ଜନ ମହାନ୍ତି ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ପ୍ରତାପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ସଦସ୍ୟ ଅନିରୁଦ୍ଧ ନାୟକ, ସଦସ୍ୟା ସୁଷମାରାଣୀ ଜେନା, ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାମଲ, ପ୍ରାକ୍ତନ ଶିକ୍ଷକ ଦର୍ଶନୀ ନାୟକ ଓ ପାଣ୍ଡବ ଚରଣ ମହାପାତ୍ର, ମୁରଲିଧର ବିଶ୍ୱାଳ, ଗଗନ ଚରଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ ହୋଇଥିଲେ। ପରିଚାଳନା କମିଟି ସଭାପତି ସୁବାସ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକ ସୁକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## କଟିକଟାରେ ଧାନ ମଣ୍ଡି ଉଦ୍‌ଘାଟିତ

କଯାଁଗୋଲା, ୯।୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ କଟିକଟା ସେବା ସମବାୟ ସମିତିରେ ସରକାରୀ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଯୋଗଦେଇଥିଲେ। ସେବା ସମବାୟର ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ସଭାପତିତତ୍ୱରେ ସମ୍ମାନୀୟ ଅତିଥି ସମବାୟ ସମିତି ଯାଜପୁରର ଏରିଆ ଅଫିସର ମଣିରଞ୍ଜନ ମିଶ୍ର, ଦଶରଥପୁର ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିପ୍ରଜ୍ଞା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। କଟିକଟା ପ୍ୟାକ୍ସ ସମ୍ପାଦକ ଅଜୟ କୁମାର ଜେନା ସରକାରଙ୍କ ନୀତିନିୟମ ଅନୁଯାୟୀ ଏହି ମଣ୍ଡି ଚାଲିବ ବୋଲି ସୂଚନା ଦେଇ ଥିଲେ।

## ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ୧୧ରୁ

# ପ୍ରସ୍ତୁତିର ଦ୍ୱିତୀୟ ସମୀକ୍ଷା ବୈଠକ



ଯାଜପୁର, ୯।୧(ସମିସ)

ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ପର୍ବର ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଉପସ୍ଥିତିରେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବ ବୈଠକରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା କାର୍ଯ୍ୟର ସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଆସନ୍ତା ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ୧୭୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ, ଧର୍ମାବଲମ୍ବୀମାନେ ଯୋଗ ଦେବା ସହ ଉଦୟଗିରି, ରତ୍ନଗିରି, ଲଳିତଗିରି ଆଦି ବୌଦ୍ଧ କୀର୍ତ୍ତିରାଜିମାନ ପରିଦର୍ଶନ କରିବେ। ଏହା ସହିତ ଆସୁଥିବା ପର୍ଯ୍ୟଟକମାନଙ୍କ ରହଣି, ସମ୍ମିଳନୀ ସ୍ଥଳ, ସିସିଟିଭି କ୍ୟାମେରା ଲଗେଇବା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାଗୁଡ଼ିକ ଆଲୋକୀକରଣ, ପରିମଳ ଓ ସ୍ୱଚ୍ଛତା ବଜାୟ ରଖିବା, ନିଶା ଦ୍ରବ୍ୟ ବିକ୍ରି ଓ ସେବନ ଉପରେ କଟକଣା, ଭାରୀଯାନ ଯାତାୟାତ ଉପରେ ପ୍ରତିବନ୍ଧକ ଲଗେଇବା ନେଇ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦୟଗିରି ସ୍ଥିତ ମଝିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ, ଗୋପାଳପୁର ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ବୌଦ୍ଧ ମହୋତ୍ସବ ସମିତିର କର୍ମକର୍ତ୍ତା ଏବଂ ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ବରୁଣେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଞ୍ଝାରପୁର, ୯।୧(ସମିସ): ବରୁଣେଶ୍ୱର ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ବିଦ୍ୟୁରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ରୂପେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପୂର୍ବତନ ମହାବିଦ୍ୟାଳୟ ଅଧକ ଡ. ବଟକୃଷ୍ଣ ମହାପାତ୍ର, ଅନ୍ୟତମ ଅତିଥି ଭାବରେ ବିଞ୍ଝରପୁର ବ୍ଲକ ଅଧକ୍ଷା ରଞ୍ଜିତା କୁମାରେ ନାୟକ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀମାନଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଅଧାପିକା ମନସ୍ୱିନୀ ବେହେରା ସଭା ପରିଚାଳନା କରିଥିଲେ। ଅଧକ୍ଷା ପ୍ରଫେସର ବିଦ୍ୟୁରେଖା ନାୟକ ସ୍ୱାଗତ ଭାଷଣ ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି ସଂଘର ଉପସଭାପତି ଅଧପକ ମିହିର ବିକାଶ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲ। ରବୀନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ରାଜଶ୍ୱରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

# ପୁଲିସ ଗାଡ଼ିକୁ ଅଟକାଇ ଯୁବକ ଗିରଫ




ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରେ କୌଣସି କାମରେ ଯାଉଥିବା ଜେନାପୁର ଥାନା ପୁଲିସ ଭ୍ୟାନକୁ ଅଟକାଇ ହଙ୍ଗାମା କରିଥିବା ଯୁବକକୁ ପୁଲିସ ବାନ୍ଧିଛି । ସୂଚନା ମୁତାବକ, ଜେନାପୁର ଥାନାର ଏକ ବୋଲେରୋ ଗାଡ଼ିକୁ ଡ୍ରାଇଭର ନେଇ ଯାଉଥିବା ସମୟରେ ଧର୍ମଶାଳା ଥାନା କାଏମା ଅଞ୍ଚଳର ନାଗ ଭୂଷଣ ମହାଜନ ନିଶାସକ୍ତ ଅବସ୍ଥାରେ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ସାଇଡ ମାରିବା କହି ବେଶ କିଛି ସମୟର ଜାରକା ଛକ ଓଭରବ୍ରିଜ ତଳେ ହଙ୍ଗାମା କରିଥିଲେ। ପୁଲିସ ଗାଡ଼ି ଡ୍ରାଇଭର ନିକଟରେ ଥିବା ଫାଣ୍ଡିରେ ଜଣାଇବା ପରେ ଜାରକା ଫାଣ୍ଡି ପୁଲିସ ନାଗ ଭୂଷଣଙ୍କୁ ଧର୍ମଶାଳା ଥାନାକୁ ଆଣି ଅଟକ ରଖିଥିଲା। ଧର୍ମଶାଳା ପୁଲିସ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଓ ପୁଲିସ ଗାଡ଼ିକୁ ଅଟକାଇବା ଅଭିଯୋଗରେ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତାଙ୍କୁ ନୋଟିସ କରି ଛାଡ଼ି ଦେଇଥିବା ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ନାଏକ ସୂଚନା ଦେଇଛନ୍ତି।

# ମଦନମୋହନଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ




ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଦାସସାହି ଗ୍ରାମସ୍ଥିତ ମଦନମୋହନ ଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ ହୋଇଯାଇଛି। ଏହି ଐତିହାସିକ ମଦନମୋହନଜୀଉ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ସାଂସଦ ରବି ନାରାୟଣ ବେହେରାଙ୍କୁ ଗତ କିଛି ଦିନ ପୂର୍ବେ ମନ୍ଦିର କମିଟି ପକ୍ଷରୁ ଲିଖିତ ଭାବେ ଜଣାଯାଇଥିଲା। ବିଧାୟକ ଏହା ଉପରେ ଦୃଷ୍ଟି ଦେଇ ଏହାର ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଧର୍ମଶାଳା ପଞ୍ଚାୟତ ସମିତି ଡିପିଏମ୍‌ୟୁ ଯାଜପୁର କାର୍ଯ୍ୟନିର୍ବାହୀ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଲକ୍ଷ ଟାଙ୍କର ସହାୟତା ପ୍ରଦାନ କରାଯାଇଛି । ଆଜି ସମାଜସେବୀ ମିନତୀ ସାହୁ ଶିଳାନ୍ୟାଶ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ବିଜେପି ଯୁବ ନେତା ଅଭିଷେକ ରାଉତ, ଜାରକା ମଣ୍ଡଳ ସଭାପତି ଦେବବ୍ରତ ପଣ୍ଡା, ବିଜେପି କାଏମା ପ୍ରଭାରୀ ସୁରେଶ ଚନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ମଧୁସୂଦନ ପଣ୍ଡା ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବରୁଆଁକୁ ମିଳିଲା ନୂଆ ଆମ୍ବୁଲାନ୍ସ



ଯାଜପୁର, ୯।୧(ସମିସ): ଯାଜପୁର ବ୍ଲକ ବରୁଆଁ ଅଞ୍ଚଳକୁ ମିଳିଲା ଏକ ନୂତନ ୧୦୮ ଆମ୍ବୁଲାନ୍ସ। ଦୀର୍ଘ ଦୁଇ ମାସ ହେବ ୧୦୮ ଆମ୍ବୁଲାନ୍ସଟି ସମ୍ପୂର୍ଣ୍ଣ ଖରାପ ହୋଇଯିବାରୁ ରୋଗୀ ସେବାରୁ ବଞ୍ଚିତ ହୋଇଥିଲେ ଅଞ୍ଚଳବାସୀ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାକୁ ନୂତନ ଆମ୍ବୁଲାନ୍ସ ମିଳିଥିବା ବେଳେ ବରୁଆଁକୁ ମଧ୍ୟ ଏକ ନୂତନ ଆମ୍ବୁଲାନ୍ସ ମିଳିଛି। ଶୁକ୍ରବାର ଏହି ଆମ୍ବୁଲାନ୍ସଟି ପୂଜାର୍ଚ୍ଚନା କରାଯିବା ପରେ ରୋଗୀ ସେବାରେ ଲାଗିଥିବା ଜଣାପଡ଼ିଛି। କ୍ଲଷ୍ଟର ଲିଡର ସୌମ୍ୟ ରଞ୍ଜନ ଦାସ, କାହ୍ନୁଚରଣ ପଣ୍ଡା, ଆଶୁତୋଷ ମଲ୍ଲିକ, ସୁଜିତ ଓଝା, ଅନିଲ ନାୟକ, ବିକାଶ ଜେନା, ଅମୀୟ କୁମାର ବିଶ୍ୱାଳ ପ୍ରମୁଖ ନୂତନ ୧୦୮ ଆମ୍ବୁଲାନ୍ସର ପୂଜା ସମୟରେ ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ ଉତ୍ସବ ପ୍ରସ୍ତୁତି ବୈଠକ

ମଈଁଦା, ୯।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉତ୍ତଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ପିଏମ୍‌ଶ୍ରୀ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଓଝାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବଳରାମ ପତି, ବନମାଳୀପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ନାୟକ, ପୁରାତନ ଛାତ୍ର ସଂସଦ ସଭାପତି ଉମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟର ଉପଦେଷ୍ଟା ରବି ନାରାୟଣ ରଥ, ଶିବପ୍ରସାଦ ପ୍ରଧାନ, ବିଞ୍ଝାରପୁର ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ସ୍ୱସ୍ତି ସୁନ୍ଦର ଜେନା ଉତ୍ସବରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ, ସମସ୍ତ ପାଭିଲିଅନ ସମ୍ପର୍କିତ ତଥ୍ୟ ଏବଂ ପ୍ରତିଯୋଗିତା ବିଷୟରେ ବୈଠକରେ ତଥ୍ୟ ଉପସ୍ଥାପନା କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଉତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗର ଦାୟିତ୍ୱ ଗୁଡ଼ିକ ଉପସ୍ଥିତ ସଦସ୍ୟ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟର ଉପଦେଷ୍ଟା ଶିବପ୍ରସାଦ ପ୍ରଧାନ ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୁବକଣ ଅଙ୍ଗନବାଡ଼ି ନିର୍ମାଣ ପାଇଁ ଜମି ବିବାଦ ମାମଲା**

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହେଲା ଉଚ୍ଛେଦ

ମଙ୍ଗଳପୁର, ୯।୧(ସମିସ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଗ୍ରାମରେ ହେବାକୁ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଚିହ୍ନଟ ହୋଇଥିବା ଜାଗା ବିବାଦର ବାଟ ଖୋଲୁଛି। ଆଜି ଯାଜପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ତହସିଲ ଅମିନ ଉପସ୍ଥିତିରେ ବିବାଦୀୟ ଜମିର ମାପଚୁପ କରାଯାଇଛି। ମାପ ସମୟରେ ଜବର ଦଖଲକାରୀ ସରୋଜ ଜେନା ଓ ଅଜୟ ଜେନା କରିଥିବା ଘର ୬୨୬ ପ୍ଲଟ ସରକାରୀ ଜାଗା ଉପରେ ରହିଥିବା ଜଣାପଡ଼ିଥିଲା।

ଜବରଦଖଲକାରୀ କରିଥିବା ଘର ଭିତରକୁ ସରକାରୀ ଜାଗା ୩୦ କଡ଼ି ରହିଛି ବୋଲି ମାପ ବେଳେ ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଜବରଦଖଲକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ



ମାଜିଷ୍ଟ୍ରେଟ ପାୱାରରେ ଯାଇଥିବା ଅତିରିକ୍ତ ତହସିଲଦାର ଘରର ବାହାର ପଟରୁ ଚିହ୍ନ ଦେଇ ଜବର ଦଖଲ ଉଚ୍ଛେଦ କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସହିତ ତହସିଲ ପକ୍ଷରୁ କରାଯାଇଥିବା ମାପ ସଠିକ ଭାବେ କରାଯାଇନାହିଁ ଓ ଜବର ଦଖଲକାରୀଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏଥିନେଇ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।


ଜବର ଦଖଲ ଉଚ୍ଛେଦ ସମୟରେ ଦଶରଥପୁର ଥାନା ଅଧିକାରୀ ଶରତ ନାୟକ, ମଙ୍ଗଳପୁର ଥାନାର ଏସ୍‌ଆଇ ଅନିତା ପ୍ରଧାନ, ଏଏସ୍‌ଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଜଟାଧାରୀ ଦାସ, ସିଡିପିଓ ଶାନ୍ତିଲତା ସେଠୀ, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସବିହାରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଲେଙ୍କା, କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ବାଘେଲ, ତହସିଲ ଅମିନ ଆଶୁତୋଷ ସାମଲ, ରାଜସ୍ୱ ନିରୀକ୍ଷକ ସଂଗ୍ରାମ ନାୟକଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

ଜବରଦଖଲ ଉଚ୍ଛେଦ ପରେ କୟାଁ ଗ୍ରାମପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ନିର୍ବାହୀଯନ୍ତ୍ରୀ ରାସବିହାରୀ ଜେନା, ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଲେଙ୍କା, ସିଡିପିଓ ଶାନ୍ତିଲତା ସେଠୀ ନଡ଼ିଆ ବାଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଅଙ୍ଗନବାଡି ଘର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଯାଇଥିବା ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଘଟଣାସ୍ଥଳରୁ ପଳେଇ ଆସିବା ପରେ ପୁନର୍ବାର ଜବରଦଖଲକାରୀ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଶନିବାର ସ୍କୁଲ ୧୦ଟାରେ

ଯାଜପୁର, ୯।୧ (ସମିସ): ପ୍ରବଳ ଶୀତକୁ ନଜରରେ ରଖି ଶନିବାରିଆ ସ୍କୁଲ ସକାଳୁଆ ପରିବର୍ତ୍ତେ ୧୦ଟାରୁ ୪ଟା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଆଜି ଯାଜପୁର ଜିଲ୍ଲାପାଳ ଏକ ନୋଟିସ୍ ଜାରି କରି ଜିଲ୍ଲାର ସମସ୍ତ ସ୍କୁଲକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୀତ ଛାଡ଼ିବା ପର୍ଯ୍ୟନ୍ତ ଶନିବାର ସ୍କୁଲ ୧୦ଟାରେ ହେବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

# ବିଜେପି ଉପସଭାପତିଙ୍କ ପିତୃ ବିୟୋଗ



ଯାଜପୁର, ୯।୧(ସମିସ): ଯାଜପୁର ବିଜେପି ଉପସଭାପତି ମନ୍ମଥ ବରାଳଙ୍କ ପିତା ବଟକୃଷ୍ଣ ବରାଳ (୯୩)ଙ୍କ ବିୟୋଗ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ଜାଫପୁର ପଞ୍ଚାୟତ ସଇପୁର ଗ୍ରାମରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବିଡି ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



ଯାଜପୁର, ୯।୧(ସମିସ): ଯାଜପୁର ସଦର ତାରାମଦନ ସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଧୂଡୁ ଉଦ୍‌ଘାଟନ କରି କ୍ରୀଡ଼ା ପ୍ରତିଯୋଗିତାର ଆବଶ୍ୟକତା ବୁଝାଇ ଥିଲେ। ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ତଥା ସାହିତ୍ୟିକ ଦାମୋଦର ବେହେରା ଯୋଗଦେଇଥିଲେ। ସମ୍ମାନିତ ବକ୍ତାରୂପେ ପ୍ରଫେସର ମୋହନ ଚରଣ ଦାଶ ମନଯୋଗ ଦେଇ ଉଭୟ ସାଧାରଣ ଶିକ୍ଷା ଓ କ୍ରୀଡ଼ା ଶିକ୍ଷା ଲାଭ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ବକ୍ତାରୂପେ ବିଶିଷ୍ଟ ଶିକ୍ଷାଗବେଷକ ଡ. ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ରୂପେ ସମାଜେସବୀ ଆନନ୍ଦ ଚନ୍ଦ୍ର ସାହୁ, ଅନ୍ୟତମ ସମ୍ମାନୀତ ଅତିଥିରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରୂପମା ମହାନ୍ତି ଓ ଗରିଆପୁର ୟୁଜିନିୟପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ପରି.ଳନା ସମିତିର ସଭାପତି ଧୀରଜ କୁମାର ବୋଷ, ସ୍ଥାନୀୟ ସିଆରସିସି ମହମ୍ମଦ ସଫିଉର ଜମାନ ଓ ସମାଜସେବୀ ନିମେଶ କୁମାର ବୋଷ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସବିତାରାଣୀ ବଳ ହବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାତୀ ସାମଲ ଅତିଥି ପରିଚୟ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୋନାଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଗତବର୍ଷର ମୁଖମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ, ସ୍ୱତୀ ସାମଲ ଓ ସୋନାଲି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରି.ଳନାରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଏଂଜଲିନା ନାୟକ, ପ୍ରଜ୍ଞା ପରମିତା ରାଉତ, ସୁକେଶିନୀ ବାରିକ, ବାର୍ଷାରାଣୀ ସ୍ୱାଇଁ, ଲିପ୍‌ସା ସ୍ୱାଇଁ, ସ୍ମୃତିଶ୍ରୀ ଦେବୀ, ସୁଶ୍ରୀ ସଂଗୀତା ଶତପଥୀ, ମାଳତୀ ପତି, ରଞ୍ଜିତା ବେହେରା, ସୁରମା ଦାଶ, ଅପାରି ଅପରାଜିତା ଧଳ ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସର ଦାବିପତ୍ର

ଯାଜପୁର, ୯।୧(ସମିସ): ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ଚଣା ବ୍ଲକ ଅଧିନସ୍ଥ ବାଲିକୁଦା ପଞ୍ଚାୟତ ଓ ବରପଦା ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ଥର ଏହି ଅଞ୍ଚଳର ଚାଷୀ ଚିନାବାଦାମ ଓ ପୋଟଳ ଚାଷ କରିଛନ୍ତି। କିନ୍ତୁ ଏବେ ଫସଲ ଅମଳ ସମୟ ଆସିଲା ବେଳକୁ ଫସଲରେ ମାରାତ୍ମକ ରୋଗ ହୋଇ ଫସଲ ମରି ଯାଉଛି। ଯଦି ଏହି ରୋଗ ବ୍ୟାପିଯାଏ ତାହେଲେ ଶହ ଶହ ଏକର ଫସଲ ନଷ୍ଟ ହୋଇଯିବ। ଏ ବିଷୟରେ ବ୍ଲକ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି କୃଷି ଅଧିକାରୀ କ୍ଷେତକୁ ଆସି ତଦନ୍ତ କରିନାହାଁନ୍ତି କି ଏହାର ପ୍ରତିକାର ଉପଦେଶ ଦେଉନାହାଁନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପିସିସି କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁ, ସୁଭେନ୍ଦୁ ମହାନ୍ତୁ, ସୁଧାଂଶୁ ଶେଖର ଦେଓ, ନିମାଇଁ ରାଉତରାୟ, ବସନ୍ତ ପରିଡ଼ା, ସନ୍ତୋଷ ନନ୍ଦ, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ସାହାଣି, ପ୍ରଫୁଲ୍ଲ ରାୟ, ଚିନ୍ମୟ ପ୍ରଧାନ, ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମସୁନ୍ଦର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡା.ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିକ୍ରମାଦିତ୍ୟ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଡ. ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିତିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି ଓଷ୍ଟା ଜିଲ୍ଲା ସଂପାଦକ ପବିତ୍ର କୁମାର ପଣ୍ଡା, ଡ. ବିଶ୍ୱଜିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ଥାନା ଏସଆଇ କୈଳାସ ଚନ୍ଦ୍ର ଭଦ୍ର ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କାଦ୍ରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଡ. ବିଶ୍ୱଜିତ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ଡ. ପୁରୁଷୋତମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ର ସୂର୍ଯ୍ୟସେନ ଦାସ ମହାପାତ୍ର ଓ ଛାତ୍ରୀ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ।

# ଯୁବ ଫୁଟବଲ ଖେଳାଳି ଚୟନ ଶିବିର



ସୁକିନ୍ଦା, ୯।୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ନାକଦେଇ ଖେଳପଡିଆ ଠାରେ ଏକଦିବସୀୟ ଯୁବ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାରା ସେବା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮ ଠରୁ ଉର୍ଦ୍ଧ୍ୱ ଯୁବ କ୍ରୀଡ଼ାବିତ ଯୋଗଦାନ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର କ୍ରୀଡ଼ା ସମନ୍ୱୟ ବିଭାଗ ମୁଖ୍ୟ ସୁନାରାମ କିସ୍କୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ନିଳିମା ହେମ୍ବ୍ରମ, ସ୍ଥାନୀୟ ସରପଞ୍ଚ ମନମୋହନ ବାନାରା ଓ ବାନାରା ସେବା ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ପ୍ରତାପ କେଶରୀ ପଟ୍ଟନାୟକ, ରାସାଏ ମୁଣ୍ଡୁରୀ, ଯାଦବ ହେମ୍ବ୍ରମ, ପ୍ରଶନ୍ନ ବେହେରା, ଫାଉଣ୍ଡେସନ ପକ୍ଷରୁ ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା, ସହ ସମ୍ପାଦକ ରାଉତ ବାନାରା, କୋଷାଧ୍ୟକ୍ଷା ଗୀତା ବାନାରା, ସକ୍ରିୟ ସଦସ୍ୟ ବୁଲୁ ମହାନ୍ତ, ବିଜୟ ବାନାରା, ଆନ୍ତନା ସିଂଙ୍କୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଚୟନ ଶିବିରରେ ମୋଟ ୫୦ ଜଣ ଯୁବ ଖେଳାଳିଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିଲା। ଚୟନ ଖେଳାଳିଙ୍କୁ ସୁକିନ୍ଦା ଫିଜିକାଲ ଏକାଡେମୀର ହଷ୍ଟେଲରେ ରହିବା ସହ ଖେଳିବା ଓ ସମସ୍ତ ପ୍ରତିରକ୍ଷା ବିଭାଗରେ ଚାକିରି କରିବା ନିମନ୍ତେ ଯୋଗ୍ୟତା ଭିତ୍ତିକ ଲିଖିତ ପରୀକ୍ଷା ଓ ଶାରୀରିକ ଦକ୍ଷତା ତାଲିମ ଦିଆଯିବ ବୋଲି ଫାଉଣ୍ଡେସନର ମୁଖ୍ୟ ଜଙ୍କ ବାନାରା କହିଛନ୍ତି।

# କିଶାନ୍ କ୍ଷେତ ମଜଦୁର ସଂଗଠନର ଦାବିପତ୍ର

ଯାଜପୁର, ୯।୧(ସମିସ): ବିଭିନ୍ନ ଦାବିକୁ ନେଇ କିଶାସନ କ୍ଷେତ୍ ମଜଦୁର ସଂଗଠନ ପକ୍ଷଣୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ସାହୁକାର ଛକରୁ ସଂଗଠନର ଜିଲ୍ଲା ସଭାପତି ଓ ଜିଲ୍ଲା ସଂପାଦକ ଚୈତନ ସାହୁ, ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଏକ ପଟୁଆର ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ସଭା କରିଥିଲେ। ଏଥିରେ ରାଜ୍ୟ ସଭାପତି ସଦାଶିବ ଦାସ, ଜିଲ୍ଲା ସଂପାଦକ ଅଚ୍ୟୁତ ପ୍ରଧାନ, କିଶୋର ନାଥ, କୀର୍ତ୍ତନ ଜେନା, ପ୍ରଫୁଲ୍ଲ ଦେହେରା, ପ୍ରମୋଦ ମଲ୍ଲିକ, ନାରାୟଣ ପରିଜା, ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

**ସିନ୍ଦୁରିଆ ପ୍ରିମିୟର ଲିଗ୍**

# ସାଗର ଇଲେଭେନ୍ ଜାରକା ବିଜୟୀ

ଧର୍ମଶାଳା, ୯।୧(ସମିସ)




ଧର୍ମଶାଳା ବ୍ଲକ ସିନ୍ଦୁରିଆ ଖେଳପଡିଆରେ ଚାଲିଥିବା ସିନ୍ଦୁରିଆ ପ୍ରିମିୟର ଲିଗରେ ଆଜି ବ୍ଲୁଷ୍ଟାର କ୍ଲବ ଡୁବୁରୀକୁ ୨ ୱିକେଟରେ ପରାସ୍ତ କରି ସାଗର ଇଲେଭେନ ଟିମ ଜରକା ବିଜୟୀ ହୋଇଛି। ବ୍ଲୁଷ୍ଟାର ଟିମ ଡୁବୁରୀ ଆଜି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରାଜ ମିଶ୍ର ୫୬ରନ ଓ ଦେବେନ୍ଦ୍ର ସାମଲ ୩୨ ରନ ସଂଗ୍ରହ କରିଥିଲେ। ବିପକ୍ଷ ସାଗର ଇଲେଭେନ ଜାରକା ଦଳର ସୁଶିଲ ୩ ଉଇକେଟ ଓ ଚିକୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସାଗର ଇଲେଭେନ ଜାରକା ଟିମ ବ୍ୟାଟିଂ କରି ୧୩.୨ ଓଭରରେ ୨ ୱିକେଟ ହରାଇ ୨୧୩ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବାପୁନୀ ୮୧ ରନ ଓ ହିମାଂଶୁ ୪୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବ୍ଲୁଷ୍ଟାର ଡୁବୁରୀ ଟିମର ଦେବାଶିଷ ମହାରଣା ଓ ଅଶ୍ୱିନୀ ସେନାପତି ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଆଜିର ମ୍ୟାନ ଅଫ ଦି ମ୍ୟାଚ ଭାବେ ଜାରକା ସାଗର ଇଲେଭେନ ଟିମର ବାପୁନକୁ ଘୋଷଣା କରାଯାଇଥିବା ବେଳେ ଗାୟତ୍ରୀ ମୋବାଲ ପାଏଂଟର ଅମୁଲ୍ୟ ବାରିକ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ରାଜେଶ ଭଦ୍ର ଓ ଆଶିଷ ବିଶ୍ୱାଳ ପରିଚାଳନା କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ସ୍ମୃତିଚାରଣ ସଭା


ସିଂହପୁର, ୯।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଛନ୍ଦା ମୁଣ୍ଡ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରଙ୍କନିଧି ଦାସଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ସଚ୍ଚିଦାନନ୍ଦ ଗୁରୁ, ଧନେଶ୍ୱର ଦାସ, ପ୍ରକାଶ ଦାସ, ହରେକୃଷ୍ଣ ବେହେରା, ଗନ୍ଧର୍ବ ଦାସ, ସରୋଜ ଦାସ, ମହେଶ୍ୱର ପରିଡ଼ା, ଶ୍ରୀକାନ୍ତ ଘଡ଼ାଇଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ




ଦାନଗଦି, ୯।୧(ସମିସ): ଡୁବୁରୀ ଛକରେ ଥିବା ଇନ୍ଦ୍ରଜିତ ମହାନ୍ତଙ୍କ ଘରକୁ ପ୍ରଶାସନ ପକ୍ଷରୁ ଆଜି ଭାଙ୍ଗି ଦିଆଯାଇଛି। ସକାଳ ୧୧ଟା ବେଳେ ଇନ୍ଦ୍ରଜିତଙ୍କ ଘର ନିକଟରେ ଉଚ୍ଛେଦ ଜେସିବି ମେସିନ ପହଞ୍ଚିଥିଲା। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ ସୁକିନ୍ଦା ତହସିଲଦାର, କଳିଙ୍ଗନଗର ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଉଚ୍ଛେଦ ସମୟରେ କୌଣସି ଉତ୍ତେଜନା ଦେଖାଦେଇ ନ ଥିଲା। ସୂଚନା ମୁତାବକ ୨୦୨୦ ମସିହାରେ ଡୁବୁରି ଛକ ରାସ୍ତା ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ ଇନ୍ଦ୍ରଜିତ ମହାନ୍ତଙ୍କୁ ଜମି ଓ ଘରର ଉଚିତ ମୂଲ୍ୟ ମିଳି ନ ଥିଲା ଯାହାକୁ ନେଇ ସେ ୨୦୨୨ ମସିହାରେ ହାଇକୋର୍ଟର ଦ୍ୱାରସ୍ତ ହେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ ଏବଂ ସର୍ବସାଧାରଣଙ୍କ ସ୍ୱାର୍ଥ୍ୟ ନିମନ୍ତେ ତୁରନ୍ତ ଏହି ଘରକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଯାହାଫଳରେ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା। ସେଠି ସତ୍ୟର କିଛି ମୂଲ୍ୟ ନାହିଁ, କୃତ୍ରିମ ଭାବମୂର୍ତ୍ତି ହିଁ ସବୁକିଛି।
-ସୁନ ତ୍ସୁ, ଚୀନ୍ ଦାର୍ଶନିକ

ସକାଳ
THE SAKALA

## ଅଦାଲତକୁ ବୋମାଧମକ

ରାଜ୍ୟର କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ଇ-ମେଲ ମାଧ୍ୟମରେ ଗୁରୁବାର ସକାଳେ ବୋମା ବିସ୍ଫୋରଣ ଧମକ ଏକପ୍ରକାର ଆତଙ୍କର ବାତାବରଣ ସୃଷ୍ଟି କରିଥିଲା। ଉଚ୍ଚ ନ୍ୟାୟାଳୟଠାରୁ ନିମ୍ନଅଦାଲତ ପର୍ଯ୍ୟନ୍ତ ସବୁଠାରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୨.୪୫ ସୁଦ୍ଧା ସମ୍ଭାବ୍ୟ ବିସ୍ଫୋରଣକୁ ନେଇ ଅଦାଲତର ବିଚାରପତି, କର୍ମଚାରୀ ଓ କାର୍ଯ୍ୟରତ ଆଇନଜୀବୀ ଆତଙ୍କିତ ଅବସ୍ଥାରେ କୋର୍ଟ ପରିସରରୁ ବାହାରକୁ ପଳାଇ ଆସିଥିଲେ। ଏ ସଂପର୍କରେ ହାଇକୋର୍ଟ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ବୋମା ନିରୋଧକ ସ୍କ୍ୱାଡ, ସଂଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ତନାଘନା କରିଥିଲେ। ପୁଲିସ ଡିଜିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଯାଞ୍ଚରୁ ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

ଅଦାଲତକୁ ବୋମାରେ ଉଡ଼ାଇଦେବା ଭଳି ଧମକ ଆମରାଜ୍ୟରେ ନୂଆ ଘଟଣା। ହୋଇପାରେ ଏହା ମିଛ ଡରାଣ, ହେଲେ କାହିଁକି? ଏହି ଧମକ ପଛରେ କ'ଣ କାରଣ ଥାଇପାରେ ସେ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେବା ସ୍ୱାଭାବିକ। ଧମକ ପଛରେ ଥିବା ବ୍ୟକ୍ତି ବା ସଂଗଠନ ଧରା ନପଡ଼ିବା ପର୍ଯ୍ୟନ୍ତ ଏହାର ଉଦ୍ଦେଶ୍ୟ ଜଣାପଡ଼ିବା ସହଜ ନୁହେଁ। ଏକଥା ସତ ଯେ ଅଦାଲତର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ବିଭିନ୍ନ ମାମଲାର ଶୁଣାଣି ଅନ୍ୟ ଏକ ତାରିଖକୁ ଘୁଞ୍ଚାଯାଇଥିବ। ମନେହୁଏ ଗୁରୁବାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଥିଲା, ଯାହାକୁ ଏହି ଧମକ ମାଧ୍ୟମରେ ଘୁଞ୍ଚାଇବାକୁ ସମର୍ଥ ହୋଇଛି ଇ-ମେଲ ପଠାଇଥିବା ବ୍ୟକ୍ତି। ତେଣୁ ସେଦିନର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ମାମଲାଗୁଡ଼ିକର ତର୍ଜମା କରି ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଅନୁସନ୍ଧାନ ପରିସରକୁ ଅଣାଯିବା ଉଚିତ। ଅଦାଲତ କାର୍ଯ୍ୟରେ ପୁଲିସ ପ୍ରଶାସନ କେତେଦୂର ହସ୍ତକ୍ଷେପ କରିପାରିବ ତାହା ଭିନ୍ନ କଥା। ଇ-ମେଲ ଆଇଡିର ମୂଳଉତ୍ସ ଜାଣିବା ପାଇଁ ଆଜିକାଲି ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେଉଛି। ରାଜ୍ୟର ସାଇବର ଅପରାଧ ଯାଞ୍ଚ କରୁଥିବା ଅଧିକାରୀ ଏସଂପର୍କରେ କେତେଦୂର ଯୋଗ୍ୟ ଓ ଅଭିଜ୍ଞ ତାହା ଉପରେ ନିର୍ଭର କରେ ବୋମା ଧମକ ଦେଥିବା ଅପରାଧୀକୁ ଧରିବା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହାକୁ ମିଛ ଧମକ କହି ଘଟଣାର ଗୁରୁତ୍ୱକୁ ଗୌଣ ବିଚାର କରିବା ଆଦୌ ଉଚିତ ନୁହେଁ। କାରଣ ଏ ପ୍ରକାର ମାନସିକତା ଅନୁସଂଧାନ ପ୍ରକ୍ରିୟାରେ ଅଯଥା ଶିଥିଳତା ସୃଷ୍ଟି କରିବାର ଆଶଙ୍କା ରହିଛି। ଅଦାଲତକୁ ବୋମା ଧମକ ଦେବା କିଛି ଛୋଟକଥା ନୁହେଁ। ଏହାର ବୃହତ୍ତମ ଦିଗ ଓ ସୁଦୂରପ୍ରସାରୀ ପ୍ରଭାବ ରହିଛି। ରାଜ୍ୟରେ ପୁଲିସ ଡିଜି ସମ୍ମିଳନୀ ବେଳେ ମଧ୍ୟ ଅନୁରୂପ ବୋମା ଧମକ ମିଳିଥିଲା। ତାହାର ଅନୁସଂଧାନ କେତେଦୂର ଆଗେଇଛି କାହାକୁ ଜଣାନାହିଁ।

ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ଘଟଣାର ସବିଶେଷ ଅନୁସଂଧାନ ପାଇଁ ନିର୍ଦ୍ଦେଶ ଦେଇ ଅପରାଧୀକୁ ଧରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଦାଲତରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଗଲା ତାହା ପ୍ରଶଂସନୀୟ। ତେବେ ପୁନର୍ବାର ଆମେ ସ୍ପଷ୍ଟ କରିଦେଇଛୁ ଯେ ମିଛ ଧମକ କହି ଘଟଣାର ଯେପରି ଗୁରୁତ୍ୱହାନି କରାନଯାଏ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ●

## ଜିଡିପି ଅଭିବୃଦ୍ଧି ଓ ଋଣ ବୋଝ

ଆମେରିକାର ଅତିରିକ୍ତ ଟାରିଫ ଭଳି ବହିର୍ବାଣିଜ୍ୟକ ଚାପ ସତ୍ତ୍ୱେ ଆମଦେଶର ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ବେଶ ଉତ୍ସାହଜନକ। ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ଦର୍ଶାଯାଉଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଡିପି ୭.୪ % ହେବ। ଯାହାକି ଗତ ଆର୍ଥିକବର୍ଷ ତୁଳନା ୦.୯% ଅଧିକ। ଦେଶର ଅର୍ଥନୀତିକୁ ଗତି ଦେବାରେ ଏହା ସହାୟକ ହେବ। ସେବା କ୍ଷେତ୍ରରେ ୯.୯%, ବିନିର୍ମାଣ ଓ ନିର୍ମାଣ କ୍ଷେତ୍ରରେ ୭ % ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଏହି ଅଭିବୃଦ୍ଧି ହାର ୩.୧ % ରହିବ। ସରକାରଙ୍କ ଏହି ଅଗ୍ରୀମ ଆକଳନ ସଂପର୍କରେ ଉଲ୍ଲେଖ କଲାବେଳେ ମନେ ରଖିବାକୁ ହେବ ଯେ ଦେଶର ଋଣ ଭାର ଏହି ଦଶନ୍ଧି ମଧ୍ୟରେ ୩ ଗୁଣ ବୃଦ୍ଧି ପାଇଛି। ଅଧିକାଂଶ ରାଜ୍ୟର ଆର୍ଥିକ ଶୃଙ୍ଖଳା ଏକପ୍ରକାର ଉଜୁଡି ଯାଇଛି କହିଲେ ଭୁଲ ହେବ ନାହିଁ। ବିଶେଷକରି ନିର୍ବାଚନ ରାଜନୀତିରେ ଜନକଲ୍ୟାଣକାରୀ ଯୋଜନା ନାମରେ ମତଦାତାଙ୍କୁ ପ୍ରଭାବିତ କରିବା ସକାଶେ ଆଖିବୁଜା ଆର୍ଥିକ ସହାୟତା ପ୍ରଦାନ ଫଳରେ ବିଦ୍ୟୁତ ସଂଯୋଗ ରାସ୍ତାଘାଟ ଓ ଗୃହନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ କ୍ଷେତ୍ରରେ ଅର୍ଥାଭାବ ପରିଲକ୍ଷିତ ହେଉଛି। ରାଜସ୍ୱର ୮୦ % ବେତନ ଭତ୍ତା ଓ ଘୋଷିତ ରିହାତି ତଥା ସହାୟତା ରାଶି ବାବଦରେ ବ୍ୟୟ କରାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ କିଛି ରାଜ୍ୟକୁ ଋଣ ପରିଶୋଧ ପାଇଁ ଋଣ କରିବାକୁ ପଡୁଛି।

ଜିଡିପି ଅଭିବୃଦ୍ଧି ହାରକୁ ଯଦି ଜାତୀୟ ଆର୍ଥିକ ଅଗ୍ରଗତିର ପରିମାପକ ବୋଲି ବିଚାର କରାଯାଏ, ତେବେ କ'ଣ ରାଜ୍ୟର ବିନା ସହାୟତାରେ ଏହି ସମ୍ଭାବନାର ଅଙ୍କ କଷା ଯାଇପାରିବ? ଏଭଳି ଏକାଧିକ ପ୍ରଶ୍ନ ବେଳେ ବେଳେ ଦେଶବାସୀଙ୍କୁ ବ୍ୟସ୍ତ, ବିବ୍ରତ କରିବା ସ୍ୱାଭାବିକ। ନିକଟରେ ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ପୂର୍ବରୁ ସବୁସ୍ତରର ମତାଦାତାଙ୍କୁ ସନ୍ତୁଷ୍ଟ କରିବା ସକାଶେ ଯେଭଳି ଆଖିବୁଜା ସହାୟତା ରାଶି ବଣ୍ଟନ କରାଯାଉଛି ତାହା ବିହାରକୁ ଦେବାଳିଆ କରିଦେବା ଏକପ୍ରକାର ନିଶ୍ଚିତ। ଆର୍ଥିକ ଦୃଷ୍ଟିରୁ ସବୁଠାରୁ ସମୃଦ୍ଧ ଓ ସମର୍ଥ ରୂପେ ପରିଚିତ ମହାରାଷ୍ଟ୍ରର ଆର୍ଥିକ ସ୍ଥିତି ଏଭଳି ନିମ୍ନଗାମୀ ହୋଇଛି ଯେ ରାଜ୍ୟର ୯୦୩ ପ୍ରକଳ୍ପ ଅଗ୍ରଗତି କରିପାରୁନାହିଁ। ବଜେଟ ବ୍ୟବସ୍ଥାରେ ସେଥିରୁ ଅର୍ଥ ବରାଦ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟୱାରୀ ବିଚାର କଲେ ପଞ୍ଜାବ, ରାଜସ୍ଥାନ ଓ ହରିୟାଣା ସବୁଠାରୁ ଭୟଙ୍କର ଦୁର୍ଗତି ଦେଇ ଗତି କରୁଛନ୍ତି। ପଞ୍ଜାବ ଚଳିତ ଆର୍ଥିକ ବର୍ଷରେ ୯୦ ହଜାର କୋଟି ଟଙ୍କା ମୂଳଧନ ପରିଶୋଧ କରିବାର ଅଛି। ବିପୁଳ ପରିମାଣର ଋଣ ନକଲେ ପରିସ୍ଥିତିର ମୁକାବିଲା ଅସମ୍ଭବ। ଗତ ଅକ୍ଟୋବରରେ ରାଜ୍ୟ ସରକାର ଖୋଲାବଜାରରୁ ୨୦ ହଜାର କୋଟି ଟଙ୍କାର ଋଣ ଉଠାଇଥିଲେ। ସେହିଭଳି ରାଜସ୍ଥାନକୁ ଚଳିତ ବର୍ଷ ୧.୫୦ ଲକ୍ଷ କୋଟି ଟଙ୍କାର ଋଣ ପରିଶୋଧ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ତାହାର ୫୩.୧ % କେବଳ ଋଣ ପରିଶୋଧରେ ବ୍ୟୟ ହେବ। ଅବଶିଷ୍ଟ ଅର୍ଥରେ ଘୋଷିତ ରିହାତି ଓ ଅନ୍ୟାନ୍ୟ ସୁବିଧା ଦେବାରେ ଖର୍ଚ୍ଚ ହେବା ପରେ ବିକାଶ ଧାରା କେଉଁଆଡ଼କୁ ମୁହାଁଇବ ତାହା ଅନୁମାନ କରାଯାଇପାରେ।

ତେଣୁ ଜିଡିପି ହାରକୁ ନେଇ ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଦୃଢ଼ ଓ ସଶକ୍ତ ହେଉଛି ବୋଲି ଯେଉଁ ଆକଳନ କରାଯାଇଛି ତାହା କେତେ ଦୂର ଗ୍ରହଣୀୟ ବିଚାରସାପେକ୍ଷ। ●

# ଅମୂଳକ ବିଶ୍ୱାସର ଆତଙ୍କବାଦ

ନମ୍ରତା ମିଶ୍ର

ଆତଙ୍କବାଦର ସମାଚାର ଆମ ପାଇଁ ଆଉ ନୂଆ ନୁହଁ। ଆମେ ବହୁବର୍ଷ ଧରି ଏହି ପ୍ରକାର ଖବର ଶୁଣିବା, ପଢ଼ିବା ବା କିଛିକ୍ଷେତ୍ରରେ ଅନୁଭବ କରିବାରେ ଏକପ୍ରକାରେ ଅଭ୍ୟସ୍ତ ହୋଇସାରିଛେ। ଭାରତ ଓ ବିଶ୍ୱରେ ଘଟିଥିବା ହୃଦୟବିଦାରକ ଆତଙ୍କବାଦୀ ଆକ୍ରମଣ ଘଟଣା ଲେଖିବସିଲେ ତାଲିକା ଲମ୍ବା ହୋଇଚାଲିବ। ଆତଙ୍କବାଦ ପଛରେ ପ୍ରାଣ ଭୟ, ପ୍ରତିଶୋଧର ଇଚ୍ଛା, ଅର୍ଥଲୋଭ ଇତ୍ୟାଦି କାରଣ ସମେତ ପ୍ରମୁଖ ଥାଏ ଧର୍ମ ଉପରେ ଭିତ୍ତିହୀନ ବିଶ୍ୱାସ। ତୈମୁରଲଙ୍ଗ, ଔରଙ୍ଗଜେବଙ୍କ ନାରକୀୟ ଆତଙ୍କଠାରୁ ଆରମ୍ଭ କରି ଭାରତ ବିଭାଜନ ସମୟର ନରହତ୍ୟା, ସମ୍ପତ୍ତି ଲୁଣ୍ଠନ ଆଦି ହିଂସା ଓ ଆତଙ୍କର କଳଙ୍କିତ ଅଧ୍ୟାୟ ଆମ ଇତିହାସରେ ଲେଖାସାରିଛି।

ବର୍ତ୍ତମାନ ଆମ ଚାରିପାଖରେ ଘଟୁଥିବା କିଛି ଘଟଣା ଉପରେ ଦୃଷ୍ଟି ଦେବା। ଖବରକାଗଜ ଖୋଲିବା ମାତ୍ରେ ଗୁଣିଆ ସନ୍ଦେହରେ ହତ୍ୟା, ଜାତିଆଣ ହତ୍ୟା କିମ୍ବା ବାସନ୍ଦ, ଯୌତୁକ ହତ୍ୟା, ଗୋଷ୍ଠୀ କନ୍ଦଳ, ଅନ୍ଧବିଶ୍ୱାସ ଜନିତ ବଳି, ଧର୍ମାନ୍ତରଣଜନିତ ହିଂସା, ଦଳଚକଟା ଜନିତ ମୃତାହତ ଆଦି ଖବର ଆମ ଆଖିରେ ପଡ଼େ। ଏ ସବୁ ପ୍ରଥାରେ ଅଯୌକ୍ତିକ ବିଶ୍ୱାସ କେବଳ ଅଶିକ୍ଷିତଙ୍କ ମଧ୍ୟରେ ସୀମିତ ନଥାଏ, ତଥାକଥିତ ଶିକ୍ଷିତ ଓ ଉଚ୍ଚବର୍ଗ ଏପରିକି ସମାଜ ସଂସ୍କାରକମାନଙ୍କ ପାଖରେ ମଧ୍ୟ ଥାଏ। ଆଜି ମଧ୍ୟ କେତେକ ମନ୍ଦିରରେ ମହିଳା ଓ ଦଳିତମାନଙ୍କର ପ୍ରବେଶ ନିଷେଧ। ଏ ସବୁ ମଧ୍ୟ ଭିତ୍ତିହୀନ ବିଶ୍ୱାସର ପରିଣତି।

ଆହୁରି ମଧ୍ୟ ଦୈନନ୍ଦିନ ଜୀବନରେ ଜାମାଖଣ୍ଡେ ପିନ୍ଧୁ ପିନ୍ଧୁ ଯଦି ଛିଙ୍କ ହୁଏ ଆମେ ତା'କୁ ବାହାର କରିଦେଉ ଓ ପୁଣି ପିନ୍ଧୁ। ଝିଟିପିଟି ମୁଣ୍ଡ ଉପରେ ପଡ଼ିଲେ ଶୁଭ ନା ଅଶୁଭ ବିଚାର କରୁ। ସ୍ୱପ୍ନ ଦେଖି ତାହା ଶୁଭ ନା ଅଶୁଭ ବିଶ୍ଳେଷଣ କରୁ। ମାଙ୍କଡ଼ ଡେଇଁ ପଡ଼ିଲେ, ବିରାଡ଼ି ରାସ୍ତା କାଟିଲେ, ବିଲୁଆ ଦେଖିଲେ. ପେଚା ବୋବାଇଲେ ଶୁଭ ନା ଅଶୁଭ ଚିନ୍ତା କରୁ। ନାଗ ସାପକୁ କ୍ଷୀର ପିଆଇବା ପାଇଁ ଚେଷ୍ଟା କରୁ। ନାଗ ସାପ ଆଖରେ କ୍ୟାମେରା ଲାଗିଛି, ସାପ ଖେଳିବା ବସ୍ତ୍ର ଶୁଭ ଇତ୍ୟାଦି ଆମ ସମାଜରେ ଖୁବ୍ ପ୍ରଚଳିତ। ଠାକୁରଙ୍କୁ ନଡ଼ିଆ କଦଳୀ ପୂଜାକରି ଆମକୁ ମଟନ୍ ମିଳୁ ବୋଲି ଆଶା କରୁ। ଘରର କେହି ମୃତ୍ୟୁବରଣ କଲେ କିଛି ରୀତିନୀତି ଅନୁସାରେ ଗୁଆକଦଳି ଖାଇ ପୁତ୍ର ଆଶା କରୁ। ଦେହ ଖରାପ ହେଲେ ଗୁଣିଆ, ଝାଡ଼ଫୁଙ୍କ ମାନସିକ ଇତ୍ୟାଦି ଆମେ କରୁ। ଲକ୍ଷ୍ମୀ ପୂଜାରେ ଦଶ ଟଙ୍କାର ଶାଗ, ମୁଆଁ, ପିଠା ପୂଜା କରି ବିନା କଷ୍ଟ ପରିଶ୍ରମରେ ଆମକୁ ବହୁ ସମ୍ପତ୍ତି ମିଳୁ ବୋଲି ଆଶା କରୁ। ସରକାରୀ ତହସିଲରୁ ଅର୍ଥ ଆତ୍ମସାତ କରି ମନ୍ଦିରରେ କିଛି ଦାନପୁଣ୍ୟ କରିଦେଇ ନିଜକୁ ଖୁବ୍ ଧାର୍ମିକ ମନେକରୁ। ସକାଳୁ ଉଠି ଆମେ ରାଶିଫଳ ଦେଖୁ। ଜାତକ ମେଳଣ କରୁ। ଠାକୁରାଣୀଙ୍କୁ ଶୁଖୁଆ ତରକାରୀ ପୂଜା କରି ବସନ୍ତ ମିଳିମିଳା ଆଦି ରୋଗରୁ ରକ୍ଷା ମିଳିଯିବ ବୋଲି ଆଶା କରୁ। ମୃତ ଶରୀର ପଛରେ ଫିଙ୍ଗା ଯାଇଥିବା ମୁଦ୍ରାକୁ ଘରେ ସାଇତି ରଖୁ। କୂଅ ପୋଖରୀ, ଜଳ ଭଣ୍ଡାର ଦେଖିଲେ ସେଥିରେ ପଇସା ପକାଇ ମାନସିକ କରୁ। ଠାକୁରଙ୍କୁ ମାନସିକ କରି, ଦାନ ଧର୍ମ କରି ୟୁପିଏସସି ଭଳି ପରୀକ୍ଷାରେ ମଧ୍ୟ ସଫଳତା ମିଳିବ ବୋଲି ବିଶ୍ୱାସ ରଖୁ।

ତେଣୁ ଅନ୍ଧବିଶ୍ୱାସ ବା ଅମୂଳକ ବିଶ୍ୱାସ କେବଳ ଆତଙ୍କବାଦୀ ବା ଦଙ୍ଗାକାରୀଙ୍କ ପାଖରେ ନାହିଁ, ଏହା ଆମ ପାଖରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଛି। ଏହି ଦୁରାରୋଗ୍ୟ ବ୍ୟାଧିରୁ ବଞ୍ଚିବାର କୌଣସି ରାସ୍ତା ହଠାତ୍ ଦେଖାଯାଏ ନାହିଁ। କାରଣ ଏହା ଆମ ଭିତରେ ବହୁ ପିଢ଼ି ଧରି ବଞ୍ଚି ରହିଥିବା ସେହି ନିର୍ମୂଳି ଲତା, ଯାହା ଆମ ସଭ୍ୟତା ଓ ସଂସ୍କୃତି ରୂପକ ମହାଦ୍ରୁମରୁ ଅହରହ ରସ ଶୋଷି ଚାଲିଛି। ଏହା ଏଭଳି କାୟାବିସ୍ତାର କରିଛି ଯେ ଆମେ ଜାଣିନାହୁଁ ଆମ ସଂସ୍କୃତି କ'ଣ ଓ ଅମୂଳକ ବିଶ୍ୱାସ କ'ଣ। ବୈଜ୍ଞାନିକ ମନୋଭାବ ବା ଚିନ୍ତାଧାରାକୁ ଆପଣେଇନେବା ଛାଡ଼ନ୍ତୁ, ଏହାକୁ ଆମେ ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହେଁ। ଯୁଗ ଯୁଗ ଧରି ଚାଲିଥିବା, ପିଲାଦିନରୁ ଶୁଣିଥିବା ବା ଆପଣେଇ ନେଇଥିବା ବିଶ୍ୱାସକୁ ଭାଙ୍ଗିଦେବା ସହଜ ନୁହେଁ। ବିଶ୍ୱାସକୁ ଛାଡ଼ିଦେଲେ ମଣିଷ ନିଜକୁ ଅନାଥ ମନେକରେ। ହୁଏତ ସେଥିପାଇଁ ମଣିଷ ଅମୂଳକ ବିଶ୍ୱାସକୁ ମଧ୍ୟ ଛାଡ଼େନା, ଯେପରି ନିଶାଦ୍ରବ୍ୟର ପୁରୁଣା ଅଭ୍ୟାସକୁ ଛାଡ଼ିବା ସହଜ ନୁହେଁ।

ପୁଣି ଏହି ସବୁ ବିଶ୍ୱାସ ଯୋଗୁଁ କିଛି ଲୋକଙ୍କ ବେଉସା ଚାଲେ, ପ୍ରାଧାନ୍ୟ ବଢ଼େ। ଆତ୍ମଘୋଷିତ ଈଶ୍ୱରମାନେ ଅଲୋଡ଼ା ହୋଇଯାଇପାରନ୍ତି। ଖାସ୍ ସେଇଥିପାଇଁ ସମାଜ ସଂସ୍କାରକ ରୂପରେ ବା ସଂସ୍କୃତି ରକ୍ଷକ ରୂପରେ ସମାଜ ସଂସ୍କାରକୁ ଅଟକାଇ ରଖିବା କାମ ସେଇମାନେ ହିଁ କରିଥା'ନ୍ତି। ମଣିଷ-ମଣିଷ ଭିତରେ ଉଚ୍ଚ-ନୀଚର ଭାବ ସୃଷ୍ଟି କରିବା, ଜାତି-ଧର୍ମ ନାମରେ ସମାଜରେ ବିଭ୍ରାଟ କରିବା କିଛି ଅଳ୍ପସଂଖ୍ୟକ ଲୋକଙ୍କ କାମ। କିନ୍ତୁ ଏହାର ଫଳ ସମସ୍ତ ସମାଜ ଭୋଗ କରନ୍ତି। ଅମୂଳକ ବିଶ୍ୱାସ ରୂପକ ଲତାର ଚେର ହେଉଛନ୍ତି ଭୟ ଓ ଲାଳସା। ପତିଆରା ଯିବାର ଭୟ ଏବଂ ବିନା ପରିଶ୍ରମରେ ଅର୍ଥ ଓ ସମ୍ମାନ ଲାଭର ଲାଳସା। ଯଦି ଆପଣ ସେମାନଙ୍କ ଜୀବନକୁ ଅତି ପାଖରୁ ଦେଖିବେ, ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେମାନେ ନିଜେ କୌଣସି ଅମୂଳକ ବିଶ୍ୱାସର ବଶବର୍ତ୍ତୀ ନୁହନ୍ତି। ଠିକ୍-ଭୁଲ୍‌ର ପାର୍ଥକ୍ୟ ଖୁବ୍ ଭଲରେ ବୁଝି କେବଳ ସରଳ ଲୋକଙ୍କ ଫାଇଦା ଉଠାନ୍ତି।

ନିଜ ଧର୍ମ, ନିଜ ଜୀବନ, ନିଜ ସଂସ୍କୃତି, ନିଜ ପରିବେଶକୁ ଠିକ୍ ଭାବେ ବୁଝିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ କେବଳ ନିଜର। ଯେଉଁ ବିଜ୍ଞାନ ଆମ ଜୀବନକୁ ଆଜି ଏତେ ସରଳ କରିଛି, ଯାହା ଏତେ ସୁବିଧା ଦେଇଛି, ଆଦିମାନବରୁ ସଭ୍ୟମାନବ କରି ତିଆରି କରିଛି, ଆମର ସେଥିରେ କୌଣସି ଆଗ୍ରହ ନାହିଁ। ଆମେ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି ଆମ ମୋବାଇଲ୍, ହ୍ୱାଟ୍ସଆପ, ମେସେଞ୍ଜର, ଫେସବୁକ, ଫୋନ୍ ପେ, ପେଟିଏମ, ପ୍ଲେଷ୍ଟୋର କିପରି କାମ କରେ? ଅନେକଙ୍କ ପାଇଁ ଏହା ସମୟ ଅପଚୟକାରୀ ଓ ନିରର୍ଥକ ଉଦ୍ୟମ। କିନ୍ତୁ ହ୍ୱାଟ୍ସଆପ, ଫେସବୁକ ବା ଯେକୌଣସି ସୋସିଆଲ୍ ମିଡିଆରେ ଆସୁଥିବା ଖବର, ଚିନ୍ତାଧାରା, ପ୍ରବଚନ, ମୋଟିଭେଶନ୍, ବାସ୍ତୁ, ରାଶିଫଳ, ଶକୁନ ବିଚାର, ଘୃଣା ବିସ୍ତାର ଇତ୍ୟାଦିକୁ ଖୁବ୍ ସହଜରେ ବିଶ୍ୱାସ କରୁ। ଆମେ କେବେ ଭାବୁ ଯେ ଅମୁକ ଖବରରେ ମିଛ ଥାଇପାରେ? କେହି ଏହା ସମାଜକୁ ଭ୍ରାନ୍ତ ବା ଉତ୍ୟକ୍ତ କରିବା ପାଇଁ ଜାଣିଶୁଣି ପ୍ରଚାର ପ୍ରସାର କରିପାରେ?

ଅମୂଳକ ବିଶ୍ୱାସର ପରିଣତି ଯେ କେତେ ଭୟଙ୍କର ହୋଇପାରେ ତାହା ଆତଙ୍କବାଦର ପରିଣାମରୁ ଅନୁମେୟ। ଅତୀତରେ ହୋଇଥିବା ଦେଶ ବିଭାଜନ ପଛରେ ମଧ୍ୟ କିଛିମାତ୍ରାରେ ଅମୂଳକ ବିଶ୍ୱାସ ରହିଥିଲା ବୋଲି ଆମର ମତ। ଏହି ଅମୂଳକ ବିଶ୍ୱାସ ଜୀବନ ବଞ୍ଚାଉଥିବା ଡାକ୍ତରମାନଙ୍କୁ ଜୀବନ ନେବା ପାଇଁ ମଧ୍ୟ ବାଧ୍ୟ କରିପାରେ। ଶିକ୍ଷିତ ଯୁବକଯୁବତୀଙ୍କୁ ଆତ୍ମଘାତୀ ବିସ୍ଫୋରଣ କରିବା ପାଇଁ ପ୍ରେରିତ କରିପାରେ। ଦେଶରେ ଦଙ୍ଗା ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ପ୍ରତିଟି ସଭ୍ୟ, ଶିକ୍ଷିତ, ସଚେତନ, ସୁନାଗରିକର କାର୍ଯ୍ୟ ସମାଜରେ ଥିବା କୁସଂସ୍କାର ଓ ଅମୂଳକ ବିଶ୍ୱାସକୁ ଦୂର କରିବା ପାଇଁ ଚେଷ୍ଟା କରିବା ହିଁ ଧ୍ୟେୟ ହେବା ଆବଶ୍ୟକ। ପରିବର୍ତ୍ତନର ସ୍ୱର ପ୍ରଥମେ ନିଜ ଭିତରୁ ଶୁଣାଯିବା ଉଚିତ। ସମାଜ ପରିବର୍ତ୍ତନ ପୂର୍ବରୁ ପ୍ରଥମେ ଆମେ ନିଜେ ପରିବର୍ତ୍ତିତ ହେବା ଆବଶ୍ୟକ। ବୈଜ୍ଞାନିକ ମନୋଭାବ ପୋଷଣ କରିବା ଆମ ପାଇଁ କେବଳ ଉଚିତ ନୁହଁ, ଏହା ସମ୍ବିଧାନ ଅନ୍ତର୍ଗତ କର୍ତ୍ତବ୍ୟ ମଧ୍ୟ। ଦିନ ଥିଲା ସତୀଦାହ ଭଳି କୁପ୍ରଥା ମଧ୍ୟ ସମାଜରେ ଯୁକ୍ତିଯୁକ୍ତ ଥିଲା। କିନ୍ତୁ ଆଜିର ଦିନରେ ଯଦି ଏହା ପୁନଃପ୍ରଚଳିତ ହୁଏ ତେବେ ଆମେ ଏହାର ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନିଶ୍ଚୟ। ●

(ପ୍ରାଣୀ ବିଜ୍ଞାନ ଅଧ୍ୟାପିକା, ଗଞ୍ଜାମ)

# ପୁନଶ୍ଚ ଯୌବନ ସମ୍ଭବ!

ପ୍ରଫେସର୍ ଫକୀରମୋହନ ସାହୁ

ଶାରୀରିକ ବାର୍ଦ୍ଧକ୍ୟର ଏକ ବିକଳ ଅବସ୍ଥା ହେଉଛି ମସ୍ତିଷ୍କର ବାର୍ଦ୍ଧକ୍ୟ। ମସ୍ତିଷ୍କର ବାର୍ଦ୍ଧକ୍ୟର ବିଭିନ୍ନ ପରିପ୍ରକାଶ ସଂପର୍କରେ ସମସ୍ତେ ଅଳ୍ପେବହୁତ ପରିଚିତ। ବିଶେଷତଃ ଆଧୁନିକ ଜୀବନର ସ୍ମୃତିଭ୍ରଂଶ ଓ ଆଲ୍‌ଜେମର୍ ରୋଗର ଭୟାବହତା ଏତେ ଦ୍ରୁତଗତିରେ ପ୍ରସାରିତ ହେଉଛି ଯେ ବର୍ଷୀୟାନ୍ ବ୍ୟକ୍ତିମାନଙ୍କର ଯତ୍ନ ନେଉଥିବା ପରିବାରରେ ଏହା ଏକ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଏହାର ପ୍ରତିରୋଧ ଓ ପ୍ରତିକାର ପାଇଁ ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଏଠାରେ ଆଲୋଚ୍ୟ ନୁହେଁ। କିନ୍ତୁ ଏହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ମସ୍ତିଷ୍କବିଜ୍ଞାନର ଏକ ବିସ୍ମୟକର ଆବିଷ୍କାର: ମସ୍ତିଷ୍କର ଷ୍ଟେମ୍ ସେଲ୍। ଏପରି ଆବିଷ୍କାର ପ୍ରୌଢ଼ ଅବସ୍ଥାରେ କେବଳ ନବଯୌବନର ସମ୍ଭାବନା ଆଣି ନାହିଁ, ଦୀର୍ଘଜୀବନର ଅନୁଭବ ସହିତ ଜୀବନର ବିଶିଷ୍ଟ ଲକ୍ଷ୍ୟପୂରଣରେ ନୂତନ ଆଶାର ସଞ୍ଚାର କରିଛି।

ଏପରି ସମ୍ଭାବନାର ମୂଳପିଣ୍ଡ ହେଉଛି ମସ୍ତିଷ୍କର ଷ୍ଟେମ୍ ସେଲ୍ ବା ଆଦିକୋଷ। ଆମେ ସମସ୍ତେ ଜାଣୁ ଯେ ଆମର ଚର୍ମରେ କୌଣସି କ୍ଷତ ହେଲେ ଏହା ସ୍ୱତଃ ଧୀରେ ଧୀରେ ପୂରଣ ହୋଇଥାଏ। ଛୋଟ ଧରଣର ହାଡ଼ ଭାଙ୍ଗିଗଲେ ତାହା ମଧ୍ୟ ଠିକ୍‌ଠାକ୍ ହୋଇଯାଏ। ପାକସ୍ଥଳୀର କେତେକ କ୍ଷତ ମଧ୍ୟ ସ୍ୱତଃ ଆରୋଗ୍ୟଲାଭ କରେ। ଏସବୁ କ୍ଷତ ସ୍ଥାନରେ ଶରୀରରେ ଥିବା ଷ୍ଟେମ୍ ସେଲ୍ ଭରଣା କରିବାରେ ସହାୟକ ହୁଏ। ମାତ୍ର ଦେଖାଗଲା ଯେ ମସ୍ତିଷ୍କ ଏ ଦୃଷ୍ଟିରୁ ଏକ ବ୍ୟତିକ୍ରମ। ଅଜସ୍ର ବର୍ଷଧରି କ୍ରମାଗତ ବିବର୍ତ୍ତନ ମାଧ୍ୟମରେ ମସ୍ତିଷ୍କ ଏକ ବିକଶିତ ସ୍ତର ହାସଲ କରିଥିବାରୁ ଏହା ସମ୍ଭବପର ହୋଇନଥାଏ ବୋଲି ବିଶେଷଜ୍ଞମାନେ ବିଚାର କରୁଥିଲେ। କେବଳ ଝିଟିପିଟି ପରି ସରଳତମ ଜୀବମାନଙ୍କରେ ଏହା କିଛିପରିମାଣରେ ସମ୍ଭବ ହୋଇଥାଏ। କିନ୍ତୁ ମନୁଷ୍ୟ ମସ୍ତିଷ୍କରେ ଷ୍ଟେମ୍ ସେଲ୍ ବା ଆଦିକୋଷ ନ ଥିବାରୁ ସ୍ୱୟଂସୁସ୍ଥତା ସମ୍ଭବ ହୋଇନଥାଏ।

ଏପରି ବଦ୍ଧମୂଳ ଧାରଣା ବିଂଶଶତକର ଆରମ୍ଭ ପର୍ଯ୍ୟନ୍ତ ସକ୍ରିୟ ଥିଲା। ଏପରିକି ୧୯୧୩ ମସିହାରେ ମସ୍ତିଷ୍କର ସ୍ନାୟୁ ଗଠନ ସଂପର୍କରେ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରି ନୋବେଲ୍ ପୁରସ୍କାର ପାଇଥିବା ସାଣ୍ଟିଆଗୋ କାଜଲ୍ ଦର୍ଶାଇଥିଲେ ଯେ ନୂତନ ସ୍ନାୟୁଗଠନ କରି କ୍ଷତକୁ ପୂରଣ କରିବାର ସାମର୍ଥ୍ୟ ମସ୍ତିଷ୍କ କୋଷରେ ଅନୁପସ୍ଥିତ। ପୁରସ୍କାର ପ୍ରାପ୍ତିର ପରବର୍ତ୍ତୀ ପର୍ଯ୍ୟାୟରେ କାଜଲ୍ ମସ୍ତିଷ୍କ ଓ ମେରୁମଜ୍ଜା(ସ୍ପାଇନାଲ୍ କର୍ଡ)ରେ ଷ୍ଟେମ୍ ସେଲ୍‌ର ଅନୁସନ୍ଧାନ କରି ବ୍ୟର୍ଥ ହୋଇଥିଲେ। ଭବିଷ୍ୟତର ରୂପରେଖ କ'ଣ ହେବ, ସେ ବିଷୟରେ ତାଙ୍କର ସଂଶୟ ଥିଲା। ମସ୍ତିଷ୍କର ଷ୍ଟେମ୍ ସେଲ୍ ପରିକଳ୍ପନା ବେଶ୍ କିଛିବର୍ଷ ଅବହେଳିତ ରହିଗଲା। ଅନେକ ବିଶେଷଜ୍ଞ ମସ୍ତିଷ୍କକୁ ଗୋଟିଏ ଜଟିଳ ମେସିନ୍ ବୋଲି ଭାବୁଥିବାରୁ ସେମାନଙ୍କର ଧାରଣା ଥିଲା ଯେ ମେସିନ୍‌ଟି ଖରାପ ହୋଇଗଲେ ନିଜେ ନିଜକୁ ଠିକ୍ କରିପାରିବ ନାହିଁ। ଏଥିପାଇଁ ବାହାରର ଯାନ୍ତ୍ରିକ ହସ୍ତକ୍ଷେପ ଆବଶ୍ୟକ ହେବ। ୧୯୬୫ ମସିହାରେ ଏକ ବିଚିତ୍ର ଘଟଣା ଘଟିଲା। ଆମେରିକାର ଅଗ୍ରଣୀ ଅନୁଷ୍ଠାନ ଏମ୍.ଆଇ.ଟି ର ଦୁଇଜଣ ବିଶେଷଜ୍ଞ ଅଲ୍‌ଟମ୍ୟାନ ଓ ଦାସ ପ୍ରଥମେ ଆବିଷ୍କାର କଲେ ଯେ ମୂଷାର ମସ୍ତିଷ୍କରେ ଷ୍ଟେମ୍ ସେଲ୍ ରହିଛି। କିନ୍ତୁ ଏହା ସେ ସମୟର ବାତାବରଣର ଅନୁକୂଳ ନ ଥିବାରୁ ଏହା ବିଶ୍ୱାସର ବଳୟରେ ପ୍ରବେଶ କଲା ନାହିଁ।

ବିଂଶଶତକର ଅଷ୍ଟମ ଦଶକରେ ଜଣେ ପକ୍ଷୀ ବିଶେଷଜ୍ଞ ଲକ୍ଷ୍ୟ କଲେ ଯେ ଋତୁର ପରିବର୍ତ୍ତନ ସହିତ ଗୀତ-ପକ୍ଷୀମାନେ ନୂଆ ନୂଆ ସ୍ୱରରେ ଶବ୍ଦ କରୁଛନ୍ତି। ଏହା ବିଶେଷଜ୍ଞଙ୍କୁ ଚମତ୍କୃତ କଲା। ସେ ଦେଖିଲେ ଯେ ପକ୍ଷୀମାନଙ୍କ ମସ୍ତିଷ୍କରେ ନୂଆ ନୂଆ ସ୍ନାୟୁଗଠିତ ହେବା ଫଳରେ ଏହା ସମ୍ଭବ ହେଉଛି। ପକ୍ଷୀ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଉପସ୍ଥିତି ଏକ ପ୍ରାମାଣିକ ରୂପ ନେଲା। ଏହା ପରେ ପରେ ଆଦିକୋଷର ଅନ୍ୱେଷଣ ପାଇଁ ଗବେଷଣା ପ୍ରକ୍ରିୟା ତୀବ୍ରତର ହେଲା। ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଏଲିଜାବେଥ୍ ଗୋଲ୍‌ଡ ପ୍ରଥମେ ଉଚ୍ଚତର ପ୍ରାଣୀମାନଙ୍କ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ସନ୍ଧାନ ଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଜଣ ବିଶେଷଜ୍ଞ (ଏରିକ୍‌ସନ୍ ଓ ଗେଜ୍) ଅନନ୍ୟ ଉପାୟ ଅବଲମ୍ବନ କରି ମରଣାପନ୍ନ ବ୍ୟକ୍ତିଙ୍କ ଅନୁମତି ନେଇ ସେମାନେ ମସ୍ତିଷ୍କର ସୂକ୍ଷ୍ମାତିସୂକ୍ଷ୍ମ କାର୍ଯ୍ୟକଳାପ ଲକ୍ଷ୍ୟ କଲେ। ସେମାନେ ଦର୍ଶାଇଲେ ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ମସ୍ତିଷ୍କରେ ନୂତନ ସ୍ନାୟୁଗଠନ ଚାଲୁରହିଥାଏ। ତାହା ଏକ ବହୁସମ୍ଭାବନାପୂର୍ଣ୍ଣ ବିସ୍ମୟକର ଆବିଷ୍କାର ଥିଲା।

ବର୍ତ୍ତମାନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି: ମସ୍ତିଷ୍କରେ ଷ୍ଟେମ୍ ସେଲ୍ ଗଠନର ସମ୍ଭାବନା ଥିବାରୁ ଏପରି କୋଷିକାର ଦ୍ରୁତ ବିକାଶକୁ ତ୍ୱରାନ୍ୱିତ କରାଯିବ କିପରି? ଗେଜ୍ ଓ ତାଙ୍କର ସହଯୋଗୀମାନେ ଏ ଦିଗରେ ବିଧିବଦ୍ଧ ଗବେଷଣା ଆରମ୍ଭ କଲେ। ସେମାନେ ପ୍ରଥମେ ମୂଷାମାନଙ୍କ ଉପରେ ପରୀକ୍ଷା ନିରୀକ୍ଷା କଲେ। ସେମାନେ ମୂଷାମାନଙ୍କୁ ଗତାନୁଗତିକ ଯନ୍ତାରେ ନ ରଖି ବିକଶିତ ପରିବେଶସମ୍ପନ୍ନ ଯନ୍ତାରେ ରଖିଲେ। ଏପରି ଯନ୍ତାରେ ଗଡ଼ାଇବା ପାଇଁ ବଲ୍ ଥିଲା, ବିଭିନ୍ନ ଧରଣର ଖେଳଣା ଥିଲା ଏବଂ ତଳୁ ଉପରକୁ ଓ ଉପରୁ ତଳକୁ ଦୌଡ଼ିଯିବା ପାଇଁ ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ଥିଲା। କେବଳ ୪୫ ଦିନର ଏପରି ପରିବେଶ ଆୟୋଜନ ପରେ ଦେଖାଗଲା ଯେ ମୂଷାମାନଙ୍କର ମସ୍ତିଷ୍କର ଓଜନର ୧୫ % ବୃଦ୍ଧି ପାଇଛି। ପ୍ରାୟ ୪୦ ହଜାର ନୂଆ ସ୍ନାୟୁ ଗଠିତ ହୋଇଛି। ଅନ୍ୟପକ୍ଷରେ ଗତାନୁଗତିକ ପରିବେଶର ଯନ୍ତା ମଧ୍ୟରେ ରହୁଥିବା ମୂଷାମାନଙ୍କର ମସ୍ତିଷ୍କର ଓଜନ ଅପରିବର୍ତ୍ତିତ ରହିଥିଲା। ଗବେଷକମାନେ ପରୀକ୍ଷାନିରୀକ୍ଷା କରୁଥିବା ମୂଷାମାନେ ସାଧାରଣତଃ ଦୁଇବର୍ଷ ବଞ୍ଚିଥା'ନ୍ତି। ଜୀବନର ଦ୍ୱିତୀୟ ବର୍ଷରେ ପ୍ରାୟ ଦଶମାସ ଧରି ପୂର୍ବବର୍ଣ୍ଣିତ ସମୃଦ୍ଧ ପରିବେଶରେ ଜୀବନଧାରଣ କରିଥିବା ମୂଷାମାନଙ୍କ କ୍ଷେତ୍ରରେ ସେମାନଙ୍କ ହିପୋକ୍ୟାମ୍ପସ୍‌ରେ (ମୁଖ୍ୟ ସ୍ମୃତିଭଣ୍ଡାର) ସ୍ନାୟୁସଂଖ୍ୟା ପାଞ୍ଚଗୁଣ ବୃଦ୍ଧି ପାଇଥିବାର ଦେଖାଗଲା। କେବଳ ସେତିକି ନୁହେଁ, ଏହି ମୂଷାମାନଙ୍କର ଶିକ୍ଷଣ ପ୍ରକ୍ରିୟା, ଉନ୍ନତ ଅନ୍ୱେଷଣ, ଗତିଶୀଳତା ଏବଂ ବୁଦ୍ଧିମତ୍ତାର ଅନ୍ୟସବୁ ସୂଚକ ମଧ୍ୟ ବେଶୀ ବିକଶିତ।

ଗେଜ୍‌ଙ୍କ ତତ୍ତ୍ୱକୁ ଆଧାର କରି ମନୁଷ୍ୟ ମସ୍ତିଷ୍କର ବିକାଶ ଏବଂ ବିଶେଷକରି ବାର୍ଦ୍ଧକ୍ୟ ଅବସ୍ଥାରେ ନବଯୌବନର ସମ୍ଭାବନା ସଂପର୍କରେ କ'ଣ କୁହାଯିବ? ପ୍ରଥମତଃ, ନୂତନ ସ୍ନାୟୁଗଠନ ଓ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଗଠନ ପାଇଁ ସମୃଦ୍ଧ ପରିବେଶ ଅତ୍ୟାବଶ୍ୟକ। ଗତାନୁଗତିକ ଶିକ୍ଷଣ ଓ ରୁଟିନ୍‌ବନ୍ଧା ବ୍ୟବହାର ପରିବର୍ତ୍ତେ ନୂଆ କିଛି ଶିଖିବାର ଅଭୀପ୍ସା ଓ ଅଭିନବ ପରିବେଶ ଷ୍ଟେମ୍ ସେଲ୍ ଗଠନକୁ ତ୍ୱରାନ୍ୱିତ କରେ। ଶାରୀରିକ ବ୍ୟାୟାମ ଏବଂ ଦ୍ରୁତଗତିରେ ଚାଲିବା ମଧ୍ୟ ଏ ଦିଗରେ ସହାୟକ ହୁଏ।

ନୂତନ ସ୍ନାୟୁର ଗଠନ ଏବଂ ଅଧିକ ସଂଖ୍ୟକ ଷ୍ଟେମ୍ ସେଲ୍ ଗଠନରେ ଯେଉଁ ଉପାଦାନଟି ସବୁଠାରୁ ଅଧିକ ଭୂମିକା ନିର୍ବାହ କରେ, ତାହା ହେଉଛି କୌଣସି ଏକ ଆହ୍ୱାନଭରା କାର୍ଯ୍ୟରେ ମନୋନିବେଶ କରିବା। ନୃତ୍ୟ କରିବା ଏବଂ ନୃତ୍ୟର ପରିକଳ୍ପନା କରିବା ଗୋଟିଏ ସୁନ୍ଦର ଉଦାହରଣ। ନୃତ୍ୟର ପରିକଳ୍ପନା ସମୟରେ ଅଙ୍ଗଚାଳନାର ମାନସିକ ଯୋଜନା ଏକ ଆହ୍ୱାନମୂଳକ (କଷ୍ଟକର କିନ୍ତୁ ଅସାଧ୍ୟ ନୁହେଁ) କାର୍ଯ୍ୟ। ଏହିପରି ସମଧର୍ମୀ କାର୍ଯ୍ୟରେ ନିମଗ୍ନ ରହୁଥିବା ବ୍ୟକ୍ତିମାନେ ବୟସାଧିକ୍ୟରେ ମଧ୍ୟ ତାରୁଣ୍ୟର ଅନୁଭବ ପାଆନ୍ତି। ଇସ୍ରାଏଲ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ବେନ୍-ଗୁରିଅନ୍ ଜୀବନର ଶେଷ ପର୍ଯ୍ୟାୟରେ ମୂଳ କ୍ଲାସିକ୍ ପଢ଼ିବା ପାଇଁ ଗ୍ରୀକ୍ ଭାଷା ଶିଖିବାକୁ ଆରମ୍ଭ କଲେ। ବେଞ୍ଜାମିନ୍ ଫ୍ରାଙ୍କଲିନ୍ ୭୮ବର୍ଷ ବୟସରେ ବାଇଫୋକାଲ୍ ଚଷମା ଉଦ୍‌ଭାବନ କଲେ। ନବେବର୍ଷ ବୟସରେ ହାର୍ଭାର୍ଡ ଭଳି ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟରୁ ବିଏ ପାଶ୍ କରିବାର ଉଦାହରଣ ରହିଛି। ବିଶିଷ୍ଟ କୋଷବିଜ୍ଞାନୀ ପାବ୍‌ଲୋ କାସ୍‌ଲସ୍‌ଙ୍କୁ ୯୧ ବର୍ଷ ବୟସରେ ଗବେଷଣାଗାରରେ ଦେଖିବା ପରେ ତାଙ୍କୁ ଜଣେ ଛାତ୍ର ପଚାରିଲେ- ଆପଣ ଏ ବୟସରେ କ'ଣ କରୁଛନ୍ତି? ପାବ୍‌ଲୋ ବିନମ୍ର ସ୍ୱରରେ କହିଲେ- 'ମୁଁ ଦେଖୁଛି ମୁଁ ଅଗ୍ରସର ହେଉଛି।' ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା

ବୌଦ୍ଧକାଳରେ ଓଡ଼ିଶା ବୌଦ୍ଧଧର୍ମର ଅନ୍ୟତମ ମୁଖ୍ୟ କେନ୍ଦ୍ର ହୋଇପାରିଥିଲା। ଉଭୟ ଉପକୂଳ ଓଡ଼ିଶା ଅଥବା ପ୍ରାଚୀନ ଓଡ୍ର ଦେଶ ଅଞ୍ଚଳ, ଯାହାକି ପୁରୀଠାରୁ ତାମ୍ରଲିପ୍ତ ବା ତାମଲୁକ ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା ଏବଂ ଦକ୍ଷିଣକୋଶଳ ଅଞ୍ଚଳ, ଯାହାକି ବଉଦ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ମହାନଦୀ ଅବବାହିକା - ଏସବୁ ପ୍ରସିଦ୍ଧ ବୌଦ୍ଧଧର୍ମ ତଥା ବୌଦ୍ଧ କୀର୍ତ୍ତିରାଜି ବ୍ୟାପି ରହିଥିବା ଅଞ୍ଚଳଭାବେ ପ୍ରସିଦ୍ଧି ଲାଭ କରିଥିଲା। ଦକ୍ଷିଣ କୋଶଳର ରାଜଧାନୀ ଶ୍ରୀପୁର (ଶିରପୁର) ଏକ ପ୍ରମୁଖ ବୌଦ୍ଧ କେନ୍ଦ୍ର ଭାବେ ଖ୍ୟାତି ଲାଭ କରିଥିଲା ଏବଂ ଏ ଅଞ୍ଚଳ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାଗାର୍ଜୁନଙ୍କ ରହଣିସ୍ଥଳ ଥିଲା। ମହାନଦୀର ଉଭୟ ତଟରେ ରହିଥିବା ଅଞ୍ଚଳଗୁଡ଼ିକରେ ବହୁ ବୌଦ୍ଧ କୀର୍ତ୍ତିରାଜି ରହିଥିଲା ଏବଂ ଏବେ ମଧ୍ୟ ଅନାବିଷ୍କୃତ ଭାବରେ ଅନେକ ମାଟିତଳେ ଓ ନଦୀ ଭିତରେ ରହିଛି। ବ୍ୟାପକଭାବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇ ବିଭିନ୍ନ ବୌଦ୍ଧ ସ୍ଥାନ, କୀର୍ତ୍ତିରାଜି, କଳା ଓ ସ୍ଥାପତ୍ୟର ଅନୁସନ୍ଧାନ ତଥା ଉଦ୍ଧାର କରାଯିବାର ଜରୁରୀ ଅବଶ୍ୟକତା ଏବେ ମଧ୍ୟ ରହିଛି।

ସେହିଭଳି ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଇନ୍ଦ୍ରଭୂତିଙ୍କ ପୋଷ୍ୟ ପୁତ୍ର ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଆଦି ସମ୍ପର୍କରେ ଅଧିକ ସ୍ଥାନୀୟ ଗବେଷଣାର ମଧ୍ୟ ଆବଶ୍ୟକତା ରହିଛି। ଏହାଫଳରେ ଏସବୁ ପ୍ରସଙ୍ଗ ସମ୍ପର୍କରେ ନୂତନ ତଥ୍ୟ ଲୋକଲୋଚନକୁ ଆସିପାରିବ। ପଦ୍ମସମ୍ଭବଙ୍କ ନିଜର ଜନ୍ମସ୍ଥାନ ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ଲଖଣପୁର ଅଞ୍ଚଳର ପଦ୍ମପୁର ବୋଲି ଚିହ୍ନଟ କରାଯାଇଛି। ସେହିଭଳି ରାଜା ଇନ୍ଦ୍ରଭୂତିଙ୍କ ଜତୁମତୀ ରାଜପ୍ରାସାଦ, ଯାହାର ଅବସ୍ଥିତିକୁ ବୁର୍ଲା ହୀରାକୁଦ ଅଞ୍ଚଳରେ ଠାବ କରାଯାଇଛି। ଏହି ଉଭୟ ସ୍ଥାନ ବର୍ତ୍ତମାନ ମହାନଦୀରେ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଥିବାରୁ ଗବେଷଣା ପାଇଁ ଅତ୍ୟନ୍ତ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ଆଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଏସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଧିକ ବାସ୍ତବବାଦୀ ପଦକ୍ଷେପ ନେବା ସର୍ବାଦୌ ଜରୁରୀ।

ଏହା କିନ୍ତୁ ଦୃଢ଼ ଭାବେ ପ୍ରମାଣସିଦ୍ଧ ଯେ ଓଡ଼ିଶା ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର। ଅବିଭକ୍ତ ସମ୍ବଲପୁର ହେଉଛି ପ୍ରାଚୀନ ସମ୍ବଳ ରାଜ୍ୟ ଏବଂ ସେହିଭଳି ସୋନପୁର ବା ସୁବର୍ଣ୍ଣପୁର ହେଉଛି ପ୍ରାଚୀନ ଲଙ୍କାପୁରୀ। ଏହିତଥ୍ୟ ସର୍ବମାନ୍ୟ ହେବା ସହ ଏହି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ସହ ସଂପୃକ୍ତ ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ପଦ୍ମସମ୍ଭବ ଏସବୁ ପ୍ରସଙ୍ଗ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ। ଏସବୁ ପ୍ରସଙ୍ଗ ଓଡ଼ିଆ ଅସ୍ମିତା, ଏପରିକି ଜାତୀୟ ଅସ୍ମିତା ସହ ସମ୍ପର୍କିତ। ଉଡ୍ଡୀୟାନ ତଥା ପୃଥିବୀ ପ୍ରସିଦ୍ଧ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରସଙ୍ଗକୁ ବିବାଦୀୟ କରାଯାଇଥିବାରୁ ଆମେ ଭାରତବାସୀ ଓ ଓଡ଼ିଶାବାସୀ ଦୃଢ଼ ଭାବେ ଉପରୋକ୍ତ ତଥ୍ୟକୁ ସମସ୍ୱରରେ ସ୍ୱୀକାର କରି ଦୃଢ଼ ଭାବେ ଏହାର ସମର୍ଥନ କରିବା ଆବଶ୍ୟକ।

ଏହିସବୁ ପ୍ରସଙ୍ଗର ବ୍ୟାପକ ପ୍ରଚାର ପ୍ରସାର ମଧ୍ୟ ଆବଶ୍ୟକ ଅନ୍ତର୍ଜାତୀୟ ସ୍ତରରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ। ପ୍ରଚାର ପ୍ରସାର ବ୍ୟତୀତ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ବିଶାଳ ସ୍ମୃତି ସ୍ଥଳ ବିଭିନ୍ନ ସ୍ଥାନରେ ମଧ୍ୟ ଆବଶ୍ୟକ। ଜନ୍ମସ୍ଥାନ ପଦ୍ମପୁର, ସମ୍ବଲପୁର, ମହାପରିନିର୍ବାଣ ସ୍ଥଳ ଉଦୟଗିରି ଓ ସର୍ବୋପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏଭଳି ସ୍ମୃତିସ୍ଥଳ ନିର୍ମାଣର ଆବଶ୍ୟକତା ରହିଛି। ସବୁସ୍ତରରେ ଲୋକମାନେ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଜାଣିପାରିବା ପାଇଁ ଗଣସାହିତ୍ୟ ଭଳି ଛାପା ପୁସ୍ତକମାନ ବହୁସଂଖ୍ୟାରେ ପ୍ରକାଶ ପାଇବା ଆବଶ୍ୟକ। ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପୁସ୍ତକାଳୟଗୁଡ଼ିକରେ ଗୁରୁ ପଦ୍ମସମ୍ଭବଙ୍କ ସଂପର୍କିତ ଇଂରାଜୀ ଓ ଓଡ଼ିଆ ପୁସ୍ତକମାନ ମଧ୍ୟ ଅଧିକ ସଂଖ୍ୟାରେ ରଖାଯିବାର ଆବଶ୍ୟକତା ରହିଛି। ବୌଦ୍ଧ ପର୍ଯ୍ୟଟକମାନେ ଯେପରି ଗୁରୁ ପଦ୍ମସମ୍ଭବଙ୍କ ଓଡ଼ିଶାରେ ରହିଥିବା ସଂପର୍କିତ ସ୍ଥଳ, ଯେପରିକି - ଜନ୍ମସ୍ଥାନ ଝାରସୁଗୁଡ଼ାର ପଦ୍ମପୁର, ପୋଷ୍ୟପୁତ୍ର ହେବା ପରେ ନୂତନ ସ୍ୱସ୍ଥାନ ସମ୍ବଲପୁର, ସିଦ୍ଧିସ୍ଥଳ ବିରଜାକ୍ଷେତ୍ର, ଅଧ୍ୟୟନସ୍ଥଳ ରତ୍ନଗିରି ଓ ମହାପରିନିର୍ବାଣ ସ୍ଥଳ ଉଦୟଗିରି ବିଷୟରେ ସବିଶେଷ ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ, ଯାହାଦ୍ୱାରା ପର୍ଯ୍ୟଟକମାନେ ସେହିସବୁ ସ୍ଥାନ ଭ୍ରମଣ କରିପାରିବେ। ସେମାନଙ୍କର ସୂଚନା ନିମନ୍ତେ ଆବଶ୍ୟକୀୟ ଛାପା ତଥ୍ୟ ଓ ସୂଚନା ପୁସ୍ତିକାମାନ ଉପଲବ୍ଧ ହେବା ସହ ଏହି ସ୍ଥାନ ଭ୍ରମଣ ନିମିତ୍ତ ସୁବନ୍ଦୋବସ୍ତର ମଧ୍ୟ ଆବଶ୍ୟକତା ରହିଛି। (ସମାପ୍ତ)

'ଓଁ ଆହ୍ ହୂମ୍ ବଜ୍ର ଗୁରୁ ପଦ୍ମ ସିଦ୍ଧି ହୂମ୍।' / 'ଓଁ ଆହ୍ ହୁଙ୍ଗ ବେଞ୍ଜା ଗୁରୁ ପେମା ସିଦ୍ଧି ହୂମ୍।' ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କାଞ୍ଜିପାଣି ଘାଟିରେ ତୁଷାରପାତ

କେନ୍ଦୁଝର, ୯।୧(ସମିସ): କେନ୍ଦୁଝର ଜିଲ୍ଲାରେ ଶୀତର ପ୍ରକୋପ ଜାରି ରହିଥିବା ଫଳରେ କାଞ୍ଜିପାଣି ଘାଟି ଅଞ୍ଚଳରେ ମଧ୍ୟରାତ୍ର ବେଳକୁ ତାପମାତ୍ରା ୧/୨କୁ ଖସି ଆସୁଛି। ଶୁକ୍ରବାର ଭୋର ସମୟରେ କାଞ୍ଜିପାଣି ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଆଗକୁ ଆହୁରି ଶୀତର ପ୍ରକୋପ ବଢ଼ିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିଛି। କେବଳ କାଞ୍ଜିପାଣି ନୁହେଁ, ଜିଲ୍ଲାର ଅନ୍ୟ କେତେକ ପାହାଡ଼ିଆ ଅଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ତୁଷାରପାତ ହୋଇଥିବା ସୂଚନା ମିଳିଛି। ସାରା ରାଜ୍ୟରେ ଶୀତଲହରୀ ଜାରି ରହିଥିବା ବେଳେ ଶୁକ୍ରବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୯ ଡିଗ୍ରୀ ରେକର୍ଡ କରାଯାଇଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ରାତ୍ର ବେଳକୁ ତାପମାତ୍ରା ୧/୨ଡିଗ୍ରୀ ତଳକୁ ଖସୁଛି।

ଶୁକ୍ରବାର ସକାଳେ କେନ୍ଦୁଝରର କାଞ୍ଜିପାଣି ସମେତ ବାଁଶପାଳ ବ୍ଲକର ନୟାକୋଟ, କାଦକଳା, ଫିପୁର, ଜମିରିପଶି, ଉପରପଣସନସା, ତରମାକାନ୍ତ, ଗୋନାସିକା ଆଦି ପାହାଡିଆ ଜଙ୍ଗଲ ଅଞ୍ଚଳରେ ଧାନକ୍ଷେତ, ଘାସପତ୍ର, କୁଟାଗଦା ଏବଂ ଗାଡ଼ି ଉପରେ ତୁଷାରପାତ ଆସ୍ତରଣ ଜମି ରହିଥିଲା। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୧ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ଜାରି ରହିବ। କେନ୍ଦୁଝର ଜିଲ୍ଲାର ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଶୀତ ପ୍ରକୋପ ଯୋଗୁଁ ସନ୍ଧ୍ୟା ପରେ ଲୋକ ଘରୁ ବାହାରୁ ନାହାନ୍ତି। ବଜାର ଘାଟ ଶୂନଶାନ ରହୁଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସହ୍ୟ ହୋଇପଡ଼ିଛି। ପାରଦ ଦିନକୁ ଦିନ ହ୍ରାସ ପାଇ ଚାଲିଥିବା ବେଳେ ଆଗାମୀ ଦିନରେ ଏହି ତାପମାତ୍ରା ଆହୁରି କମିବାର ସମ୍ଭାବନା ରହିଛି। କାଞ୍ଜିପାଣିରେ ତୁଷାରପାତ ଯୋଗୁଁ ଏହି ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କର ସମସ୍ୟା ବଢ଼ି ଯାଇଛି। ଆଦିବାସୀ ଅଧ୍ୟୁଷିତ ବଣ ଜଙ୍ଗଲରେ ଅଞ୍ଚଳରେ ରହୁଥିବା ଗରିବ ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ହେଲା କ୍ଷଣି ନିଆଁ ପାଖରେ ବସି ରହୁଥିବା ଦେଖାଯାଉଛି।

ଶୁକ୍ରବାର କେନ୍ଦୁଝର ସର୍ବନିମ୍ନ ତାପମାତ୍ରା ୭.୯ ଡିଗ୍ରୀ ସେଲସିୟସ ରହିଛି। ୨୦୧୧ ଜାନୁୟାରୀ ୮ ଓ ୯ ତାରିଖରେ ଏହି କାଞ୍ଜିପାଣି ଅଞ୍ଚଳରେ ଏଭଳି ତୁଷାରପାତ ହୋଇଥିଲା। ଥଣ୍ଡା ଯୋଗୁଁ ସେତେବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା। ୨୦୧୪ ଡିସେମ୍ବର ୨୦ ତାରିଖରେ ମଧ୍ୟ କାଞ୍ଜିପାଣି ଏବଂ ଆଖପାଖ ଅଞ୍ଚଳରେ ତୁଷାରପାତ ଦେଖିବାକୁ ମିଳିଥିଲା। ୨୦୧୮ ଡିସେମ୍ବର ୩୦ ତାରିଖରେ କାଞ୍ଜିପାଣି ଏବଂ ଆଖପାଖ ଅଞ୍ଚଳରେ ତୁଷାରପାତ ହୋଇଥିଲା।



ଶୁକ୍ରବାର ଘଟଗାଁ ମା'ତାରିଣୀଙ୍କ ମନ୍ଦିର ହୁଣ୍ଡିରୁ ସଂଗୃହୀତ ଦାନ ଅର୍ଥ ଗଣତି

## ଓସ୍କାର ଦୌଡ଼ରେ କାନ୍ତାରା, ତନଭୀ

ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): ଓସ୍କାରର ୯୮ତମ ସଂସ୍କରଣରେ ଋଷଭ ସେଟ୍ଟୀଙ୍କ 'କାନ୍ତାରା ଚାପ୍ଟର-୧' ଓ ଅନୁପମ ଖେରଙ୍କ 'ତନଭୀ ଦି ଗ୍ରେଟ୍' ସହିତ ୪ଟି ଭାରତୀୟ ସିନେମା ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏହି ବର୍ଗରେ ମୋଟ୍ ଉପରେ ୨୦୧ଟି ସିନେମା ମଧ୍ୟରେ ପ୍ରତିଯୋଗିତା ହେବ। ଏକାଡେମୀ ଅଫ ମୋସନ ପିକ୍‌ଚର୍ସ ଆର୍ଟସ ଆଣ୍ଡ ସାଇନ୍ସେସ ଏହି ଘୋଷଣା କରିଛି। ଗୁରୁବାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ତାଲିକା ପ୍ରକାଶ କରିଛି। ଜାନୁଆରୀ ୨୨ରେ ନୋମିନେସନ ଘୋଷଣା କରାଯିବ। କାନ୍ତାର ଓ ତନଭୀ ସହ ବହୁଭାଷୀ ଆନିମେଟେଡ ଚଳଚ୍ଚିତ୍ର 'ମହାବତାର ନରସିଂହ' ଓ ତାମିଲ ଚଳଚ୍ଚିତ୍ର 'ଟୁରିଷ୍ଟ ଫ୍ୟାମିଲି' ମଧ୍ୟ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି।

## ୧୨ ମେଡିକାଲ କଲେଜରେ ୫୦୨ ପିଜି ସିଟ୍ ବଢ଼ିବ

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପୋଷ୍ଟ ଗ୍ରାଜୁଏଟ (ପିଜି) ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ୍ ୧୨ ଟି ମେଡିକାଲ୍ କଲେଜରେ ୫୦୨ଟି ନୂଆ ପିଜି ସିଟ୍ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏହି ସିଟ୍ ବୃଦ୍ଧି ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଏନେଇ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ, ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏବଂ କଟକର ଏଏଚପିଜିଆଇସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

**ଭିତ୍ତିଭୂମି ବଢ଼ାଇବାକୁ ଡିଏମଇଟିଙ୍କ ଚିଠି**

ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଏସ୍‌କେ ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ସିଟ୍ ବୃଦ୍ଧି ଏବଂ ନୂଆ ପିଜି କୋର୍ସ ଆରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଦ ସୃଷ୍ଟି (ଯଦି ଥାଏ) ଏବଂ ତାହାର ଆର୍ଥିକ ପ୍ରଭାବ ସହିତ ଏକ ବ୍ୟାପକ ପ୍ରସ୍ତାବ ଶୀଘ୍ର ଡିଏମଇଟିଙ୍କୁ ପଠାଇବା ପାଇଁ ଚିଠିରେ କୁହାଯାଇଛି। ଏହାକୁ "ଅତି ଜରୁରୀ' ଭାବେ ବିବେଚନା କରି ଏନଏମସି ଆବେଦନ ପୋର୍ଟାଲ ମାଧ୍ୟମରେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ଚିଠି ସହିତ ସଂଲଗ୍ନ ତାଲିକାରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିଭାଗଭିତ୍ତିକ ନୂଆ ପିଜି ସିଟ୍ ବୃଦ୍ଧିର ବିବରଣୀ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିନା ଅକଲରେ...

ପୂର୍ବରୁ କେନ୍ଦ୍ର ସରକାର ଏମ୍‌ଭି ଆକ୍ଟରେ ସଂଶୋଧନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ନ ଥିଲେ ଗାଡ଼ି ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା କରିଥିଲେ। ମାତ୍ର ପରିବହନ ବ୍ୟବସ୍ଥା ସମ୍ବିଧାନର ଯୁଗ୍ମ ତାଲିକା (ଉଭୟ ରାଜ୍ୟ ଓ କେନ୍ଦ୍ର ନିଷ୍ପତ୍ତି ପରିସରଭୁକ୍ତ) ହୋଇଥିବାରୁ ପ୍ରାୟ ସବୁ ରାଜ୍ୟରେ ଏହି ଜରିମାନା ରାଶିକୁ କମ୍ କରିବା ପାଇଁ ଅନେକ ରାଜ୍ୟ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ବ୍ୟତୀତ ଦେଶର ଅଧିକାଂଶ ବଡ଼ ରାଜ୍ୟରେ ବର୍ତ୍ତମାନ ପିୟୁସିସି ନ ଥିଲେ ପ୍ରଥମ ଜରିମାନା ରାଶି ୧ ହଜାର ଟଙ୍କା ରଖାଯାଇଛି। ଯଦି ଜଣେ ଚାଳକ ଗୋଟିଏ ଥର ଏହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କୁ ୧ ହଜାର ଓ ଦ୍ୱିତୀୟ ଥର ପାଇଁ କିଛି ରାଜ୍ୟରେ ପଶ୍ଚିମବଙ୍ଗ, କେରଳ ଆଦିରେ ୧୫୦୦ ଟଙ୍କା ଓ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ତେଲେଙ୍ଗାନା ଆଦିରେ ୨ ହଜାର ଟଙ୍କା ରଖାଯାଇଛି। ଏହାବ୍ୟତୀତ ଅନ୍ୟ କିଛି ରାଜ୍ୟରେ ଉଭୟ ପ୍ରଥମ ଓ ଦ୍ୱିତୀୟ ଉଲ୍ଲଂଘନ ପାଇଁ ୧୦୦୦ ଟଙ୍କା ଜରିମାନା ରାଶି ଧାର୍ଯ୍ୟ ହୋଇଛି। ଏହା ସତ୍ତ୍ୱେ ସରକାର ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ନ ନେଇ ପ୍ରଦୂଷଣ ଦୃଷ୍ଟିରୁ ଦିଲ୍ଲୀ ଭଳି ସମ୍ବେଦନଶୀଳ ରାଜ୍ୟର ଜରିମାନା ପନ୍ଥାକୁ କାହିଁକି ଆଦର୍ଶ ମଣିଲେ ତାହା ବୁଝା ପଡୁନାହିଁ।

ଦିଲ୍ଲୀ ପ୍ରଦୂଷଣକୁ ନେଇ ଅନେକ ଗବେଷଣା ହୋଇଛି। ବ୍ୟସ୍ତ ଟ୍ରାଫିକ୍ ଓ ଅସଂଖ୍ୟ ଗାଡ଼ିର ଧୂଆଁ ଦିଲ୍ଲୀ ସମସ୍ୟାର ପ୍ରମୁଖ କାରଣ ବୋଲି ରିପୋର୍ଟ ଆସିଛି। ଯେଉଁଥିପାଇଁ ଦିଲ୍ଲୀରେ ଏନେକ ସମୟରେ ଯୁଗ୍ମ-ଅଯୁଗ୍ମ ବ୍ୟବସ୍ଥା ଲାଗୁ କରିବା ସହ ଡିଜେଲ ଚାଳିତ ଗାଡ଼ି ଚାଳନା ଉପରେ କଟଣା ଲଗାଯାଉଛି। ମାତ୍ର ଓଡ଼ିଶାରେ ଗାଡ଼ି ଚାଳନା ଯୋଗୁଁ କେତେ ପ୍ରତିଶତ ପ୍ରଦୂଷଣ ହେଉଛି, ସେନେଇ କୌଣସି ଗବେଷଣା କରାଯାଇଯାଇ ନାହିଁ। ଗାଡ଼ି ଚାଳନା ବ୍ୟତୀତ ଅନ୍ୟ କ୍ଷେତ୍ରଗୁଡ଼ିକରୁ ବହୁମାତ୍ରାରେ ପ୍ରଦୂଷଣ ହେଉଥିଲେ ମଧ୍ୟ ପରିବହନ ବିଭାଗ କେବଳ ସାଧାରଣ ଗାଡ଼ି ଚାଳକଙ୍କ ଉପରେ ଦାଉ ସାଧୁଛନ୍ତି। ଏବେ ଏହାକୁ ଚାରି ଆଡୁ ବିରୋଧ ସହ ସାଧାରଣ ଲୋକେ ସରକାରଙ୍କୁ ପ୍ରବଳ ସମାଲୋଚନା କରୁଛନ୍ତି। ଲୋକଙ୍କ ସମାଲୋଚନା ପରେ ସରକାର ବାରମ୍ବାର ଏହି କଟକଣା ଲାଗୁ ଅବଧିକୁ ଘୁଞ୍ଚାଇ ଚାଲିଛନ୍ତି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଜରିମାନା କଷିବା ସରକାର ଯେଉଁ ଉଦ୍ୟମ କରିଥିଲେ, ସେଥିରେ ମଧ୍ୟ ରୋକ୍ ଲଗାଇବାକୁ ବାଧ୍ୟ ହୋଇଛନ୍ତି। ଚାରି ଆଡୁ ଚାପ ପରେ ବିଭାଗୀୟ ମନ୍ତ୍ରୀ ଶ୍ରେୟ ନେବା ପାଇଁ ଜରିମାନା ରାଶି କମ୍ କରିବା ପାଇଁ ବିଚାର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପୂର୍ବରୁ ଏକାଧିକ ରାଜ୍ୟ ଏକ୍ଷେତ୍ରରେ ପଦକ୍ଷେପ ନେଇ ନିଜ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିବା ବେଳେ ଓଡ଼ିଶା ସରକାର କାହିଁକି ଏମିତି ଜରିମାନା ଆଦାୟ ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ବି ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜ୍ୟ ସରକାର ...

ଅଧିକାରୀଙ୍କ ଉପସ୍ଥିତି ବିନା କେବଳ 'ଇ-ଚିହ୍ନଟ' ମାଧ୍ୟମରେ ଜାରି କରାଯାଇଥିଲା। ମୋଟର ଯାନ ଆଇନର ଧାରା ୧୧୬ ଅନୁଯାୟୀ ପ୍ରଦୂଷଣ ଯାଞ୍ଚ ପାଇଁ ପୂର୍ବରୁ କୌଣସି ନୋଟିସ ଦିଆଯାଇନଥିଲା ଯାହା ବେଆଇନ। ସେହିଭଳି ଚାଲାଣ କଟାଯିବାର ୭ଦିନ ଭିତରେ ତଥା ଡିସେମ୍ବର ୨୮ରେ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରାଯିବାରୁ ଏହା ସମସ୍ତ ନିୟମ ମଧ୍ୟରେ ଥିବା ଜଣାପଡ଼ିଥିଲା। ତେଣୁ ଗାଡ଼ିଟି ପ୍ରଦୂଷଣ ନିୟମ ଭାଙ୍ଗିନଥିବା ସତ୍ତ୍ୱେ କେବଳ ପ୍ରମାଣପତ୍ର ନଥିବାରୁ ଏତେ ପରିମାଣର ଜରିମାନା ଆଦାୟ କରିବା ଅଯୌକ୍ତିକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଇ-ଚିହ୍ନଟ ଜରିଆରେ ଏଭଳି ଜରିମାନା ଆଦାୟ ପାଇଁ କୌଣସି ନିୟମ ନଥିବା ବେଳେ ଏହା ବେଆଇନ ଅଟେ। ସେହିଭଳି ଠୋସ କାରଣ ନଥାଇ ସିଧାସଳଖ ୧୦,୦୦୦ ଟଙ୍କାର ଜରିମାନା ଲଗାଯିବା ସରକାରୀ କ୍ଷମତାର ଅପବ୍ୟବହାର ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଣୁ ଏହି ଚାଲାଣକୁ ରଦ୍ଦ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ପରିବହନ ସଚିବ, ପରିବହନ କମିଶନର ଏବଂ ଅତିରିକ୍ତ ପରିବହନ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରଜିତ ରୟ ଓ ସହସ୍ରାଂଶୁ ସୌରଭ ଏହି ମାମଲାକୁ ପରିଚାଳନା କରୁଛନ୍ତି। ଆସନ୍ତା ଜାନୁଆରି ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

### ଅପରିପକ୍ୱ ନୀତି...

ପ୍ରମାଣ ପତ୍ର ପାଇଁ ଲୋକେ ଭୋଗୁଥିବା ସମସ୍ୟା ସମ୍ପର୍କରେ ନିଜ 'ଏକ୍ସ' ଏକାଉଣ୍ଟରେ ଉଲ୍ଲେଖ କରି ନବୀନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ୨୦୨୬ ଜାନୁଆରୀ ୧ ତାରିଖରୁ ସରକାର ଏହି ନିୟମ ଲାଗୁ କରିବା ପାଇଁ ଘୋଷଣା କରିବା ପରେ ରାଜ୍ୟର ବିଭିନ୍ନ ପିୟୁସିସି ପରୀକ୍ଷଣ କେନ୍ଦ୍ରରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଛି। ଏହି ନିୟମ ଲାଗୁ କରିବା ପୂର୍ବରୁ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରସ୍ତୁତି କରା ଯାଇ ନ ଥିଲା। ପିୟୁସିସି ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ବୃଦ୍ଧି, ଆଗୁଆ ପରିକଳ୍ପନା କିମ୍ବା ଆବଶ୍ୟକ ସଚେତନତା ଅଭିଯାନ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ସତ୍ତ୍ୱେ ସରକାର ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାକୁ ନେଇ ଲୋକଙ୍କ ଅସନ୍ତୋଷ ବଢ଼ିବା ପରେ ସରକାର ବାରମ୍ବାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେଉଛନ୍ତି। ପ୍ରଥମେ ଫେବୃଆରୀ ୧ ଓ ପରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ ନିୟମ କାର୍ଯ୍ୟକାରୀ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ଏପ୍ରିଲ୍ ୧ ପର୍ଯ୍ୟନ୍ତ ଜରିମାନା ଆଦାୟ ନ କରିବାକୁ ଘୋଷଣା କରାଯାଇଛି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖିବା ପାଇଁ ସରକାର ଘୋଷଣା କରିଛନ୍ତି।

ନବୀନ କହିଛନ୍ତି, ପରିବେଶ ସୁରକ୍ଷାର ଆବଶ୍ୟକତା ରହିଛି; ମାତ୍ର ଓଡ଼ିଶାର ଲୋକେ ଏହାଠାରୁ ଭଲ ଶାସନ ପାଇବାର ଅଧିକାରୀ ବୋଲି ନବୀନ କହିଛନ୍ତି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ ହେଲେ ମଧ୍ୟ ଏହା ସାଧାରଣ ନାଗରିକଙ୍କୁ ହଇରାଣ କରିବାର ମାଧ୍ୟମ ହେବା ଉଚିତ୍ ନୁହେଁ। ବିଜୁ ଜନତା ଦଳ ସବୁ ସମୟରେ ଲୋକଙ୍କ ସହ ରହିଛି। ତେଣୁ ଏହି ଅବ୍ୟବସ୍ଥା ବିରୋଧରେ ଦଳ ନିଜର ସ୍ୱର ଶାଣିତ କରିଛି। ସରକାର ପିୟୁସିସି ପରୀକ୍ଷଣ ବ୍ୟବସ୍ଥାକୁ ସରଳ କରିବା, କେନ୍ଦ୍ର ସଂଖ୍ୟା ବଢ଼ାଇବା ଓ ଏହି ସମୟରେ ଅନ୍ୟାୟ ଭାବେ କୌଣସି ଜରିମାନା ଲାଗୁ ନ କରନ୍ତୁ। ଏହି ଭୁଲରୁ କିଛି ଶିଖିବା ଏବଂ ହଠାତ୍ ନିଷ୍ପତ୍ତି ନେବା ପରିବର୍ତ୍ତେ ଓଡ଼ିଶାର ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାରଙ୍କୁ ନବୀନ ଅନୁରୋଧ କରିଛନ୍ତି।

### ମମତାଙ୍କ ମହାରାଲି...

ନାହିଁ। ବିଜେପି ଜବରଦସ୍ତି ବହୁ ରାଜ୍ୟରେ କ୍ଷମତା ଦଖଲ କରିଛି। ଏବେ ପଶ୍ଚିମବଙ୍ଗରେ ପ୍ରୟାଶ କରୁଛି ବୋଲି ସେ କହିଥିଲେ। କୋଇଲା ଦୁର୍ନୀତିରେ ଦିଲ୍ଲୀର ବରିଷ୍ଠ ବିଜେପି ନେତାଙ୍କ ନିକଟକୁ ଟଙ୍କା ପହଞ୍ଚିଛି ଓ ଏହାର ପ୍ରମାଣ ମୋ ପାଖରେ ରହିଛି। ଆବଶ୍ୟକ ପଡିଲେ ଏହାକୁ ସାର୍ବଜନୀନ କରିବି ବୋଲି ସେ କହିଛନ୍ତି। ସେପଟେ କୋଲକାତା ହାଇକୋର୍ଟରେ ପ୍ରବଳ ଭିଡ଼ କାରଣରୁ ଇଡିର ଆବେଦନ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ସେହିପରି ସକାଳେ ଦିଲ୍ଲୀର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାହାରେ ୮ ଜଣ ଟିଏମ୍‌ସି ସାଂସଦ ପ୍ରଦର୍ଶନ କରିଥିଲେ। ଡେରେକ ଓ'ବ୍ରାଏନ, ମହୁଆ ମୋଇତ୍ର ଓ କୀର୍ତ୍ତି ଆଜାଦ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ସାଂସଦମାନେ ସ୍ଲୋଗାନ ଦେଇଥିଲେ ଯେ, 'ମୋଦୀ-ଶାହାଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଚାଲ ପଶ୍ଚିମବଙ୍ଗରେ କାମ ଦେବନି'। ଦିଲ୍ଲୀ ପୁଲିସ ସାଂସଦମାନଙ୍କୁ ହଟାଇବାକୁ ପ୍ରୟାସ କରିଥିଲା। ଧସ୍ତାଧସ୍ତି ମଧ୍ୟ କିଛି ସାଂସଦ ତଳେ ପଡିଯାଇଥିଲେ। ପୁଲିସ ସାଂସଦମାନଙ୍କୁ ସକାଳ ୧୦ଟରେ ଅଟକ ରଖି ମଧ୍ୟାହ୍ନ ୧୨ଟାରେ ଛାଡିଦେଇଥିଲା। ନିର୍ବାଚିତ ସାଂସଦଙ୍କ ଉପରେ କିପରି ବ୍ୟବହାର କରାଯାଉଛି ତାହା ଦେଖନ୍ତୁ ବୋଲି ମୋହୁଆ କହିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ପରେ ମମତା ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, 'ଆମ ସାଂସଦମାନଙ୍କ ପ୍ରତି ହୋଇଥିବା ଲଜ୍ଜାଜନକ ବ୍ୟବହାରକୁ ମୁଁ ଦୃଢ଼ ନିନ୍ଦା କରୁଛି'। ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବାହାରେ ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାରର ବ୍ୟବହାର କରିବା ପାଇଁ ନିର୍ବାଚିତ ପ୍ରତିନିଧିଙ୍କୁ ରାସ୍ତାକୁ ଟାଣିଆଣିବା ଆଇନ୍‌ର ଉଲ୍ଲଂଘନ ବୋଲି ବୋଲି ସେ କହିଛନ୍ତି।

### ରେକର୍ଡ ଭାଙ୍ଗୁଛି...

ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

୨୦୧୪ ମସିହାରୁ ଶିମିଳିପାଳରେ ତାପମାତ୍ରା ରେକର୍ଡ ହେଉଥିବା ବେଳେ ୧୩ବର୍ଷ ମଧ୍ୟରେ ତାପମାତ୍ରା ବିଯୁକ୍ତକୁ କେବେ ଖସି ନଥିଲା। ଏଥିଯୋଗୁଁ ଉପରବାରହାକାମୁଡା ସଂଲଗ୍ନ ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଦେଖାଦେଇଛି। ଅପରପକ୍ଷେ, ଏପରି ହାଡ଼ଭଙ୍ଗା ଶୀତର ପ୍ରକୋପ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲ୍ଲାବ୍ୟାପୀ ଦେଖିବାକୁ ମିଳିଛି। ଶୀତର ପ୍ରକୋପରେ ଜିଲ୍ଲାବାସୀ ଅସମ୍ଭାଳ ହୋଇପଡ଼ିଛନ୍ତି। ବିଶେଷକରି, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଅସହ୍ୟ ଜାଡ଼ରେ କଲବଲ ହେଉଥିବା ଦେଖିବାକୁ ମିଳୁଛି।

ସେହିପରି ଅଭୟାରଣ୍ୟର ଚହଲା ଓ ଗୁଡୁଗୁଡିଆରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୧୦ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣି ଖନନ ଯୋଗୁଁ ଏହାର ପ୍ରଭାବ ଜିଲ୍ଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପୂର୍ବବତ୍ ଜି ଉଦୟଗିରିରେ ପାରଦ ୨ ଡିଗ୍ରୀ ତଳେ ରହିଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ତାପମାତ୍ରା ୩.୬ ଡିଗ୍ରୀ ରହିଛି। ଏହି ତାପମାତ୍ରା ସହ ରାଜ୍ୟର ମୋଟ୍ ୨୫ ଟି ସହରରେ ପାରଦ ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ କରାଯାଇଛି। ଏଥିରେ ସେମିଳିଗୁଡ଼ା ୪.୧, ଝାରସୁଗୁଡ଼ା ୪.୬ ଓ ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗଡ଼ାରେ ଏବେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୭.୨ ଡିଗ୍ରୀ ତଳେ ରହିଛି। ଏନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ସ୍ଥିତି ଗମ୍ଭୀର ହଇଛି। ଆଜି ୯.୪ ଡିଗ୍ରୀ ସହ ଭୁବନେଶ୍ୱରରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି। ଏହା ସହ କଟକରେ ତାପମାତ୍ରା ୮.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ରାଜଧାନୀ ଭୁବନେଶ୍ୱରରେ ଦୁଇଦିନ ଧରି ଚତୁର୍ଥ ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସାଙ୍ଗକୁ କଟକରେ ଜାନୁଆରୀ ମାସର ତଥା ସର୍ବକାଳୀନ ପଞ୍ଚମ ସର୍ବନିମ୍ନ ରାତ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫-୬ ଡିଗ୍ରୀ କମ୍ ରହିଥିବା ବେଳେ କଟକରେ ଏହା ୪-୯ ଡିଗ୍ରୀ କମ୍ ରେକର୍ଡ କରାଯାଇଛି।

ରବିବାର ସକାଳ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଶୀତର ପ୍ରଭାବ ଜାରି ରହିବ। ଏହା ପରେ ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ଘଟିବା ହେତୁ ଶୀତ ସାମାନ୍ୟ ହ୍ରାସ ହେବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ ଶୀତ ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରିଛି।

### କଚ୍ଚା ଘରକୁ...

ମୋଟ କଚ୍ଚା ଘର ସଂଖ୍ୟା ଥିଲା ୫୬.୫୧ ଲକ୍ଷ। ତତ୍କାଳୀନ କେନ୍ଦ୍ର ସରକାରଙ୍କ ଇନ୍ଦିରା ଆବାସ, ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଯୋଜନା (ଗ୍ରାମୀଣ), ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଘର ଯୋଗାଇବା ପ୍ରକ୍ରିୟା ଯୋଗୁଁ ୨୦୨୦ବେଳକୁ ଏହି କଚ୍ଚାଘର ସଂଖ୍ୟା ୨୦ ଲକ୍ଷକୁ ହ୍ରାସ ପାଇଥିଲା। ମାତ୍ର ଇତିମଧ୍ୟରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ୨୦୨୪ରେ ହୋଇଥିବା ସର୍ବେକ୍ଷଣରେ ରାଜ୍ୟରେ କଚ୍ଚା ଘର ସଂଖ୍ୟା ୩୭୮ ୯୨୩୪ ବୋଲି କୁହାଯାଇଛି। ସେହିପରି ରାଜ୍ୟରେ ୩୭ ଲକ୍ଷରୁ ଅଧିକ ଲୋକ ପକ୍କା ଘର ପାଇଁ ଆବେଦନ ମଧ୍ୟ କରିଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ରାଜ୍ୟରେ ପକ୍କା ଘର ପାଇଁ ୩୭ ଲକ୍ଷ ଆବେଦନ କରିଥିଲେ। ତାହା ମଧ୍ୟରୁ ସଂକ୍ଷିପ୍ତିକରଣ କରାଯାଇ ୩୪ ଲକ୍ଷ ଲୋକଙ୍କ ନାମ ସୂଚୀଭୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ଲୋକଙ୍କୁ ରାଜ୍ୟ ସରକାର ନୂଆବର୍ଷ ଉପହାରସ୍ୱରୂପ ବାସଗୃହ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି। ଏହି ତାଲିକା ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ସ୍ୱର୍ଗଦ୍ୱାର ଆଗରେ...

ତାଙ୍କ ଘର ପାଖରେ ଜଣେ ସମ୍ପର୍କୀୟ ଜେଜେ ମା'ଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଶବ ଦାହ ପାଇଁ ସ୍ୱର୍ଗଦ୍ୱାର ଆସିଥିଲା। ମାନସଙ୍କ ସମେତ ତାଙ୍କ ଘର ପାଖ ଭାଇ ଓ ସାଙ୍ଗ ଆନନ୍ଦ ମହାନ୍ତି, ଅଭିରାମ ବାରିକ, ସନ୍ତୋଷ ନାୟକ, ଦୟାନିଧି ନାୟକ, ରଞ୍ଜନ ଦାସ, ଡ୍ରାଇଭର ପ୍ରକାଶ ଜେନା ପ୍ରମୁଖ ଆସିଥିଲେ। ବିଳମ୍ବିତ ରାତିରେ ସେମାନେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ତେବେ ଶବଦାହ କର୍ମରେ ପଇଡ଼ର ଆବଶ୍ୟକତା ପଡ଼ିଥିଲା। ତେଣୁ ମାନସ, ରଞ୍ଜନ, ଡ୍ରାଇଭର ପ୍ରକାଶ ଚୈତନ୍ୟ ଛକକୁ ପଇଡ଼ ପାଇଁ ଆସିଥିଲେ। ସେତେବେଳକୁ ରାତି ପ୍ରାୟ ୧ଟା ୪୫ ହୋଇଯାଇଥିଲା। ଲୋକଙ୍କର ଏତେଟା ଯା'ଆସ ନ ଥିଲା। କୌଣସି ଏକ ପ୍ରସଙ୍ଗକୁ ନେଇ ସେମାନେ ବଡ଼ପାଟିରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଭିଯୁକ୍ତଜଣଙ୍କ ସେଠାରେ ପହଞ୍ଚିଥିଲା। କାହିଁକି ଏତେବଡ଼ ପାଟିରେ କଥା ହେଉଛ ବୋଲି ପଚାରିବାରୁ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ, ଗାଳିଗୁଲଜ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତଜଣଙ୍କ ଅଣ୍ଟାରେ ରଖିଥିବା ଏକ ଛୁରି ବାହାର କରି ରଞ୍ଜନ ଓ ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଛୁରିଟି ରଞ୍ଜନଙ୍କ ବେକରେ ଭୁସି ଦେଇଥିଲା ଅଭିଯୁକ୍ତ। ଘଟଣାସ୍ଥଳରେ ହିଁ ରଞ୍ଜନ ଟଳି ପଡ଼ିଥିଲେ। ମାନସ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

ଆଜି ଏହି ଘଟଣା ଜଣାପଡ଼ିବା ପରେ ସମୁଦ୍ରକୂଳ ପୁଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଘଟଣାକୁ ୧୨ଘଣ୍ଟା ପୂରି ନ ଥିବା ବେଳେ ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା। ତା' ନିକଟରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଥିବା ବେଳେ ପୁଲିସ ତାକୁ ପଚରାଉଚରା କରିଛି। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତକୁ ସଙ୍ଗେସଙ୍ଗେ ଗିରଫ କରାଯାଇଛି। ଏନେଇ ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ। ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶବଦାହ ପାଇଁ ଆସିଥିବା ୩ଜଣ ପଇଡ଼ ପାଇଁ ଚୈତନ୍ୟ ଛକ ନିକଟକୁ ଆସିଥିବା ବେଳେ ବଡ଼ ପାଟିରେ କଥା ହେଉଥିଲେ। ଅଭିଯୁକ୍ତ ତାଙ୍କୁ ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅଭିଯୁକ୍ତ ଏକ ଛୁରୀ ବାହାର କରି ଆକ୍ରମଣ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସି ଜଣେ ଯୁବକ ହତ୍ୟାର ଶିକାର ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବୁଦ୍ଧିଜୀବୀ। ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ସହ ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ପାଇଁ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ କରିବାକୁ ଦାବି କରିଛନ୍ତି।


**NOTIFIED AREA COUNCIL: KONARK** C-2034

Phone No.- 06794-222054

Email id: nackonark@gmail.com

QUOTATION CALL NOTICE NO.112/Dt.08.01.2026

1. Type of works : Temporary Barricading for kine House and different places for Magha saptami & Chandrabhaga Buda-2026
2. Total No. works : 1 No
3. Firms/Tent house : As per DQCN
4. Period of completion : within five days from issue of work order
5. Availability of Bid offline : Office working hours from 09.1.2026 to 13.1.2026 till 12.30 PM
6. Last date /time for Document Dropping : Upto Dt 13.01.2026 upto 1.00PM
7. Date & Time of opening of quotation : Dt 13.01.2026 at 3.00 PM

Authority reserves the right to reject any of all the tenders without assigning any reasons thereof.

OIPR- Executive Officer, Konark NAC,Konark



O-1952

Tel. 06766-258094(O)

Mail: eerw1_kjr@yahoo.com

**GOVT. OF ODISHA**

**OFFICE OF THE SUPERINTENDING ENGINEER**

**RURAL WORKS DIVISION-I, KEONJHAR**

********

**"e" Procurement Notice for Road Works**

**Identification No Online NCB – 16/2025-26.**

1. Name of the Work : 18 No. Roads Work
2. Total Number of Work : 18 No.
3. Estimated Cost : Rs. 5.98 Lakhs to 47.10 Lakhs
4. Class of Contractor : "D, C"&"B" Class
5. Period of Completion : As per annexure of e-Procurement Notice No.16 of 2025-26.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the Website www.tenderorissa.gov.in

Sd/- Superintending Engineer R.W. Division-I, Keonjhar

OIPR-



**AFFIDAVIT**

By virtue of an affidavit no. 57 before the Executive Magistrate, Phulbani, Kandhamal, dtd.09.01.2026, I, Bami Kanhar, At- Binjeripada, PO- Phiringia, PS- Phiringia, Dist- Kandhamal declare that I have changed my minor daughter's name from Kumari Tulasi Kanhar to Tulasi Kanhar. Henceforth, she shall be known as Tulasi Kanhar for all purposes.

Sd/- Bami Kanhar

**AFFIDAVIT**

By Virtue of an affidavit Before the Executive Magistrate, Cuttack, Odisha. I SASMITA ROUT, W/o: Anirudha Behera, At: Sendhagara, P.O: Raipur, P.S. Bansada, Dist.: Bhadrak, Orissa declare by this Affidavit No.: 155, Dtd: 07.01.2026, That I have changed my name from Sasmita Rout to **SASMITA BEHERA.** Sasmita Rout & Sasmita Behera is one and the same person. Henceforth I shall be known as **SASMITA BEHERA** for all purposes.

**AFFIDAVIT**

By virtue of an Affidavit no-11, dated **08/01/2026.** Before the Notary Public, Bhubaneswar. I **Chinmay Sahoo,** S/o- Brajkishor Sahoo at flat B405 Om Sai Arcade Of Kalarahanga, Dist- Bhubaneswar, 751024 declare that I will be known and sign as **CHINMAY SAHOO** instead of **CHINMAY BRIJKISHOR SAHOO** for all purpose in future.

**AFFIDAVIT**

I, Niranjan Pany, aged about 69 years, S/o- Budheswar Pani, resident of At- Plot No. 79/273, Millenium City, Lane No-1, Ps- Pahal, Bhubaneswar, Dist- Khurda, Odisha, Pin-752101, do hereby declare by this affidavit No. 66, dtd- 09/01/2026, that now onwards I shall be known as **NIRANJAN PANI** for all future purposes.

**NOTICE**

By virtue of an affidavit sworn before the Notary Public, Sunabeda dated 06/01/2026, I Sri Pradhan Krisani, S/o Damu Krisani, Vill: Bilaput, P.O.: Hikimput, P.S.: Nandapur, District: Koraput, declare that I have changed my name from Madan Krisani to Pradhan Krisani. Henceforth, I shall be known as Pradhan Krisani for all purposes.

Pradhan Krisani

**AFFIDAVIT**

I, **Nabin Patnaik** son of Late Jogendra Narayan Patnaik, resident of Flat no. 304, Gopal Enclave, Bira Maharana Lane, Nila Kantha Nagar, Nayapalli, Bhubaneswar, Khurda, Odisha-751012 declare by this affidavit No.: 50958, Dated: 23.10.2025 that now onwards I shall be known as **NABIN KUMAR PATNAIK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated: 09/01/2026. I, **Laxman Mahananda** (applicant name), S/o- Giridhari Mahananda, permanent & current resident of AT- Ghusuramunda, PO- Gudighat, PS- Muribahal, Dist- Balangir, (Odisha), PIN- 767037 declare that I have changed my minor daughter's name from **Anuska Mahananda** (old name) to **Muskan Mahananda** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Muskan Mahananda** (new name) for all future purposes.

**Laxman Mahananda**

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd.09.01.2026, I, Elina Das, resident of At- Saheb Nagar (Mirzapur), PO- Nandipur, PS- Dasarathpur, Dist- Jajpur, hereby declare that my correct name is "Elina Das" and correct Date of Birth is "03.06.1996". Due to clerical error, my name and D.O.B. have been wrongly recorded as "Elina Mallik" & "18.02.1996" in my Aadhaar Card. That both names refer to one and the same person, i.e., myself.

**AFFIDAVIT**

I, Paridhi Sandeepbhai Tekriwala, W/o- Saurav Agarwal, resident of At - Plot No- 1045, Bulding No - 9, Mahanadivihar, Nuabazar,Cuttack Sadar, Nayabazar, Cuttack, Pin - 753004, Odisha, declare by this Affidavit No -174, dated- 08/01/2026,that now onwards I shall be known as **PARIDHI AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 25, dated 06.01.2026, I, SUSHREE BHAGYASHREE SOURA, D/o - Jagabandhu Soura, permanent resident of Chandahandi, PO.- Chandahandi, PS.- Chandahandi, Dist- Nabarangpur, Odisha, Pin - 764077, declare that I have changed my name from BHAGYASRI SOURA to SUSHREE BHAGYASHREE SOURA. Henceforth, I shall be known as SUSHREE BHAGYASHREE SOURA for all purposes.

**Sd/- Sushree Bhagyashree Soura**

**AFFIDAVIT**

I, SWAYAM SAMARTH son of Sri Prasanna Kumar Sahoo resident of Ward No.14, Plot No.- 148 C/o.- Malbika, Niladri Vihar, Sector - 5, Near HP Gas Office, P.O. Chandrasekharpur, P.S.- Chandrasekharpur, Bhubaneswar, Dist.- Khordha, Odisha -751021 declare by this affidavit No.- 09 dated 08.01.2026 that now onwards I shall be known as **SWAYAM SAMARTH SAHOO** for all future purposes.



CAD-2972

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଆକାଶ ଶୋଭା ବିଲ୍ଡିଂ**

**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା ୧୯୪୭୬/ଭୁ.ଉ.କ., ଭୁବନେଶ୍ୱର, KNL-168/93 ତା. ୦୮.୧୦.୨୦୨୫

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି - କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-760 କୁ ଅରୁଣୋଦୟ ପ୍ରଧାନ, ପିତା–ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନ, ଗ୍ରାମ-ହଳଦିଆ, ପୋଷ୍ଟ -ଶାସନପଡା, ଥାନା-ପାଟକୁରା, ଜିଲ୍ଲା –କେନ୍ଦ୍ରାପଡା, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ଅରୁଣୋଦୟ ପ୍ରଧାନ ଗତ ତା-୦୪.୦୮.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.994/2021 dated 04.08.2021).

Legal heir certificate Misc. Case No. E-LHC/2024/108809 dt.23.07.2024 ଅନୁଯାୟୀ ଅରୁଣୋଦୟ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପ୍ରଧାନ (ସ୍ତ୍ରୀ), (୨) ଅମିତ କୁମାର ପ୍ରଧାନ (ପୁତ୍ର) ଓ ଅଜିତ କୁମାର ପ୍ରଧାନ (ପୁତ୍ର) ଅଟନ୍ତି । ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର୍ ମାଲିକାନାସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-



**WALK-IN-INTERVIEW**

SWWS Targeted Intervention need 1 Out Reach Worker candidate in Parlakemundi, Gajapati

1) Candidate should be +2 Pass
2) Community will be preferable
3) 1 Year Experience in NGO
4) Candidate should be belonging to Gajapati district

Interested candidates send CV toswwstigajapati@gmail.com

The candidate should come to walk in interview on dated 11-01-2026 at 10.00 am.

TI Office SWWS @ Natraj Hall, Parlakhemundi.

Contact: 7978764827, 7989071072

## ଆରଡ଼ି ବସ୍ଷ୍ଟାଣ୍ଡ ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ବିରୋଧ

# ‘ଅଟଳ ବସ୍ଷ୍ଟାଣ୍ଡ’ ନାଁ ନ ହଟିଲେ ଆନ୍ଦୋଳନ

**ଭଦ୍ରକ/ଆରଡ଼ି, ୯।୧(ସମିସ):** ରାଜ୍ୟର ବହୁ ପ୍ରସିଦ୍ଧ ତଥା ପୁରାତନ ଶୈବକ୍ଷେତ୍ର ଭାବେ ପରିଚିତ ଭଦ୍ରକ ଜିଲ୍ଲା ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ପୀଠ। ଏହି ପୀଠରେ ଥିବା ବସ୍ଷ୍ଟାଣ୍ଡ ପୂର୍ବରୁ ଆରଡ଼ି ବସ୍ଷ୍ଟାଣ୍ଡ ଭାବେ ନାମିତ ଥିଲା। ପୂର୍ବ ସରକାରଙ୍କ ଦ୍ୱାରା ନବନିର୍ମିତ ବସ୍ଷ୍ଟାଣ୍ଡର ନାମକୁ ବର୍ତ୍ତମାନର ସରକାର ପରିବର୍ତ୍ତନ କରି ଅଟଳ ବସ୍ଷ୍ଟାଣ୍ଡ ନାମକରଣ କରିବାକୁ ନେଇ ସବୁ ମହଲରେ ନିନ୍ଦା କରାଯାଇଛି। ବାବାଙ୍କ ପୀଠକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ବାବାଙ୍କ ଦର୍ଶନ ପାଇଁ ପୀଠକୁ ଆସିଥାନ୍ତି। ବାବାଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭଦ୍ରକର ପ୍ରବେଶ ପଥଠାରୁ ଆରମ୍ଭ କରି ଆରଡ଼ି




ପୀଠରେ ପହଞ୍ଚିବା ଯାଏଁ ବାବା ଆଖଣ୍ଡଳମଣି ପୀଠ ଆପଣଙ୍କୁ ସ୍ୱାଗତ ଜଣାଉଛି ବୋଲି ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ଓ ବଜାରରେ ନାମଫଳକ ଓ ତୋରଣମାନ କରାଯାଇଛି। ହେଲେ ଆରଡ଼ି ପୀଠର ବସ୍ଷ୍ଟାଣ୍ଡ ଆବହମାନ କାଳରୁ ପହଣା ମୌଜାରେ ରହିଥିଲେ ମଧ୍ୟ ତାହା ଆରଡ଼ି ବସ୍ଷ୍ଟାଣ୍ଡ ନାମରେ ପରିଚିତ ହୋଇଥିଲା। ପର୍ଯ୍ୟଟନ ଋତୁ ସହ ବସ୍ ଯୋଗେ ପ୍ରତିଦିନ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ପର୍ଯ୍ୟଟକମାନେ ଆରଡ଼ି ବସ୍ଷ୍ଟାଣ୍ଡରେ ଓହ୍ଲାଇ ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଆସିଥା’ନ୍ତି। ଏପରିକି ପୀଠରେ ଭକ୍ତଙ୍କ ସଂଖ୍ୟା ବଢ଼ିବାରୁ ବସ୍ ଓ ଘରୋଇ ବସ୍ ରହଣି ନିମନ୍ତେ ପୂର୍ବ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇ ନୂତନ ଆରଡ଼ି ବସ୍ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ନୂଆ ବସ୍ଷ୍ଟାଣ୍ଡରେ ପୂର୍ବରୁ ଆରଡ଼ି ବସ୍ଷ୍ଟାଣ୍ଡ ନାମଫଳକ ରହିଥିଲେ ମଧ୍ୟ ତାହାକୁ ପରିବର୍ତ୍ତନ କରାଯାଇ “ଅଟଳ ବସ୍ଷ୍ଟାଣ୍ଡ’ ନାମରେ ନାମିତ ଫଳକ ଲଗାଯାଇଥିବାରୁ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସ୍ଥାନୀୟ ଲୋକ ତଥା ଶ୍ରଦ୍ଧାଳୁଙ୍କ ମନରେ କୁଠାରାଘାତ କରିଛି। ସେମାନଙ୍କ କହିବା ଅନୁଯାୟୀ, ବାବା ଆଖଣ୍ଡଳମଣି ଏ ଅଞ୍ଚଳ ସହ ରାଜ୍ୟବାସୀଙ୍କ ଆରାଧ୍ୟ ଦେବତା। ତାଙ୍କ ନାମ ଧରି କାହିଁ କେତେ ଦୂରରୁ ଭକ୍ତ ଓ ପର୍ଯ୍ୟଟକ ଧାଇଁ ଆସୁଛନ୍ତି ବାବାଙ୍କ ଦର୍ଶନ ପାଇଁ। ହେଲେ ଭକ୍ତଙ୍କ ଧାର୍ମିକ ଭାବନାକୁ ଅକ୍ଷୁଣ୍ଣ ରଖିବା ପାଇଁ ପୂର୍ବରୁ ନାମିତ ଥିବା ଆରଡ଼ି ବସ୍ଷ୍ଟାଣ୍ଡ ନାମ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପୁନଃବିଚାର କରନ୍ତୁ। ଆଗାମୀ ଦିନରେ ଯଦି ଏହି ନାମ ପରିବର୍ତ୍ତନ କରା ନ ଯାଏ ମନ୍ଦିରର ସେବାୟତ, ଭକ୍ତ ଓ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ତିହିଡ଼ି ଯୁବମଞ୍ଚ

**ତିହିଡ଼ି, ୯।୧(ସମିସ):** ବିପତ୍ତି ସମୟରେ ମାନବିକତା ଦେଖାଇଛି ଅଗ୍ରଣୀ ସାମାଜିକ ଅନୁଷ୍ଠାନ ତିହିଡ଼ି ଯୁବମଞ୍ଚ। ତିହିଡ଼ି ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରପଦା ପଣ୍ଡିତସାହି ଗାଁରେ ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ୬ଟି ପରିବାର ନିକଟରେ ସଂଗଠନର କର୍ମକର୍ତ୍ତାମାନେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ସଂଗଠନ ପକ୍ଷରୁ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କୁ ତୁରନ୍ତ ରାସନ ସାମଗ୍ରୀ, ପନିପରିବା, ପିନ୍ଧା ବସ୍ତ୍ର ଏବଂ ବିଭିନ୍ନ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ୍ ଓ ଉପସଭାପତି ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତି, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସମାଜସେବୀ ମନୋଜ ସେନାପତି, ସଦସ୍ୟ ସନାତନ ସାହୁ, ସୌମ୍ୟଗୋପାଳ ନାୟକ, ସୟଦ ରଫିକ, ଅଲେଖ ବଳ, ବାସ୍ତବ ପଣ୍ଡା ଓ ରଘୁନାଥ ସାହୁ ଉପସ୍ଥିତ ରହି ସହାୟତା ବଣ୍ଟନରେ ସହଯୋଗ କରିଥିଲେ। ତିହିଡ଼ି ଯୁବମଞ୍ଚର କର୍ମକର୍ତ୍ତାମାନେ ନିଜେ ସହାୟତାର ହାତ ବଢ଼ାଇବା ସହ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ପୀଡ଼ିତ ପରିବାରକୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।



## ୧୨ ସୁଦ୍ଧା ବିଭିନ୍ନ ପ୍ରକଳ୍ପର ଇ-ଟେଣ୍ଡର ଦାବି

### ୧୩ରେ ଅଫିସ ଆଗରେ ଏନ୍ଏସି ଉପାଧ୍ୟକ୍ଷଙ୍କ ଅନଶନ ଚେତାବନୀ

**ଧାମନଗର, ୯।୧(ସମିସ):** ଧାମନଗର ଏନ୍ଏସି ଅଧୀନସ୍ଥ ୬ନମ୍ବର ୱାର୍ଡ କାଉନ୍ସିଲର ତଥା ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନ ଜଣାଇ ନିବେଦନ କରିଛନ୍ତି କି, ୱାର୍ଡ ନମ୍ବର ୬ର ମୁଁ



ନିର୍ବାଚିତ ପ୍ରତିନିଧି, ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଆଞ୍ଚଳିକ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ ପୌରାଞ୍ଚଳ ଲୋକ ପ୍ରତିନିଧିଙ୍କ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱ। ଏହା ପୂର୍ବରୁ ୨୩.୫.୨୦୨୫ ତାରିଖ ଚିଠି ନଂ ୧୩୩ରେ ସେ ନିବେଦନ କରିଥିଲେ। ଫଳସ୍ୱରୂପ ଏପର୍ଯ୍ୟନ୍ତ ଅବହେଳିତ ହୋଇଛି। କିଛି ମାସ ପୂର୍ବରୁ ଆପଣ ପ୍ରଶାସନିକ ଅଧିକାରୀମାନଙ୍କ ପାଖରୁ ଚୟନ ହୋଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଧାମନଗର ଏନ୍ଏସିରେ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ ହେଲା। ଦୁଃଖର ବିଷୟ ଏକ ବଡ଼ ୱାର୍ଡ ମାତ୍ର ଗୋଟିଏ ଛୋଟିଆ ପ୍ରକଳ୍ପ ୬ରୁ ୭ ଲକ୍ଷ ଟଙ୍କା ତାଙ୍କ ଅଜଣାତାରେ ଦେଲେ। କିନ୍ତୁ ଛୋଟ ଛୋଟ ୱାର୍ଡରେ କୋଟିଏ କୋଟିଏ ଟଙ୍କାର ପ୍ରୋଜେକ୍ଟ ଦିଆଗଲା। କ’ଣ କିପରି ଚୟନ କରିଲେ ଆପଣ କାର୍ଯ୍ୟନିର୍ବାହୀ ଅଧିକାରୀ କୌଣସି ପ୍ରକାର ସହରୀ ବିକାଶ ଯୋଜନାର ଅବଗତ କରିଲେ ନାହିଁ ଏହା ଏକ ଦୁଃଖର ବିଷୟ। ଧାମନଗର ଏନ୍ଏସିରେ କୋଟି କୋଟି ଟଙ୍କା ଗଚ୍ଛିତ ଅଛି। ତେଣୁ ସେ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକ ୱାର୍ଡ଼ ନଂ ୬ର କନ୍ଷ୍ଟ୍ରକ୍ସନ ପେଭର ବ୍ଲକ୍ ରୋଡ୍ ମସ୍ଜିଦ ଛକରୁ ଗୋଲାମ ଘୋଷ ଘର (ଯାହା ମୁନିସିପାଟଣା ଗ୍ରାମର ମୁଖ୍ୟ ରାସ୍ତା), କନ୍ଷ୍ଟ୍ରକ୍ସନ ପେଭର ବ୍ଲକ୍ ରୋଡ୍ ଗୋଲାମ ଘୋଷ ଘରଠାରୁ ତଉଲା ଘର ପର୍ଯ୍ୟନ୍ତ (ଯାହା ମୁନିସିପାଟଣା ଗ୍ରାମର ମୁଖ୍ୟ ରାସ୍ତା), କନ୍ଷ୍ଟ୍ରକ୍ସନ୍ ଡ୍ରେନ୍ କବର ସ୍ଥାନ ଛକରୁ ତୁନୁପୁଡ଼ା ଛକ। ହବିବ୍ନଗର କମ୍ୟୁନିଟି ସେଣ୍ଟର, କନ୍ଷ୍ଟ୍ରକ୍ସନ୍ ପେଭର ରୋଡ୍ ପେଟ୍ରୋଲ ଟାଙ୍କି ରୋଡ୍, ମୁନ୍ସି ଅମାନୁଲା ବାଉଣ୍ଡାରୀ ୱାଲ୍ ତତ୍ସହିତ ୱାର୍ଡ ନଂ ୬ର ଲୋକ ପ୍ରତିନିଧି ସହିତ ସମସ୍ତ ୱାର୍ଡ ପ୍ରତିନିଧିଙ୍କଠାରୁ ପ୍ରୋଜେକ୍ଟ ନେଇ ଇ-ଟେଣ୍ଡର କରାଯାଉ ବୋଲି ନିବେଦନ କରିଛନ୍ତି। ନ ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅମାନିଆ ଓ ମନମୁଖୀ କାର୍ଯ୍ୟ ପାଇଁ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ମୋ ଦାୟିତ୍ୱରେ ଥିବାରୁ ଚଳିତ ମାସ ୧୨ ତାରିଖ ସୁଦ୍ଧା ଇ-ଟେଣ୍ଡର ନ ହେଲେ ମୁଁ ୧୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏନ୍ଏସି ଅଫିସ୍ ସମ୍ମୁଖରେ ଅନଶନରେ ବସିବେ ବୋଲି ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ନିବେଦନ ଓ ଅଭିଯୋଗ କରିଛନ୍ତି। ଏହାସହ ଏହାର ଅବିକଳ ନକଲ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ ଉଚ୍ଚ ପଦାଧିକାରୀ, ଜିଲ୍ଲାପାଳ, ଏସ୍ପି, ପିଡି, ଧାମନଗର ଏନ୍ଏସି ଅଧ୍ୟକ୍ଷାଙ୍କ ନିକଟକୁ ପଠାଇଥିବା ନିବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଏନ୍ଏସି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ଦଶମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ସପ୍ତମ ସନ୍ଧ୍ୟା

# ‘ନିର୍ଭୀକ ତଥା ଦୁଃସାହସିକ କର୍ମବୀରଙ୍କ ମାଟି ଭଦ୍ରକ’

**ଭଦ୍ରକ, ୯।୧(ସମିସ):** ଭଦ୍ରକ ହେଉଛି ଓଡ଼ିଶାର ଲୋକପ୍ରିୟ ନିର୍ଭୀକ ତଥା ଦୁଃସାହସିକ କର୍ମବୀରମାନଙ୍କ ମାଟି ଭାବେ ପରିଚିତ। ଓଡ଼ିଶା ରାଜନୀତି ଆକାଶରେ ଉଦୀୟମାନ ସୂର୍ଯ୍ୟ ଭାବେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ପ୍ରତିଭାତ ହୋଇ କେବଳ ଓଡ଼ିଶା ରାଜନୀତି ନୁହେଁ ଜାତୀୟ ରାଜନୀତିକୁ ବେଶ୍ ପ୍ରଭାବିତ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟପାଳ ଭାବେ ସେ ଯେଉଁ କୀର୍ତିର ସ୍ୱାକ୍ଷର ଆଙ୍କିଛନ୍ତି ତାହା ଓଡ଼ିଶା ରାଜନୀତି ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ତେଜସ୍ୱିନୀ ଦାସ ଅତିଥିଙ୍କୁ ପୁଷ୍ପଗୁଚ୍ଛ




ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଉପଦେଷ୍ଟା ଡ. ଜାନକୀ ପାଢ଼ୀ, ଉପସଭାପତି ମନୋରମା ରାୟ, ଚୈତାଳୀ ଖିଲାର, ସ୍ୱାଗତିକା ନାୟକ, ରୋଜାଲିନ୍ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଅତିସ୍ ବେହେରା, ପାର୍ଥସାରଥୀ ନାୟକ, ତପନ ସ୍ୱାଇଁ, ସ୍ମୃତି ରଞ୍ଜନ ସାହୁ, ଡ. ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ପ୍ରଭାତ ଦାଶ, ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ, ଅଜୟ ପଣ୍ଡା, ଶୁଭଦ୍ୱୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମି ରଞ୍ଜନ ସାହୁ, ବାପି ଦାସ, ଜଗନ୍ନାଥ ବେହେରା, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା, ଜି. ଶିବଶଙ୍କର, ଅଶୋକ ନାୟକ, ଅତିସ୍ ଦାସ, ସୂର୍ଯ୍ୟକାନ୍ତ ଦାସ, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ସନ୍ଧ୍ୟାରେ ଆର୍ଡିଏସ୍ ଡ୍ୟାନ୍ସ ଗ୍ରୁପ୍ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତିଙ୍କ ସଂଗୀତ ଓ ମେଲୋଡି ଦର୍ଶକଙ୍କ ମନକୁ ଛୁଇଁଥିଲା।

## ଖୋଲିଲା ଧାନମଣ୍ଡି; ମିଳୁନି ଟୋକନ



**ଦୋଳସାହି, ୯।୧(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଆରସା ସେବା ସମବାୟ ସମିତିରେ ଧାନମଣ୍ଡି ଗୁରୁବାର ଖୋଲିଛି। ପ୍ରକାଶ ଯେ, ଆରସା ସେବା ସମବାୟ ସମିତିର ସଭାପତି ସତ୍ୟବ୍ରତ ନାୟକଙ୍କ ଦ୍ୱାରା ଏହି ଧାନମଣ୍ଡି ଉଦ୍ଘାଟିତ ହୋଇଥିଲା। ସମିତିରେ ୫୫୮ ଜଣ ଚାଷୀ ଧାନ ଦେବା ନିମନ୍ତେ ପଞ୍ଜୀକରଣ କରିଥିବାବେଳେ ୭୦ ପ୍ରତିଶତରୁ ଅଧିକ ଚାଷୀଙ୍କୁ ଟୋକନ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାପତି ଦେବ ଦୁଲାରି ଜେନା, ସମ୍ପାଦକ ମଧୁସୂଦନ ବେହେରା, ପିଇଓ ସୁକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

● ଚୋରା ଦେଶୀ ମଦ କାରଖାନା ଠାବ

## ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କଲା ପୁଲିସ

**ତିହିଡ଼ି, ୯।୧(ସମିସ):** ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତରେ ପୁଲିସ ଅତର୍କିତ ଚଢ଼ଉ କରି ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ନଷ୍ଟ କରିଛି। ତାଳପଦା ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ଶୁକ୍ରବାର ତିହିଡ଼ି ପୁଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ଼ ପୋଚ ଠାବ କରାଯାଇଥିଲା। ୨୦ଟି ୫୦ ଲିଟରିଆ ଡ୍ରମ୍ରେ



ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରିଥିଲା ପୁଲିସ। ତେବେ ଚଢ଼ଉବେଳେ ସମ୍ପୃକ୍ତ ମଦ ଭାଟି ମାଲିକ ଓ କର୍ମଚାରୀ ଫେରାର୍ ହୋଇଯାଇଥିଲେ।

ସୂଚନା ଥାଉକି, ଦୀର୍ଘ ବର୍ଷ ହେଲା ତିହିଡ଼ି ପୁଲିସ ଦ୍ୱାରା ଭୂୟାଁୱାସ ସମେତ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଊର୍ଦ୍ଧ୍ୱ ମଦ କାରଖାନା ଉପରେ ଚଢ଼ଉ କରି ଭାଙ୍ଗିବା ସହିତ ଗୁଡ଼ ପୋଚ ନଷ୍ଟ କରିଥାଏ। ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ୍ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା। ସେପଟେ ଅବକାରୀ ବିଭାଗ ଚୁପ୍ ହୋଇ ବସିଛି। ନା ଚଢ଼ଉ କରୁଛି ନା ମଦ ଧରିବାରେ ସକ୍ଷମ ହେଉଛି ବୋଲି ସାଧାରଣରେ ଆଲୋଚନା ଚାଲିଛି। ଅବକାରୀ ବିଭାଗଟି ହାତଗଣତି କେତେ ଜଣ ଷ୍ଟାଫ୍କୁ ନେଇ ଚାଲୁଛି। ମାସକ ମଧ୍ୟରେ ତିହିଡ଼ି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ହଜାର ଲିଟର ମଦ ଜବତ କରିବାରେ ସକ୍ଷମ ହୋଇଥିବାବେଳେ ଅବକାରୀ ବିଭାଗ ହାତ ଖାଲି ରହିଛି।

## ଦୁଇଟି ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



**ବାରିକପୁର, ୯।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ପୁରିପଡ଼ାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟଓ ସରୋଜିନୀ ନନ୍ଦ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଅକ୍ଷୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅର୍ଜୁନ ଚରଣ ସାହୁ, ପର୍ଶୁରାମ ଲେଙ୍କା, ଜଗନ୍ନାଥ ରାଉତ, ଶରତ ଚନ୍ଦ୍ର ନନ୍ଦ, ଧନେଶ୍ୱର ରାଉତ, ନୃସିଂହ ଚରଣ ସାହୁ, ନବଘନ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ କପିଳେନ୍ଦ୍ର ମାଣିକ ମଞ୍ଚ ଆହ୍ୱାନ, ଶିକ୍ଷୟିତ୍ରୀ ଅନସୂୟା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତିଭା ମଞ୍ଜରୀ ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା କ୍ଷୁଦ୍ର ନାଟିକା ନାରୀ ସୁରକ୍ଷିତ ଓ ସଂସ୍କାରୀ ପୁଅ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ବିଶାଖା କୁମାରୀ ବଳ, ଲଳିତା ବେହେରା, ନନ୍ଦିତା ମିଶ୍ର, ଦୀପ୍ତିରଞ୍ଜନ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅନସୂୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଭଦ୍ରକ ଇଷ୍ଟକୋଷ୍ଟ ରେଲ୍ୱେ

**ଭଦ୍ରକ, ୯।୧(ସମିସ):** ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ରେ ଇଷ୍ଟ କୋଷ୍ଟ ରେଲ୍ୱେ ଭଦ୍ରକ ବାରିପଦା କ୍ରିକେଟ ଏକାଡେମୀକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ



ଅନୁଷ୍ଠିତ ଏହି ସେମି ଫାଇନାଲ୍ ମ୍ୟାଚ୍ରେ ବାରିପଦା କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡି କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଭଦ୍ରକ ଇଷ୍ଟ କୋଷ୍ଟ ରେଲ୍ୱେ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ବିଶ୍ୱାସ ୪୨ ଓ ସାହିଲ ଖାନ୍ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ବାରିପଦା କ୍ରିକେଟ ଏକାଡେମୀ ପକ୍ଷରୁ ମନୁ ରାମ ୩ଟି ଓ ମାରି ଲୋକନାଥ ୩ଟି ୱିକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ବାରିପଦା ବ୍ୟାଟିଂ କରି ୧୯.୨ ଓଭରରେ ୧୪୨ ରନ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଫଳରେ ଭଦ୍ରକ ଦଳ ୧୩ ରନ୍ରେ ମ୍ୟାଚ୍ ଜିତି ଫାଇନାଲକୁ ପ୍ରବେଶ କରିଥିଲା। ବାରିପଦା ପକ୍ଷରୁ ମାରି ଲୋକନାଥ ୩୧ ଓ ପ୍ରୀତ୍ପାଲ୍ ସିଂ ୨୩ ରନ୍ କରିଥିଲେ। ଭଦ୍ରକ ପକ୍ଷରୁ ନୀହାର ଭୂୟାଁ ୩ଟି ଓ ସାହିଲ୍ ଖାନ୍ ୨ଟି ୱିକେଟ ନେଇଥିଲେ। ସାହିଲ୍ ଖାନ୍ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁଖ୍ୟ ଅତିଥି ବିଶିଷ୍ଟ ବ୍ୟବସାୟୀ ଶ୍ରୀନିବାସ ନାୟକ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍କୁ ଲଲାଟ କେଶରୀ ନନ୍ଦ, ଦେବବ୍ରତ ଦାଶ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ମ୍ୟାଚ୍ ରେଫରୀ, ଚନ୍ଦନ ନାୟକ ରିଜର୍ଭ ଅମ୍ପାୟାର ଏବଂ କରନ୍ ଖାନ୍ ସ୍କୋରର୍ ଥିଲେ।

## ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା

# ବିପଦପୂର୍ଣ୍ଣ ଭାବେ ଚାଲିଛି ପ୍ରଶସ୍ତୀକରଣ; ବେପରୁଆ ଠିକାଦାର

**ଧାମନଗର, ୯।୧(ସମିସ):** ଧାମନଗର ଛକ ୧୬ ନମ୍ବର ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କି.ମି. ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାକୁ ଠିକାଦାର ବେପରୁଆ ଭାବରେ ରାସ୍ତାର ବାମ ପାଖ ରାସ୍ତାକୁ ମେସିନରେ ତାଡ଼ିଦେଇଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଯେଉଁଭଳି ନିର୍ମାଣ କାର୍ଯ୍ୟ ଚାଲିଛି ପ୍ରତ୍ୟେକ ଦିନ ଯିବାଆସିବା କରୁଥିବା ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପୂର୍ବରୁ ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଥିଲା। ୪ ମାସ ତଳେ ପ୍ରଶସ୍ତୀକରଣ ଆଳରେ ହଜାର ହଜାର ଗଛ କଟା ହେଲା। ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲା ନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫ୍ରେ ପ୍ରସିଦ୍ଧ ଉର୍ସ ପର୍ବ ଥିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କରା ନ ଯାଇ ଖାଲଖମା ଥିବା ସ୍ଥାନରେ ଡଷ୍ଟ ପକାଇଦେଇ ଦାୟିତ୍ୱ ସାରିଦେଲେ ଯନ୍ତ୍ରୀ ମହାଶୟ। ପରବର୍ତ୍ତୀ ସମୟରେ ବାତ୍ୟା ମେନ୍ଥାର ପ୍ରଭାବରେ ଲଗାତାର ୩ଦିନ ବର୍ଷା ଓ ଉର୍ସ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତା’ର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖିଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ



ଏହି ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ ହେଲା। ପିଚୁଠାରୁ ରାସ୍ତାର ପ୍ରାୟ ୮ ଫୁଟ୍ ପ୍ରଶସ୍ତୀକରଣ ଆଳରେ ମାଟିତଡ଼ା ହେଉଛି। ରାସ୍ତାକଡ଼ ଗାଡ଼ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଥି ମଧ୍ୟରେ ଥିବା ଶହଶହ ଗଛର ମୂଳ ଗଣ୍ଡି ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାତି ସମୟରେ ଅସାବଧାନତା ବଶତଃ ଯଦି ଗାଡ଼ିଟିଏ ରାସ୍ତାକଡ଼କୁ ଚାଲିଯାଏ, ସେତେବେଳ ଏହି ଗଛ ମୂଳ ଗଣ୍ଡିଟି ଧନ ଜୀବନ ହାନୀ ପାଇଁ ଅଧିକ ବିପଦ ସାଜିବ। ରାସ୍ତାକଡ଼ ତଡ଼ା ଯାଇଥିଲେ ମଧ୍ୟ ତା’ କଡ଼ରେ ଆରୋହୀଙ୍କ ପାଇଁ ବିପଦ ସୂଚନା ଫିତା ବନ୍ଧା ଯାଇନାହିଁ। ଏହା ଠିକାଦାର ଦୂରଦୃଷ୍ଟି ଅଭାବ ଅବା ବେପରୁଆ ଭାବକୁ ସୂଚିତ କରୁଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖୋଳାଯାଉଥିବା ଫୁଟ୍ ଗାଡ଼ରୁ ଗଛ ମୂଳ ଉପାଡ଼ିବା ସହ ରାସ୍ତା ପାର୍ଶ୍ୱକୁ ଡଷ୍ଟ ପକାଇ ପୋତିବା ସହ ରାସ୍ତାକଡ଼ରେ ବିପଦ ସୂଚନା ଫିତା ବାନ୍ଧିବାକୁ ଯଥାଶୀଘ୍ର ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ସମାଜସେବୀଙ୍କ ପରଲୋକ

ବନ୍ତ/ଆଗରପଡ଼ା, ୯।୧(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ (ବଗଦା କାଶିପୁର) ତରଡ଼ିପାଳ ଗାଁର ସମାଜସେବୀ ଜେମାମଣୀ ଜେନା(୭୩)ଙ୍କ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଗଣିଜାଙ୍ଗ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଞ୍ଚଳରେ ସମାଜସେବା କ୍ଷେତ୍ରରେ ଅନେକ ନାଁ କମାଇଥିବାବେଳେ ସେ ଜଣେ ମେଳାପି, ପରୋପକାରୀ ଓ ମିଷ୍ଟଭାଷୀ ମଧ୍ୟ ଥିଲେ। ବିଜେପି ନେତା ସୁଧାଂଶୁ ଶେଖର ନାୟକ, ମଣ୍ଡଳ ସଭାପତି ସନ୍ତୋଷ ନାୟକ, ସେବା ସମବାୟ ସଭାପତି ରଞ୍ଜନ ସାହୁ, ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ବିଜୟ ପ୍ରଧାନ, ନିରଞ୍ଜନ ପାଢ଼ୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଗୃହରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଗଙ୍ଗାଧର ମୁଖାଗ୍ନି ଦେଇଥିଲେ। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ସ୍ୱାମୀ ଲକ୍ଷ୍ମୀଧର ଜେନା, ପୁଅ ବିମ୍ବାଧର ଜେନା, ଗୟାଧର ଜେନା, ରଙ୍ଗାଧର ଜେନା, ଜଳଧର ଜେନା ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

## ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବନ୍ତ/ଆଗରପଡ଼ା, ୯।୧(ସମିସ): ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସବିତାରାଣୀ ନାୟକ, ସିଆର୍‌ସିସି ପ୍ରଫୁଲ୍ଲ ସାହୁ, ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ମିହିର ଆଚାର୍ଯ୍ୟ ବେଦପାଠ କରିଥିବାବେଳେ ଅନନ୍ତ ନାରାୟଣ ଜେନା ଅତିଥି ପରିଚୟ ଓ ଅମରେନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ବଳଭଦ୍ର କିଂକର ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ରବିନ୍ଦ୍ର ଦାଶ, ଉମାଶଙ୍କର ମହାପାତ୍ର, ବୀଣାପାଣି ପାଲ୍, ପ୍ରଦୀପ ଜେନା, ପ୍ରଦୀପ ମହାନ୍ତି, ମହେଶ୍ୱର ଜେନା, ବିଜୟ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଭ୍ୟ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



ଅସୁରାଳି, ୯।୧(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତ ନରସିଂହପୁର ଗାଁରେ ଗୁରୁବାର ରାତିରେ ଘଟିଥିଲା ଅଗ୍ନିକାଣ୍ଡ। ମାନସ ରଞ୍ଜନ ମହାପାତ୍ରଙ୍କ ଘରେ ନିଜର ପିଲାଛୁଆଙ୍କୁ ଧରି ଭଡ଼ାରେ ରହୁଥିଲେ ରମେଶ ଚନ୍ଦ୍ର ସାହୁ। ଆକସ୍ମିକ ଭାବେ କୌଣସି କାରଣରୁ ନଡ଼ା ଛପରରେ ନିଆଁ ଲାଗି ଭୟଙ୍କର ଭାବେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ, ଚାହୁଁଚାହୁଁ ସବୁ ପାଉଁଶ ପାଲଟିଗଲା। ମାନସଙ୍କ ୨ ବଖରା ଘର ସହିତ ରମେଶ ରହୁଥିବା ୪ ବଖରା ଘରେ ଥିବା ସମସ୍ତ ଟଙ୍କା ପଇସା, ସୁନା ରୁପା, କଂସାବାସନ, ପିଲାଙ୍କ ସାର୍ଟିଫିକେଟ, ଘରର ପଟ୍ଟାପାଉତି ସମେତ ଖଟ ପଲଙ୍କ, ଲୁଗାପଟା ଆଦି ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡ ଖବର ପାଇ ତିହିଡ଼ି ଅଞ୍ଚଳର ଗୋପବନ୍ଧୁ ସେବକ ସେନା ସଂଗଠନର ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତାମାନେ ନରସିଂହପୁର ଗାଁରେ ବିପନ୍ନଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇ ଅଗ୍ନିବିପନ୍ନଙ୍କୁ ଏକ ସପ୍ତାହ ପାଇଁ ସମସ୍ତ ରୋଷେଇ ସାମଗ୍ରୀ, ଶୁଖିଲା ଖାଦ୍ୟ, ପନିପରିବା, ବାସନକୁସନ, ଶାଢ଼ି, ଲୁଙ୍ଗି, ଗାମୁଛା, ଡ୍ରେସ୍, କମ୍ବଳ, ମଶାରି ଆଦି ପ୍ରଦାନ କରିଥିଲେ। ସେହିପରି ୩ ଜଣ ଅଗ୍ନିବିପନ୍ନ ରମେଶ ଚନ୍ଦ୍ର ସାହୁ, ମାନସ ରଞ୍ଜନ ମହାପାତ୍ର ଏବଂ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଧାମନଗର ବ୍ଲକ୍ କଂଗ୍ରେସ ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ସମାଜସେବୀ ବିଜୟ ସାହୁ, ପ୍ରାକ୍ତନ ସରପଞ୍ଚ ଅନିଲ ଦାସ, ବିକ୍ରମ ମହାପାତ୍ର, ଉମାକାନ୍ତ ହୋତା ଓ ତପନ ସାହୁ ପ୍ରମୁଖ।

## ଗୋପିନାଥପୁରରେ ଧାନମଣ୍ଡି ଉଦ୍‌ଘାଟିତ




ବନ୍ତ/ଆଗରପଡ଼ା, ୯।୧(ସମିସ): ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ଜୟ ହନୁମାନ ଏସ୍‌ଏଚ୍‌ଜି ପକ୍ଷରୁ ସରକାରୀ ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଚ୍‌ଜିର ସଭାପତି ଶଶୀଲତା ନାୟକ, ସମ୍ପାଦକ ରୁନୁଲତା ନାୟକ, ସସ୍ମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି ଏବଂ ଆର୍‌ଏମ୍‌ସିର ଆଶିଷ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଉକ୍ତ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସବିତାରାଣୀ ନାୟକ, ସଭ୍ୟ ରବିନ୍ଦ୍ର ଆଇଚ, ସୁବାସ ପଣ୍ଡା, କରୁଣାକର ଦାସ, ନିରଞ୍ଜନ ଘଡ଼େଇ, ପ୍ରଦୀପ ନାୟକ, ବସନ୍ତ ନାୟକ ଉପସ୍ଥିତ ଥିଲେ।

## ସୁନ୍ଦରପୁର-ଦୋହରାପାଟଣା-ଖଟୁଆପାଟଣା ଗାଁରେ ଅମୁନି ମଇଁଷି ମଡ଼କ

# ଦିଆଯାଉନି କୃମି ନାଶକ ଔଷଧ; କଳିଜାରେ ସଂକ୍ରମଣ

ଭଦ୍ରକ/ଆରଡ଼ି, ୯।୧(ସମିସ)



- ପୁଣି ୩ ମଇଁଷି ମୃତ; ନମୁନା ସଂଗ୍ରହ କଲେ ପ୍ରାଣୀ ରୋଗ ବିଶେଷଜ୍ଞ
- ପ୍ରତି ୩ ମାସରେ କୃମିନାଶକ ବଟିକା ଯୋଗାଇଦେବାକୁ ପରାମର୍ଶ
- ଆରଡ଼ି ପୀଠରେ ମାସକରେ ୧୬ ଷଣ୍ଢ ମୃତ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଞ୍ଚାୟତ ଖଟୁଆ ପାଟଣା ଓ ଦୋହରାପାଟଣା ଗାଁରେ ପୁଣି ମଇଁଷି ମଡ଼କ। ଗତ ୩ ଦିନ ହେଲା ଚାନ୍ଦବାଲି ପଶୁ ଚିକିତ୍ସାଧିକାରୀଙ୍କ ପକ୍ଷରୁ ରକ୍ତ ଓ ଝାଡ଼ା ନମୁନା ସହ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଥିବାବେଳେ ଖଟୁଆ ପାଟଣାରେ ଗତ ବୁଧବାର ୨ଟି ମଇଁଷିଙ୍କର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ରାତିରେ ଦୋହରା ପାଟଣାରେ ଗୋଟିଏ ଅଢ଼େଇ ବର୍ଷର ମଇଁଷିର ମୃତ୍ୟୁ ହୋଇଛି। ଶୁକ୍ରବାର ନଖରାସ୍ଥିତ ପ୍ରାଣୀ ରୋଗ ଗବେଷଣା କେନ୍ଦ୍ରର ୨ ଜଣ ଡାକ୍ତର ଡା. ଜ୍ୟୋତି ରଞ୍ଜନ ବିଶ୍ୱାଳ ଓ ଡା. ରଘୁନାଥ ସିଂ ଏକ ଟିମ୍ ସହ ଦୋହରା ପାଟଣାରେ ପହଞ୍ଚି ମଇଁଷିର ଶବ ବ୍ୟବଚ୍ଛେଦ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଖଟୁଆ ପାଟଣାରୁ ୧୦ଟି ମଇଁଷିଙ୍କ ରକ୍ତ ନମୁନା ମଧ୍ୟ ସଂଗ୍ରହ କରିଥିଲେ। ପ୍ରାଣୀରୋଗ ବିଶେଷଜ୍ଞଙ୍କ ରକ୍ତ ନମୁନା ଓ ଅନ୍ୟାନ୍ୟ ନମୁନା ସଂଗ୍ରହବେଳେ ଜିଲ୍ଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା, ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଖାନ୍ ମୋଦସାର ନଜର, ଭିଏସ୍ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କୃମି ନାଶକ ବଟିକା ଦିଆଯାଇ ନ ଥିବାରୁ ମଇଁଷିମାନଙ୍କ କଳିଜା ସଂକ୍ରମିତ ବା ପ୍ରଭାବିତ ହେବା ସହ ମୃତ୍ୟୁବରଣ କରୁଥିବା ଡାକ୍ତରଦ୍ୱୟ କହିଛନ୍ତି। ଏଣିକି ପ୍ରତି ୩ ମାସରେ ମଇଁଷିମାନଙ୍କୁ ମାଗଣାରେ କୃମି ନାଶକ ଔଷଧ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି। ତେବେ ଆହୁରି ୫ ଦିନ ଏହି ୨ ଗାଁରେ ମଇଁଷିମାନଙ୍କ ଚିକିତ୍ସା ଅବ୍ୟାହତ ରହିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ଅତ୍ୟଧିକ ଥଣ୍ଡା ଓ ବଜବଜିଆ ରୋଗରେ ଆକ୍ରାନ୍ତ ହୋଇ ଆରଡ଼ି ପୀଠରେ ୧୬ରୁ ଊର୍ଦ୍ଧ୍ୱ ଷଣ୍ଢଙ୍କର ମୃତ୍ୟୁ ଘଟିଲାଣି। ଆରଡ଼ି ପୀଠରେ ଶୈବ ଭକ୍ତମାନେ ମାନସିକ ପୂରଣ ସ୍ୱରୂପ ଷଣ୍ଢ ଛାଡ଼ିଥା'ନ୍ତି। ହେଲେ ଷଣ୍ଢଙ୍କ ଆଶ୍ରୟ ଓ ଖାଦ୍ୟର କୌଣସି ବ୍ୟବସ୍ଥା ନ ଥିବାରୁ ୪୦୦ରୁ ଊର୍ଦ୍ଧ୍ୱ ଷଣ୍ଢ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ଫଳରେ ଅତ୍ୟଧିକ ଥଣ୍ଡା ଓ ବଜବଜିଆ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରାଣୀଧନ ଚିକିତ୍ସାଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କୁମାର ପ୍ରିୟଦର୍ଶନ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପଟ୍ଟାମୁଣ୍ଡାଇ ଚାମ୍ପିଅନ

ଭଦ୍ରକ, ୯।୧(ସମିସ): ସ୍ଥାନୀୟ ଦୁର୍ଗା ପଡ଼ିଆରେ ଚାନ୍ଦବାଲିର ଲୋକପ୍ରିୟ ଯୁବ ଅଧ୍ୟାପକ କୁମାର ପ୍ରିୟଦର୍ଶନ(କୁନି ସାର୍)ଙ୍କ ସ୍ମୃତିରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକଦିବସୀୟ ସୀମିତ ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁ, ସମ୍ମାନିତ ଅତିଥି ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଭଲି ବଲ ଆସୋସିଏସନ୍ ସମ୍ପାଦକ ବିଭୁରଞ୍ଜନ ଜେନା, ସରକାରୀ ଓକିଲ ଦେବୁଲା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ରାଜକନିକା, ଆଳି, ଓଳାଭର, ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ମତୋ, ଘଣ୍ଟେଶ୍ୱର, ଓରାସାହି ଆଦି ଅଞ୍ଚଳରୁ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ପଟ୍ଟାମୁଣ୍ଡାଇ ହ୍ୟାକର୍ସ ୧୧ ଓ ରାଜକନିକା ସୁପର ୧୧ ମଧ୍ୟରେ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଚାମ୍ପିଅନ ହୋଇଛି। କ୍ରୀଡ଼ା ସଂଗଠକ ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ଚାନ୍ଦବାଲି ବିଡିଓ ସଞ୍ଜୀବ୍ କୁମାର ମହାପାତ୍ର, ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଅଧ୍ୟାପକ ଗାଗାରିନ ମହାନ୍ତି, କ୍ରୀଡ଼ାବିତ୍ ଶିଶିର ଦାଶ ପ୍ରମୁଖ ଯୋଗଦେଇ କୁନି ସାର୍‌ଙ୍କ ସ୍ମୃତିରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପ୍ରଶଂସା କରିବା ସହିତ ଚାମ୍ପିଅନ ଦଳ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।



ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ଅମିତ୍ ସୂତାର ଓ ଜ୍ୟୋତିପ୍ରକାଶ ରାଉତ ଯୋଗ ଦେଇଥିବା ବେଳେ ଆୟୋଜକ ଆଶିଷ ଶୁଭଦର୍ଶନ ମହାନ୍ତି, ଦେବାଶିଷ ନାୟକ, ଧର୍ମଜିତ୍ ଦାସ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଦଳାଙ୍ଗ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ




ଦୋବଲ, ୯।୧(ସମିସ): ଦୋବଲ ଜୋନ୍ ଅନ୍ତର୍ଗତ ଦଳାଙ୍ଗ ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ଖରିଫ ଧାନ କିଣା ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସମିତି ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଭାପତି ସଞ୍ଜୟ ମହାପାତ୍ର ପୂଜାପାଠ କରି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତିର ସମ୍ପାଦିକା ସ୍ୱାଗତିକା ରାଉତ ଉପସ୍ଥିତ ଅତିଥି ଓ ଚାଷୀମାନଙ୍କୁ ସ୍ୱାଗତ କରିବା ସହ ସମସ୍ତ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସରକାରଙ୍କ ନୀତି ନିୟମ ଅନୁଯାୟୀ ସଠିକ୍ ମୂଲ୍ୟ ପାଇପାରିବେ, ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଓ ଚାଷୀ ଭାବେ ବହୁ ବିଶିଷ୍ଟ ବ୍ୟକ୍ତି ପୂର୍ବତନ ସଭାପତି କ୍ଷେତ୍ରବାସୀ ରାଉତ ଓ ଅନାମ ହାତୀ, ପୂର୍ବତନ ସମିତିସଭ୍ୟ ବିରଜା ରାଉତ ଓ ଶ୍ରୀକାନ୍ତ ପଣ୍ଡା, ଚାଷୀ ପ୍ରତିନିଧି ଏବଂ ବୋର୍ଡ ସଭ୍ୟ ଭାବେ ହରେକୃଷ୍ଣ ପ୍ରଧାନ, ଦେବେନ୍ଦ୍ର ରାଉତ, ବିବେକାନନ୍ଦ ରାଉତ, ଶରତ ପଣ୍ଡା, ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମିତିର କର୍ମଚାରୀ ଭାଗିରଥି ବଳ, ସନ୍ତୋଷ ପାତ୍ର ଓ କାହ୍ନୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଚାଷୀକୁଳ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବାଲିମେଦ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ




ବାସୁଦେବପୁର, ୯।୧(ସମିସ): ବାସୁଦେବପୁର ବ୍ଲକ୍‌ର ବାଲିମେଦ ସେବା ସମବାୟ ସମିତିରେ ଧାନମଣ୍ଡି ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଶୁଭାରମ୍ଭ ଉତ୍ସବରେ ବାଲିମେଦ ସୋସାଇଟିର ସଭାପତି ସଂଯୁକ୍ତା ନାୟକ, ସମ୍ପାଦକ ଶ୍ରୀଧର ନାୟକ, ଆନ୍ଦୁଳା ସରପଞ୍ଚ କାମଦେବ ମଳିକ, କ୍ରୟ କମିଟିର ସଦସ୍ୟ ସୋମନାଥ ମହାକୁଡ଼, ଚାଷୀ ପରମ ବନ୍ଧ, ମହେଶ୍ୱର ନାୟକ, ପ୍ରତାପ ମହାପାତ୍ର, ଦୁର୍ଯ୍ୟୋଧନ ପଳିତା ଓ ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇଥିଲେ। ସରକାର ଏ ପର୍ଯ୍ୟନ୍ତ ମିଲର ଆଲର୍ଟମେଣ୍ଟ କରିନାହାନ୍ତି କି ବସ୍ତା ପ୍ରଦାନ କରାଯାଇ ନାହିଁ। ଧାନମଣ୍ଡି ଖୋଲିବା ପ୍ରହସନ ପାଲଟିଛି। ନଭେମ୍ବରରୁ ଚାଷୀ ଧାନ ଆଣି ଖରା କାକରରେ ଘର ପିଣ୍ଡାରେ ପକାଇ ରଖିଛନ୍ତି। କେଉଁଠି ଷଣ୍ଢ ଧାନ ବସ୍ତା ଫଟେଇ ଖାଇଲାଣି ତ ପୁଣି କେଉଁଠି ଛେଳି ଖାଇଲେଣି। ମୂଷା ବସ୍ତା କାଟି ଧାନ ଖୋଳ କରୁଛି। ବାଧ୍ୟ ହୋଇ ବେପାରୀଙ୍କୁ ୧୮୦୦ ଟଙ୍କାରେ ବିକିବାକୁ ବାଧ୍ୟ ହେଉଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଧାନ କ୍ରୟ ନୀତିନିୟମ ଅନୁସାରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସୋସାଇଟିର ସମ୍ପାଦକ କହିଥିଲେ।

## ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ 'ସୁରେନ୍ଦ୍ରନାଥ ସ୍ମାରକୀ ସମ୍ମାନ'



ଧାମନଗର, ୯।୧(ସମିସ): କୋରୁଆ ଗୋବିନ୍ଦପୁର ହାଇସ୍କୁଲର ମେଧାବୀ ଛାତ୍ରୀ ତଥା ଗତ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ 'ସୁରେନ୍ଦ୍ରନାଥ ମିଶ୍ର ସ୍ମାରକୀ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି। ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍, ଗ୍ରାମାଞ୍ଚଳରେ ପିଲାଙ୍କ ଭିତରେ ପାଠ ପଢ଼ିବାର ଆଗ୍ରହ ସୃଷ୍ଟି ପାଇଁ ନିରନ୍ତର ଉଦ୍ୟମ କରୁଥିବା ସ୍ୱର୍ଗତ ସୁରେନ୍ଦ୍ରନାଥଙ୍କ ସମ୍ମାନରେ ତାଙ୍କ ପରିବାର ପକ୍ଷରୁ ପ୍ରତିବର୍ଷ ସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଉଛି। ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଉଛି। ସ୍କୁଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କ ବେଦମନ୍ତ୍ର ଉଚାରଣ ପରେ ସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ସାହୁ ଯୋଗଦେଇ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଉପରେ ନିୟମିତ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଉତ୍ସାହ ଓ ଆଗ୍ରହ ବୃଦ୍ଧି ପାଇଁ ସୁରେନ୍ଦ୍ର ନାଥ ମିଶ୍ରଙ୍କ ପରିବାର ଯେଉଁ ଉଦ୍ୟମ ଜାରି ରଖିଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ସୁରେନ୍ଦ୍ର ମିଶ୍ର ଏହି ଅଞ୍ଚଳର ଜଣେ ପ୍ରତିଷ୍ଠିତ ସମାଜସେବୀ ଥିଲେ। ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେ ନିୟମିତ ଉଦ୍ୟମ କରୁଥିଲେ। ବାପାଙ୍କର ଏହି ସେବାଧାରାକୁ ତାଙ୍କ ପୁଅ ଓ ଝିଅମାନେ ଆଗକୁ ନେବା ଅତ୍ୟନ୍ତ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷ ଜୟଶ୍ରୀ ରଶ୍ମୀରେଖା, ଅପରାଜିତା ବାରିକ, ସନ୍ତୋଷ ଦାସ, ରାକେଶ ପତି, ନିହାର ରଞ୍ଜନ ମିଶ୍ର, ଶ୍ରୀକାନ୍ତ ନାଏକ, ନିଧିରାମ ଦତ୍ତ, ରମାକାନ୍ତ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ପରିଡ଼ା ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ଶିକ୍ଷାଧାରାକୁ ମଜଭୁତ କରିବା ପାଇଁ ଉଦ୍ୟମକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କୁ ବିଶେଷ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ମିଶ୍ରଙ୍କ ସାନ ପୁଅ ନିହାର ରଞ୍ଜନ ମିଶ୍ର ଗତ ୮ ବର୍ଷ ଧରି ଏହି ମେଧାବୀ ସମ୍ମାନ ପରମ୍ପରାକୁ ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ବ୍ୟକ୍ତି ଓ ସାଧାରଣ ଲୋକେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ହୃଷୀକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବନ୍ତ/ଆଗରପଡ଼ା, ୯।୧(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତର ଖେଳପଡ଼ିଆରେ ରମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ମ୍ୟାଚ୍ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ଦିବସରେ ୪ଟି ଦଳ ଯୋଗଦେଇ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରତିପାଦନ କରିଥିଲେ। ପ୍ରଥମେ ଜିରିଣା ଓ ସଢ଼ା ମଧ୍ୟରେ ଏବଂ ପରେ ବର୍ଚ୍ଛିକୟାଁ ଓ ବରପଦା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସଢ଼ା ବିଜୟୀ ହୋଇଥିଲା। ପରବର୍ତ୍ତିମ୍ୟାଚ୍‌ରେବର୍ଚ୍ଛିକୟାଁବିଜୟୀହୋଇସଢ଼ାସହଖେଳିଥିଲା। ଉକ୍ତମ୍ୟାଚ୍‌ରେ ସଢ଼ା ବିଜୟୀ ହୋଇ ଫାଇନାଲ୍‌କୁ ଉନ୍ନିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ବିଶ୍ୱାଳ, କୈଳାସ ଯେନା, ଜୟନ୍ତ ଯେନା, ମହିରାଜ ଖାଁ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚ୍‌ରେ ଅମ୍ପାୟାର ଭାବେ ଚନ୍ଦ୍ରକାନ୍ତ ବିଶ୍ୱାଳ, ସୁଧାଂଶୁ ଜେନା, ଭାଷ୍ୟକାର ଭାବେ ସୟଦ ହାସିମ୍, ଉପେନ୍ଦ୍ର ବାରିକ, ଅନୟାର ଅଲ୍ଲୀ, ପ୍ରଶାନ୍ତ ଯେନା, ବ୍ରହ୍ମାନନ୍ଦ ଯେନାଙ୍କ ସହ ରାମେଶ୍ୱର ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡ଼ା ଆବଶ୍ୟକ




ଦୋବଲ, ୯।୧(ସମିସ): ଦୋବଲ ନିକଟସ୍ଥ ବାଲିପଡ଼ାସ୍ଥିତ ବୈତରଣୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ବାର୍ଷିକ କ୍ରୀଡ଼ା ଉତ୍ସବ। ବିଦ୍ୟାଳୟର ଅଧ୍ୟକ୍ଷ ସହଦେବ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷା ଓ କ୍ରୀଡ଼ାର ସମନ୍ୱୟ ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ସୁଶ୍ରୀ ରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ନାରାୟଣ ଦାସ ଓ ସିଆର୍‌ସିସି ଅଶ୍ୱିନୀ ଜେନା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନା କମିଟିର ସଭାପତି ଜ୍ୟୋତିପ୍ରକାଶ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ନିରୁପମା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୫୦ ଜଣ ଛାତ୍ରଛାତ୍ରୀ ମୋଟ୍ ୨୦ଟି ବିଭିନ୍ନ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୌମ୍ୟା ସୁଲଗ୍ନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ବିଜୟୀ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରଶାନ୍ତ ସିଂ, ନାରାୟଣ ପୁହାଣ, ପ୍ରଜ୍ଞାପରମିତା ଜେନା, ସଂଯୁକ୍ତା ସାହୁ, ହରପ୍ରସାଦ ସୁତାର ପ୍ରମୁଖ ସହଯୋଗ କରିଥିଲେ।

## ଆଇଟିଆଇ କଲେଜର ବାର୍ଷିକ କ୍ରୀଡ଼ା

ବନ୍ତ/ଆଗରପଡ଼ା: ବନ୍ତ କେନାଲ ରୋଡ୍‌ଠାରେ ଅବସ୍ଥିତ ଥିବା ଭରସା ଆଇଟିଆଇ କଲେଜର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସନ୍ଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୭୪ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ। ଉକ୍ତ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ଶୁଶାନ୍ତ ରଞ୍ଜନ ମହାନ୍ତିଙ୍କ ୭୪ତମ ଜନ୍ମ ବାର୍ଷିକୀରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ଉମାକାନ୍ତ ରାଉତ, ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION
NABARANGPUR, DIST–NABARANGPUR (ODISHA)
Email ID: senidivision@gmail.com

A-1257

Lr no. 37 Dated: 08.01.2026

E-PROCUREMENT NOTICE
BID IDENTIFICATION NO – SE-NID-05 /2025-26 (01)

1. Nature of the work – Alteration & renovation of Division Office Building.
2. Total Nos. of works – 01 (one) No.
3. Tender cost of the works – ₹5.92 Lakhs (excluding GST)
4. Class of Contractor – 'D' & 'C' Class
5. Period of completion – 02 (Two) Month

Other details as follows:

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
| --- | --- | --- | --- | --- | --- |
| Superintending Engineer, Nabarangpur Irrigation Division,Nabarangpur. | SE-NID-05 /2025-26(01) | 13.01.2026 (10.00AM) | 28.01.2026 (up to 05.00 PM) | 16.01.2026 up to 5.00 PM | 29.01.2026 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government website: www.tendersodisha.gov.in, Addendum / Corrigendum / Cancellation if any required will be published in Govt. website only.

Superintending Engineer
Nabarangpur Irrigation Division, Nabarangpur

OIPR-

## କବୟିତ୍ରୀ ଯମୁନା ଦାଶଙ୍କ ପରଲୋକ



ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ୭ ନମ୍ବର ୱାର୍ଡ ନିବାସୀ ତଥା କବୟିତ୍ରୀ ଯମୁନା ଦାଶ (୯୭) ଙ୍କ ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପାଇ ପୁଅ ଭରତ ଶାନ୍ତନୁ ସୁଧାକର ଝିଅ ସୁଷମା କଲ୍ୟାଣୀ ପରିବାର ବର୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ରଚିତ ପୁସ୍ତକ ଜଗନ୍ନାଥ ଜଣାଣ ବେଶ୍ ଲୋକପ୍ରିୟ ହୋଇଥିଲା। ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଦୁଃଖ ପ୍ରକାଶ ପାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ



ଘଟଗାଁ, ୯।୧(ସମିସ): ହରିଚନ୍ଦନପୁର ରାସ୍ତାର ବୀଣାଝରିଠାରେ ଇଟା ବୋଝେଇ ଟ୍ରକ ଚଢ଼ିଯିବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘଟଗାଁ ବ୍ଲକ ବାଲିଯୋଡ଼ି ଗ୍ରାମର ଦୟାନିଧି ନାଏକ (୫୫)। ଶୁକ୍ରବାର ହରିଚନ୍ଦନପୁର ହାଟକୁ ବଳଦ କିଣିବା ପାଇଁ ଯାଇଥିଲେ। ବାଇକ ଯୋଗେ ଫେରୁଥିବା ସମୟରେ ବୀଣାଝରି ରାସ୍ତା ଉପରେ ଏକ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି। ଖବର ପାଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଛେଦ ପାଇଁ ପାଟଣା ପଠାଯାଇଛି।

## ସିଆର୍‌ପିଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ



ତେଲକୋଇ, ୯।୧(ସମିସ): ତେଲକୋଇ ଥାନା ପୂରୁଜୁଡ଼ା ପଞ୍ଚାୟତ କରଙ୍ଗାପାଳ ଗ୍ରାମର ସିଆରପିଏଫ ଯବାନ ସୁଖୁଲାଲ କୁଙ୍କଲ୍ (୪୨)ଙ୍କ ବୁଧବାର ରାତିରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ୨୦୦୩ରେ ସିଆରପିଏଫରେ ଯୋଗ ଦେଇଥିବା ବେଳେ ୨୦୨୩ରେ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ସିଆରପିଏଫ କେନ୍ଦ୍ରରେ ନିୟୋଜିତ ହୋଇଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ କମ୍ପୋଜିଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଭରତପୁର ଥାନା ପକ୍ଷରୁ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ଗୁରୁବାର ସନ୍ଧ୍ୟା ସମୟରେ ସୁଖୁଲାଲଙ୍କ ମରଶରୀର ପୈତୃକ ଘର କରଙ୍ଗାପାଳରେ ପହଞ୍ଚିଥିବା ବେଳେ ସିଆରପିଏଫ୍ କେନ୍ଦ୍ର ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲିଲ୍ ମୋହନ କୁମାର, ବିଭାଗୀୟ ଇନ୍ସପେକ୍ଟର ଇନ୍ଦ୍ରଜିତ ମହାନ୍ତ ଓ ତାଙ୍କ ଗ୍ରୁପ ଯୋଗ ଦେଇଥିବା ବେଳେ କାଳିଆହତା ଫାଣ୍ଡି ଅଧିକାରୀ ରୂପେଶ ମହାନ୍ତ ଉପସ୍ଥିତ ଥିଲେ।

## ମା’ କାଳୀ ପୂଜା କମିଟିର ବାର୍ଷିକ ବନ୍ଧୁ ମିଳନ



ଆନନ୍ଦପୁର, ୯।୧ (ସମିସ): ଘସିପୁରା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଏକ ବନ୍ଧୁ ମିଳନ ଶୈଳଙ୍ଗ ମଠ ହୁଡ଼ି ନିକଟରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଆୟ ବ୍ୟୟର ହିସାବ ହୋଇଥିଲା ବେଳେ ସଭାପତି ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ସଂପାଦକ ସୁରେଶ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟନାୟକ ଯୋଗ ଦେଇଥିଲେ। ଘରୋଇ ବସ ମାଲିକ ସଂଘ ସଂପାଦକ ନିର୍ମଳ ମିଶ୍ର, ତ୍ରିଲୋଚନ ସାହୁ, ସୁରେଶ ସାହୁ, ସହସଂପାଦକ ବସନ୍ତ ପେରେଇ ଉପସଭାପତି ବାବୁଲି ଜେନା, ଉପଦେଷ୍ଟା କେଶବଚନ୍ଦ୍ର ସାହୁ, ରବୀନ୍ଦ୍ର ସେଠୀ, ପରୀକ୍ଷିତ ସାହୁ, କ୍ଷେତ୍ରବାସୀ ସାହୁ, ଅଚ୍ୟୁତ ରଣା, କ୍ଷୀରୋଦ କର, ଅଜୟ ଦାସ ପ୍ରମୋଦ ଦାସ, ସନ୍ତୋଷ ବାରିକ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ଚକ୍ର, ଶୁକଦେବ ମହରଣା, ରାଜକିଶୋର ସାହୁ, ରତିକାନ୍ତ ସାହୁ, ବ୍ରଜବନ୍ଧୁ ଦାସ, ଦିଲ୍ଲୀପ ଦାସ, ବାମଦେବ ବିଶ୍ୱାଳ, ନରୋତ୍ତମ ବିଶ୍ୱାଳ, ମଙ୍ଗୁଲି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକରୁ ପଡ଼ି ୨ ଆହତ

ବଡ଼ସାହି, ୯।୧(ସମିସ): ବଡ଼ସାହି ଥାନା ଅଧୀନ ଦାମୋଦରପୁର-ବଡସାହି ରାସ୍ତାରେ ୨ଜଣ ଯୁବକ ଭାରସାମ୍ୟ ହରାଇ ପଡିଯିବାରୁ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ନୀଳଗିରି ଥାନା ଅଧୀନ ସଜନାଗଡ ଜାମୁଡି ଗ୍ରାମର ରାଜେଶ ବିଶ୍ୱାଳ। ତାଙ୍କ ସହିତ ଥିବା ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ବଡସାହି ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରି ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବଡସାହି ପଞ୍ଚାୟତକୁ ଭତ୍ତା ଆଣିବାକୁ ଆସିଥିବା କୁଞ୍ଜ କୁଅଁର ପଡିଯିବାରୁ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଜଣାଯାଇଛି।

# କପ୍ତିପଦା ମହୋତ୍ସବ ଉଦ୍‌ଘାଟିତ

କପ୍ତିପଦା, ୯।୧(ସମିସ)



ଆଜି କପ୍ତିପଦା ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବକୁ ମୁଖ୍ୟବକ୍ତା ଭାବେ ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ କପ୍ତିପଦା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା କପ୍ତିପଦା ବଜାର, ବଡ଼ସାହି, ତେନ୍ତୁଳି ସାହି ଦେଇ ଦିଲଖୁସ ମେଲୋଡି (ଜୁନାଗଡ଼)ର ଦୁଲଦୁଲି ବାଦ୍ୟ ମାଧମରେ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ବିଧାୟକ ଭାସ୍କର ମଢେଇ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନସିଂ ବଦ୍ରା, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ବ୍ଲକ ଉପାଧ୍ୟକ୍ଷା ଦାନଗୀ ହାଁସଦା, ତହସିଲଦାର ଆଶିଷ ମହାପାତ୍ର, ଜିଲ୍ଲା ପରିଷଦ ସିରୁ ସରେନ, ସରପଞ୍ଚ କଲ୍ୟାଣି ସାମାଡ, ଦୁଃଖିନୀ ନାୟକ, ଶରତ ଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ସାଏ, ପ୍ରତାପ ଚନ୍ଦ୍ର ସାହୁ, କମିଟିର ସଭାପତି ମାକୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ମହୋତ୍ସବ ବେଲୁନ ଉଡାଣ କରାଯାଇଥିଲା। ଏହାପରେ ମୁଖ୍ୟବକ୍ତା ଭାସ୍କର ମଢେଇ ଆମ କପ୍ତିପଦା ମହୋତ୍ସବ ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ ଏହାର ଉତ୍ତର ତ୍ତୋର ଉନ ଉନ୍ନତି କାମନା କରିବା ସହିତ କପ୍ତିପଦାର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସମସ୍ତ ଜନସାଧାରଣ ଓ ଯୁବ ବର୍ଗଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ନିଶ୍ଚିତ ଭାବେ କପ୍ତିପଦାର ଗର୍ବ ଗୌରବ ଫେରାଇ ଆଣିବାକୁ ସମର୍ଥ ହେବ। ଅନ୍ୟ ଅତିଥିମାନେ ମହୋତ୍ସବ ସମ୍ପର୍କରେ ଆଲୋଚନା କରି ମହୋତ୍ସବ ଭାଇଚାରାକୁ ବଜାୟ ରଖିବା ସହିତ ଅଞ୍ଚଳରେ ଲୁପ୍ତ କଳା ସଂସ୍କୃତିର ପୁନରୁଦ୍ଧାର କରିହେବ ବୋଲି କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ତପନ ବାରିକ ଓ ରାଜକିଶୋର ବେହେରା ମଞ୍ଚ ପରିଚାଳନା କରିବା ସହିତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆନନ୍ଦପୁର କଲେଜ ଆନ୍ତବିଭାଗୀୟ କର୍ମଶାଳା




ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭପତିତ୍ୱରେ ସାଇନ୍ସ ସୋସାଇଟି ତରଫରୁ ଆନ୍ତବିଭାଗୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆମେରିକା ଭିରଜିନିଆ ଷ୍ଟେଟ ବିଶ୍ୱବିଦ୍ୟାଳୟର ଡକ୍ଟର ଚନ୍ଦନ ଭୂଷଣ ସାମନ୍ତରାୟ କମ୍ପ୍ୟୁଟିଂ, ଲେଜର, ଜୈବ ପ୍ରଯୁକ୍ତି ବିଦ୍ୟାରେ କିଭଳି ପ୍ରୟୋଗ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଯୋଗ ଦେଇଥିଲେ। ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅଧ୍ୟାପିକା ମିତାଶ୍ରୀ ବେହେରା ସଂଯୋଜନା କରିଥିବା ବେଳେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅନିତା ଦାସ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା, ସୁରୁଚି ସମ୍ପନ୍ନ ସ୍ୱାଇଁ, ଆଦ୍ୟାଦେବ ମହାନ୍ତି, ଅଧ୍ୟାପକ ବିଶ୍ୱରଂଜନ ସାହୁ, ସୁବ୍ରତ ସାହାଣୀ, ନରେଶ ସାହା, ପ୍ରତାପ କଅଁର, ମନୋଜ ନାୟକ, ରିମନ ଆଚାର୍ଯ୍ୟ, ଡ ଉତ୍ତମ ପାଣିଗ୍ରାହୀ, ବିଜୟ ସାହୁ, ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ପ୍ରଫୁଲ୍ଲ ପଣ୍ଡା, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ରୋଶନ୍ ଭେଂରା ସହଯୋଗ କରିଥିଲେ।

## କଂଗ୍ରେସ ରାଜ୍ୟ ସମ୍ପାଦକଙ୍କ ଧାନମଣ୍ଡି ପରିଦର୍ଶନ



କରଞ୍ଜିଆ, ୯।୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ନେତା ଲକ୍ଷ୍ମୀଧର ସିଂ ଆଜି ପାଟବିଲ ଲ୍ୟାମ୍ପର ତାଟୋ ସ୍ଥିତ ଧାନମଣ୍ଡି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଚାଷୀ ଓ ଲ୍ୟାମ୍ପ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବାରମ୍ବାର ବାହାସ୍ଫୋଟ ସତ୍ତ୍ୱେ ଧାନମଣ୍ଡିରେ କଟନି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ କରିଥିବା ଧାନ ଅମଳ ପରିମାଣଠାରୁ ଅଧିକାଂଶ ଚାଷୀଙ୍କ କମ୍ ପରିମାଣର ଧାନ କିଣାଯିବାର ଟୋକନ ଆସିଥିବାରୁ ଚାଷୀ ହତାଶ ହେଉଛନ୍ତି। ଏହି ଅଞ୍ଚଳରେ ପ୍ରବଳ ହାତୀ ଉପଦ୍ରବ ହେଉଥିବାବେଳେ ଧାନ କିଣା ମନ୍ଥର ଗତିରେ ଚାଲୁଥିବାରୁ ଚାଷୀକୁଳ ଆତଙ୍କିତ ଅଛନ୍ତି। କେତେବେଳେ କାହା ଘରେ ହାତୀ ଘରେ ପଶି ଧାନ ଖାଇବା ସହ ଲୋକଙ୍କୁ ଆକ୍ରମଣ କରୁଥିବା ବାରବାର ଖବର ଆସୁଛି। ଏଭଳି ପରିପ୍ରେକ୍ଷୀରେ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ଧାନ ସମୟସୀମା ଭିତରେ କ୍ରୟ କରିବାକୁ ରାଜ୍ୟ ସମ୍ପାଦକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି। ଏ ଅବସରରେ ବରିଷ୍ଠ କଂଗ୍ରେସ ନେତା ଶେଖ୍ ଜାକିର ହୁସେନ, ସୁଭାଷ ସଂଖୀଆଳ, ହରେକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ତିନି ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର




ହାଟଡ଼ିହୀ, ୯।୧(ସମିସ): ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମବର୍ଷ ବାଳିକା ମାନଙ୍କର ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅଧ୍ୟକ୍ଷତା ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ନିଲମ୍ ସ୍ୱୟନ୍ ଏବଂ ଅଧ୍ୟାପିକା ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଶ୍ରୀମନ୍ତିନୀ ସାହୁ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ରବିନ୍ଦ୍ରନାଥ ଜେନା, ସନାତନ ଖୁଣ୍ଟିଆ, ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଏବଂ ଅଧ୍ୟାପିକା ଚୁମୁକିରାଣୀ ନାଏକ, ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୧୯ ତାରିଖ ଯାଏଁ ଶିବିର ଚାଲୁ ରହିବ।

## ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ରାଇରଙ୍ଗପୁର, ୯।୧(ସମିସ): ବୃଦ୍ଧାବସ୍ଥାରେ ଭତ୍ତା ପାଇଁ ବୃଦ୍ଧ ଲୋକ ଜଣକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବୃଦ୍ଧ ଜଣକ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କୁସୁମୀ ବ୍ଲକ୍ ଅନ୍ତର୍ଗତ ହାଟବାଦଡା ଅଞ୍ଚଳର ଖେରଣା ଗ୍ରାମର ନୀଲୁ ମହାନ୍ତ ବୃଦ୍ଧ ଅବସ୍ଥାରେ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଗତ ୨୪/୦୪/୨୦୨୪ରେ ଆବେଦନ କରିଛନ୍ତି। କିନ୍ତୁ ବର୍ଷ ବର୍ଷ ବିତିଗଲେ ସୁଦ୍ଧା ତାଙ୍କୁ ଭତ୍ତା ମିଳୁନାହିଁ। ସେ ଗରିବ ଶ୍ରେଣୀର ଲୋକେ ହୋଇଥିବାବେଳେ କଷ୍ଟ ମଧ୍ୟରେ ନିଜକୁ ପ୍ରତିପୋଷଣ କରୁଛନ୍ତି। ତାଙ୍କ ଶରୀର ଅସୁସ୍ଥ ଥିବାବେଳେ ଚିକିତ୍ସା ନିମନ୍ତେ ଅର୍ଥ ମଧ ନାହିଁ। ଔଷଧ ସେବନ ନିମନ୍ତେ ଅର୍ଥ ବାଧକ ସାଜିଛି। ତାଙ୍କୁ ଭତ୍ତା ମିଳିଲେ ବାର୍ଦ୍ଧକ୍ୟ ଅବସ୍ଥାରେ କାହା ଉପରେ ନିର୍ଭର ନକରି ବଞ୍ଚିପାରିବେ। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭତ୍ତା ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୯।୧ (ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ବାଦାମପାହାଡ଼ ଥାନା ପୁଲିସ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପାଟ୍ରୋଲିଂ କରି ବୁରୁଡ଼ିହି ଗ୍ରାମ ନିକଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ନଦୀ ଘାଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ଥସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଗୋଚାଲାଣ ବେଳେ ୮ ଗୋରୁ ଉଦ୍ଧାର

ରାଇରଙ୍ଗପୁର, ୯।୧ (ସମିସ): ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ଥିବାବେଳେ ବାଦାମପାହାଡ଼ ଥାନା ପୁଲିସ ଦ୍ୱାରା ଗୋଚାଲାଣ ବେଳେ ୮ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଗାଚାଲାଣ ନେଇ ପୁଲିସକୁ ଖବର ମିଳିଥିଲା। ଏକ ଟିମ କୁସୁମୀ ଗ୍ରାମ ନିକଟ ରାସ୍ତାରେ ଚଢ଼ଉ କରିଥିଲେ। ବୋଲେରୋକୁ ଅଟକାଇଥିବା ବେଳେ ଚାଳକ ଜଣକ ଫେରାର ହୋଇଯାଇଥିଲା। ଏଥିରୁ ୮ଟି ଗୋରୁ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ଉଦଳା ଏନଏସି ଅଫିସ ଆଗରେ ମହିଳାଙ୍କ ଧାରଣା

ଉଦଳା, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀକୁ ମନଇଚ୍ଛା ଚଞ୍ଚକତାର ସହ ଟେଣ୍ଡର କରାଯାଉଥିବା ଅଭିଯୋଗ ନେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନଏସି ପକ୍ଷରୁ ଆହାର, ପିଡିଏସ ଓ ଅନ୍ୟ ଉନ୍ନୟନ କାମ ନିମନ୍ତେ ହେଉଥିବା ଟେଣ୍ଡରରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି। କେତେକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବାବେଳେ ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଏହାର କୌଣସି ଖବର ପ୍ରଦାନ କରାଯାଉ ନ ଥିବା ସହିତ ସେମାନେ ଖବର ପାଇ ପାରୁନାହାନ୍ତି। ଏହାକୁ ବିରୋଧ କରି ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭପ୍ରଦର୍ଶନକରିଛନ୍ତି। ଏହାସହିତସମସ୍ତକାର୍ଯ୍ୟରେଆଉଥରେଟେଣ୍ଡରଆହ୍ୱାନକରିବାକୁ ଦାବିକରିଛନ୍ତି। ଦାବିପୂରଣନହେଲେଆନ୍ଦୋଳନଜାରିରହିବବୋଲିଚେତାବନୀଦେଇଛନ୍ତି।

## ମେଳା କମିଟିର ସମ୍ପାଦକଙ୍କ ପରଲୋକରେ ଶୋକସଭା



ଖିଚିଂ, ୯।୧(ସମିସ): ଶୁକୁଳି ବ୍ଲକ ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଗ୍ରାମ ଖିଚିଂର ବିଶିଷ୍ଟ ସମାଜସେବୀ ତଥା ଜାଗର ମେଳା କମିଟି ସମ୍ପାଦକ ଯୋଗେନ୍ଦ୍ର ନାଥ ନାଏକଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଛି। ଜାଗର ମେଳା ପଡିଆରେ ବରିଷ୍ଠ ସଂଗଠକ ଇଂ ସୁଶାନ୍ତ ନାଏକଙ୍କ ଆବାହକତ୍ୱରେ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ କୀର୍ତ୍ତନ ନାଏକ, ଦିଲ୍ଲୀପ ପାଣିଗ୍ରାହୀ, ବଳଭଦ୍ର ଘଡାଇ, ଅଭିଷେକ ପାଣିଗ୍ରାହୀ ପ୍ରମୁଖ ମେଳା କମିଟି ସଦସ୍ୟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବିଶୋଇ, ୯।୧(ସମିସ): ବିଶୋଇ ବଜରଙ୍ଗ ପୀଠ କମିଟି ଆନୁକୂଲ୍ୟରେ ବଜରଙ୍ଗ ପୀଠସ୍ଥ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ନିମନ୍ତେ କଳସ ଯାତ୍ରା ଓ ତ୍ରିଦିନାତ୍ମକ ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁରରୁ ଆଗତ ମୁଖ୍ୟ ପଣ୍ଡିତ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସହଯୋଗୀ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ମିଶ୍ର, ଜିତେନ୍ଦ୍ରିୟ ଶତପଥି, ମନୋରଞ୍ଜନ ନନ୍ଦ ଓ ଅକ୍ଷୟ ପାଢୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା। ବୁଧବାର ଦିନ ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବାପରେ ଯଥା ରୀତିନୀତିରେ ଗୋପୂଜା, ଅଗ୍ନି ସ୍ଥାପନ, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅଘ୍ୟଦାନ, ମଣ୍ଡଳାଦି ପୂଜନ ସପ୍ତସତୀ ଚଣ୍ଡୀ ଆହୂତି ସମାପନ ହେବା ପରେ ଆଜି ଶେଷ ଦିବସରେ ଶ୍ରୀମଦ ଭାଗବତ ଗୀତା ଆହୁତି ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

## ବନ୍ଧୁ ମିଳନରେ ଏକଜୁଟ୍ ହେଲେ ପୌରାଞ୍ଚଳ ବିଜେଡି କର୍ମୀ

ଆନନ୍ଦପୁର, ୯।୧(ସମିସ




ଆନନ୍ଦପୁର ବ୍ୟାରେଜ୍ ସାଇଡରେ ଆନନ୍ଦପୁର ପୌରାଞ୍ଚଳ ବିଜେଡିର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ଆନନ୍ଦପୁର ବସଷ୍ଟାଣ୍ଡଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ନଗର ସଭାପତି ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଦଳୀୟ କର୍ମୀମାନେ ଏବେବି ସଂଗଠିତ ରହିଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଜିଲ୍ଲା ଯୁବବିଜେଡି ସଭାପତି ରାକେଶ ରାମ୍, ପୂର୍ବତନ ନଗର ସଭାପତି ସୁଶୀଲ ହୋତା, ବରିଷ୍ଠନେତା ଦାଶରଥୀ ପଣ୍ଡା, ସତ୍ୟବ୍ରତ ରାମ ଶୁଭ୍ରଜିତ ରାମ କାଉନସିଲର ସୁରେନ୍ଦ୍ର ଦାସ, ଦଳୀୟନେତା ପ୍ରମୋଦ ସାହୁ ପ୍ରମୁଖ ସାଂଗଠନିକ ଆଲୋଚନା କରିଥିଲେ। ଯୁବନେତା ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, କାଉନସିଲର ସୁଜିତ ସାହୁ, ଲୀନାରାଣୀ ସାହୁ, ମଣିଲତା ରାମ୍, ସୁପ୍ରିୟା ମିଶ୍ର, ରଶ୍ମିତା ବାରି, ଅଜୟ ସାହୁ, ନିରଞ୍ଜନ ସାହୁ, ତୋଫାନ ସାହୁ, ପିଙ୍କୁଲ ରାମ୍, ସତ୍ୟନାରାୟଣ ସାହୁ, ଛାବୁଲି ଧଳ, ସୌମ୍ୟରଂଜନ ରାମ୍, ସିଦ୍ଧାର୍ଥ ସାହୁ, ନିଳାମ୍ବର ଖଟୁଆ ପ୍ରମୁଖ ସାମିଲ ଥିଲେ।

### ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍

## ୟୁନିଅନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ




କରଞ୍ଜିଆ, ୯।୧(ସମିସ): ଚଢ଼େଇଭୋଳସ୍ଥ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଭୁବନେଶ୍ୱରକୁ ହରାଇ କଟକ ୟୁନିଅନ ସ୍ପୋର୍ଟିଂ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଏମଡି ଶିଲାଉଦ୍ଦିନ ଓ ଏମଡି ଆସରଫୁଲ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଆରମ୍ଭ କରିଥିଲେ। କଟକ ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୫ ୱିକେଟ ହରାଇ ୨୧୫ ରନ କରିଥିବାବେଳେ ଜବାବରେ ଭୁବନେଶ୍ୱର ଦଳ ୧୪.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ମାତ୍ର ୯୪ ରନ କରି ପରାସ୍ତ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଦିନରେ

- ୧୮୩୯-ଭାରତୀୟ ଚା' ଇଂଲଣ୍ଡରେ ପହଞ୍ଚିଥିଲା।
- ୧୮୬୩-ଲଣ୍ଡନରେ ପ୍ରଥମ ମେଟ୍ରୋ ରେଲସେବାର ଆରମ୍ଭ ହେଲା।
- ୧୯୪୬-ମିଳିତ ଜାତିସଂଘର ପ୍ରଥମ ବୈଠକରେ ୫୧ଟି ରାଷ୍ଟ୍ର ଅଂଶଗ୍ରହଣ କଲେ।
- ୧୯୬୩- ଭାରତ ସରକାର ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଜନାର ଆରମ୍ଭ କଲେ।
- ୨୦୦୮ - ଟାଟା ମୋଟର୍ସ ଲକ୍ଷେ ଟଙ୍କିଆ ନାନୋ କାର୍‌କୁ ବଜାରକୁ ଆଣିଲା।



## ନଦୀ ସଫା କରିବ ରୋବଟ୍

ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ସହରୀକରଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ନଦୀ, ଜଳାଶୟଗୁଡ଼ିକ ପ୍ରଦୂଷିତ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଦକ୍ଷିଣ କୋରିଆର ଅଟୋନମସ୍ ରୋବଟ୍ କମ୍ପାନି 'ଇକୋପିସ୍' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ଏହି କମ୍ପାନି ଏବେ ତାର ଜଳ ଗୁଣାବତ୍ତା ପରିଚାଳନା ପଦ୍ଧତିକୁ ବିଶ୍ୱସ୍ତରରେ ବିସ୍ତାର କରିବା ପାଇଁ ଯୋଜନା କରିଛି। ଏବେ ଜଳ ଉତ୍ସଗୁଡ଼ିକ ପ୍ରଦୂଷଣ, ସହରାଞ୍ଚଳର ବିକାଶ ଏବଂ ଶୈବାଳ ଯୋଗୁଁ ପ୍ରଦୂଷିତ ହେଉଛନ୍ତି। ଏଭଳି ସ୍ଥିତିରେ ପାରମ୍ପରିକ ଉପାୟରେ ନଦୀଗୁଡ଼ିକୁ ପରିଷ୍କାର କରିବା ସହଜ ନୁହେଁ। ତେଣୁ ଇକୋପିସ୍ ପ୍ରଦୂଷିତ ଜଳକୁ ସଫା ଲାଗି ଆଡଭାନ୍ସ ରୋବଟ୍ ଏବଂ ଏଆଇକୁ ବ୍ୟବହାର କରୁଛି। ଇକୋପିସ୍‌ର ରୋବଟ୍‌କୁ ଇକୋବଟ୍ କୁହାଯାଉଛି। ଏହା ଅଧା ପାଣିରେ ବୁଡ଼ି ରହେ ଏବଂ ଏହା ପୂରାପୂରି ସ୍ୱୟଂଚାଳିତ। ଏହା ପାଣିରେ ଥିବା ଶୈବାଳକୁ ଚିହ୍ନଟ କରି ପରିଷ୍କାର କରେ। ସଫେଇ ଲାଗି ଏଥିରେ ଷ୍ଟେନଲେସ୍ ଷ୍ଟିଲ୍ ମାଇକ୍ରୋ ଫିଲଟର୍ ଲଗାଯାଇଛି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ନିଜେ ନିଜକୁ ସଫା କରିବାକୁ ସକ୍ଷମ। ଏପରିକି ଆବଶ୍ୟକତା ପଡ଼ିଲେ ଇଲେକଟ୍ରୋକେମିକାଲ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ଏହା ଜଳରେ ଥିବା ପ୍ରଦୂଷକ ତତ୍ତ୍ୱକୁ ନଷ୍ଟ କରିପାରେ। ଉଲ୍ଲେଖନୀୟ କଥାଟି ହେଲା, ଏହି ରୋବଟ୍‌କୁ ଲଗାତାର କାମ କରିବା ପାଇଁ ଡିଜାଇନ୍ କରାଯାଇଛି। ଅନେକ ପ୍ରକାର ସେନସର୍ ସହିତ ଏହା କାମ କରିଥାଏ, ଯାହାକି ବାସ୍ତବିକ ସମୟ ମଧ୍ୟରେ ପାଣି ସହିତ ଜଡ଼ିତ ତଥ୍ୟକୁ ଏକତ୍ର କରେ। ଏହି ତଥ୍ୟ ଏଆଇ ସିଷ୍ଟମ୍ ପର୍ଯ୍ୟନ୍ତ ପହଞ୍ଚେ। ଏହା ପରିସ୍ଥିତି ଅନୁସାରେ, ଜଳ ପ୍ରବାହ ଏବଂ ଫିଲ୍ଟ୍ରେସନକୁ ସ୍ୱୟଂଚାଳିତ ଭାବରେ ନିୟନ୍ତ୍ରଣ କରେ। ଏହାଦ୍ୱାରା ନଦୀରେ ଶୈବାଳ ବିସ୍ତାର ହେବାରୁ ରକ୍ଷା କରାଯାଇ ପାରିବ।



## ବିଶ୍ୱ ହିନ୍ଦୀ ଦିବସ

ଦେଶ ତାର ସୀମା ଓ ଭୌଗଳିକ ପରିସ୍ଥିତି ଯୋଗୁଁ ଚିହ୍ନିତ ହୋଇଥାଏ। ଏହା ପରେ ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ତାର ଭାଷା। ଶହ ଶହ ବର୍ଷ ଧରି ସମଗ୍ର ଦେଶକୁ ଏକୀକରଣ କରିବା ପାଇଁ 'ହିନ୍ଦୀ' ଭାଷା କାର୍ଯ୍ୟ କରିଆସୁଛି। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତି ବର୍ଷ ୧୦ ଜାନୁଆରୀକୁ ସାରା ବିଶ୍ୱରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଏ। କେବଳ ଭାରତ ନୁହେଁ ବରଂ ଅନେକ ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆୟୋଜନ କରିଥିଲେ। ଯେଉଁଥିରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ହିନ୍ଦୀକୁ ବିଶ୍ୱ ସ୍ତରରେ ସର୍ବାଧିକ କଥିତ ଭାଷା ମଧ୍ୟରୁ ଗୋଟିଏ ଭାବରେ ମାନ୍ୟତା ଦେବା ଏବଂ ଅନ୍ତର୍ଜାତୀୟ ଆଲୋଚନାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀର ସ୍ମୃତିରେ ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆନ୍ତର୍ଜାତିକ ସ୍ତରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ଘୋଷଣା କରିଥିଲେ। ବିଶ୍ୱର ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ମଧ୍ୟରେ ହିନ୍ଦୀ ଅନ୍ୟତମ। ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଥିବାବେଳେ ଜାନୁଆରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଏ। ବାସ୍ତବରେ ହିନ୍ଦୀ ଏକ ଭାଷା ନୁହେଁ ବରଂ ଭାରତୀୟ ସମ୍ପର୍କକୁ ଏକତ୍ର କରି ରଖିପାରିଥିବା ଭାଷା। ଏହି ଭାଷା ମାଧ୍ୟମରେ ବ୍ୟକ୍ତି ନିଜର ହଜାର ବର୍ଷ ପୁରୁଣା ସଂସ୍କୃତି ଏବଂ ସଭ୍ୟତା ସହ ଯୋଡ଼ି ରହିଛି। ବୈଶ୍ୱିକ ସ୍ତରରେ ମଧ୍ୟ ହିନ୍ଦୀ ଭାଷା ଲୋକମାନଙ୍କୁ ନିଜ ପ୍ରତି ଆକର୍ଷିତ କରିପାରିଛି। ଏହି କାରଣରୁ ହିନ୍ଦୀ ଭାଷାର ଅନେକ ଶବ୍ଦ ଇଂରାଜୀ ଶବ୍ଦକୋଷରେ ଦେଖିବାକୁ ମିଳିଥାଏ। ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ହିନ୍ଦୀ ଭାଷାକୁ ସାରା ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରି ଏହି ଭାଷାର ମହତ୍ତ୍ୱ ବଢ଼ାଇବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

## 'ହମ୍‌ରାଜ୍ ୨'ରେ ଏକାଠି ହେବେ କି ଅକ୍ଷୟ-ବବି



'ଧୁରନ୍ଧର' ଫିଲ୍ମ ହିଟ୍ ହେବା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଲୋକପ୍ରିୟତା ବେଶ୍ ବଢ଼ିଯାଇଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ଦର୍ଶକଙ୍କ ମନ ଜିଣିଛନ୍ତି। 'ଆନିମଲ' ଫିଲ୍ମ ରିଲିଜ୍ ହେବା ସମୟରେ ଠିକ୍ ଏହିପରି ବବି ଦେଓଲଙ୍କ ସହ ହୋଇଥିଲା। ରଣବୀର କପୁରଙ୍କ ଅପେକ୍ଷା ବବିଙ୍କ ଅଭିନୟକୁ ବେଶ୍ ପସନ୍ଦ କରାଯାଇଥିଲା। ଏବେ ଦର୍ଶକେ ବବି ଓ ଅକ୍ଷୟଙ୍କୁ 'ହମ୍‌ରାଜ୍'ର ସିକ୍ୱେଲରେ ପୁଣି ଥରେ ଏକାଠି ଦେଖିବାକୁ ଇଚ୍ଛା କରିଛନ୍ତି। ଏକଥା 'ହମ୍‌ରାଜ୍'ର ପ୍ରଯୋଜକ ରତନ ଜୈନଙ୍କ କାନରେ ପଡ଼ିବାରୁ ଭଲ କାହାଣୀ ମିଳିବା ସହ ଉଭୟଙ୍କ ବୟସ ଅନୁସାରେ ଭୂମିକା ମିଳିଲେ ନିଶ୍ଚୟ ସେ ଏହାର ସିକ୍ୱେଲ ଆଣିବେ ବୋଲି କହିଛନ୍ତି। ରତନ, ଅକ୍ଷୟଙ୍କ ବାବଦରେ କହିଛନ୍ତି ଯେ, 'ସେ ଏମିତି ଜଣେ ଅଭିନେତା ଯିଏ ବାଛି ବାଛି ଫିଲ୍ମ କରନ୍ତି। ଯଦି ଫିଲ୍ମର କାହାଣୀ ପସନ୍ଦ ନ ଆସିଲା ତେବେ ସେ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦିଅନ୍ତି।' ଏଠାରେ ପ୍ରକାଶ ଥାଉ କି, ଅକ୍ଷୟ ଖାନ୍ନା, ଅମିଷା ପଟେଲ ଓ ବବି ଦେଓଲଙ୍କ ଅଭିନୀତ 'ହମ୍‌ରାଜ୍' ୨୦୦୨ରେ ଆସିଥିଲା। ଏହାର କାହାଣୀ ପ୍ରେମ, ଧୋକା ଓ ସସ୍‌ପେନ୍ସ ଉପରେ ଆଧାରିତ ଥିଲା।

## ମକର ମେଳା



ଜଗଦୀଶ ସାହୁ

କୁନା ମୁନା ଟୁନା ମକର ମେଳା
ବୁଲି ବାହାରିଲେ ଉପର ବେଳା
ଗାଆଁ ପଡ଼ିଆରେ ହେଉଛି ଯାତ
ଦୂରକୁ ଶୁଭୁଛି ମାଇକି ଗୀତ
ଦୋକାନ ବସିଛି ଧାଡ଼ିକି ଧାଡ଼ି
ଜେଜେ କିଣୁଛନ୍ତି ସୁନୁ ପାମ୍ପୁଡ଼ି
ଜେଜେମା କହୁଛି ମିଠେଇ ଖଜା
ଖାଇଲେ ପାଟିକୁ ଲାଗିବ ମଜା
ଜେଜେମା କଥା ଶୁଣିକି ଜେଜେ
ପକେଟ ଅଣ୍ଡାଳି କହିଲେ ନିଜେ
ଅଣ୍ଟାରେ ଅଛି ମୋ ଅଳପ ଧନ
ବେଶି ଖାଇବାକୁ ନ କର ମନ
କହୁଥିଲ ପରା ଦୋଳି ଖେଳିବ
ଖେଳିସାର ଯେବେ ଟଙ୍କା ବଳିବ
କିଣିଦେବି ଗୋଟେ ସୁନ୍ଦର ପାଟ
ପାଟ ପିନ୍ଧି ତମେ କରିବ ନାଟ
ଅନତି ଦୂରରେ ପିଲାଏ ଥାଇ
ଥଟ୍ଟାମଜା ଦେଖି ଆନନ୍ଦ ପାଇ
ହସି କହେ କୁନା ସାଙ୍ଗମାନଙ୍କୁ
କହିବି କଥାଏ ନିଅ ମନକୁ
ଜେଜେ ଜେଜେମା ଶିଖାଇ ଦେଲେ
ପରସ୍ପର ସ୍ନେହ ମମତା ଥିଲେ
ଆପେ ଆପେ ହସି ଉଠିବ ଘର
ଘର ପାଲଟିବ ସରଗପୁର ।■



ସଞ୍ଜପଡ଼ା, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

## ବିଶ୍ୱବିଜୟୀ




ସୁଜିତ କୁମାର ମିଶ୍ର

ବାଲ୍ୟ କାଳୁ ଥିଲା ତାଙ୍କର
ଈଶ୍ୱର ଭକ୍ତି ମନ,
ପିତାମାତାଙ୍କୁ କରୁଥିଲେ ସେ
ଶ୍ରଦ୍ଧା ଓ ସନମାନ ।
ଭୁବନେଶ୍ୱରୀ ବିଶ୍ୱନାଥଙ୍କ
କୋଳ ମଣ୍ଡନ କଲେ,
ଦୁଃଖୀରଙ୍କୀଙ୍କ ଆଖିରୁ ସିଏ
ଲୁହକୁ ପୋଛୁଥିଲେ ।
ପିଲାଦିନର ନାମଟି ତାଙ୍କ
ଥିଲା ଯେ 'ବିଲେ' ଜାଣ,
ହୋଇଲେ ସିଏ ନରେନ୍ଦ୍ର ନାଥ
ତା'ପରେ ପ୍ରତିକ୍ଷଣ ।
ଧରମ ଭାବ ପଥରେ ଯାଇ
କରମ କଲେ ନିତି,
ସଂସାର ହିତେ ହେଲେ ସନ୍ୟାସୀ
ତେଜି ସଂସାର ପ୍ରୀତି ।
ଚିକାଗୋ ଯାଇ ରଖିଲେ ଯଶ
ଧରମ ଗୁରୁ ହୋଇ,
ବିଶ୍ୱ ବିଜୟୀ ବୋଲାଇଲେ ସେ
ମିଠା ଭାଷଣ ଦେଇ ।
ପରମ ହଂସ ରାମକୃଷ୍ଣଙ୍କୁ
ବରିଥିଲେ ସେ ଗୁରୁ,
ତାଙ୍କ ଆଦର୍ଶ ଜୀବନେ ଥିଲା
ପ୍ରେରଣା ଭରା ତରୁ ।
ବିବେକାନନ୍ଦ ନାମରେ ସିଏ
ସାରା ଜଗତେ ଖ୍ୟାତ,
ତାଙ୍କୁ ପୂଜିଲେ ହୋଇବ ପିଲେ
ସୁଗମ ଚଲାପଥ । ■



ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ପ୍ରହେଳିକା



- ଜାନୁଆରୀ ମାସେ ଏ ପର୍ବ ଆସେ
ମାଳ ମାଳ ଗୁଡ଼ି ଆକାଶେ ଦିଶେ
ଦକ୍ଷିଣକୁ ଛାଡ଼ି ପ୍ରଭୁ ତପନ
ଉତ୍ତରକୁ କରନ୍ତି ଆଗମନ
ଦିନ ବଡ଼ ହୁଏ ସେହି ଦିନରୁ
ଆରାମ ମିଳଇ ଶୀତ ଦାଉରୁ
ମହାନ ପରବଟିଏ
ଚାଉଳ ପ୍ରସାଦ ଲାଗିହୋଇ ଥାଏ
କୁହ ତା'ର ନାମ କିଏ।
ଉତ୍ତର-ମକର ସଂକ୍ରାନ୍ତି

- ଚଢ଼େଇ ନୁହେଁ ସେ ଉଡ଼େ ଆକାଶେ
ପବନ କମିଲେ ତଳକୁ ଖସେ
ନଟେଇ ସୂତାରେ ତାହାକୁ ଯୋଡ଼ି
ସରାଗେ ପିଲାଏଁ ତାକୁ ଉଡ଼ାନ୍ତି
ନାନା ରଙ୍ଗେ ମିଳେ ସିଏ
କାଗଜରେ ଗଢ଼ା ତାହାର ଶରୀର
କୁହ ତା'ର ନାମ କିଏ।
ଉତ୍ତର-ଗୁଡ଼ି

- ତୈଳବୀଜ ସହ ଗୁଡ଼ ମିଶେଇ
ଅତି ମନଲୋଭା ଲଡ଼ୁ ବନଇ
ମକର ସଂକ୍ରାନ୍ତି ଯେବେ ଆସଇ
ଭୋଗ ପାଇଁ ସିଏ ଖୋଜା ହୁଅଇ
ସୁଆଦରେ ଅନୁପମ
ଧଳା ଅବା କଳା ରଙ୍ଗଟି ତାହାର
କୁହ ଦେଖି ତା'ର ନାମ।
ଉତ୍ତର-ରାଶି ଲଡ଼ୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସୁମନ

## ଜଳବାୟୁକୁ ନେଇ ଜୀବନ



ଦେବେନ୍ଦ୍ର କର

ଗୋଟେ ଜଙ୍ଗଲରେ ଗୋଟେ ବାଘ ରହୁଥିଲା। ସେ ଖୁବ୍ ବଳବାନ ଆଉ ସାହସୀ ଥିଲା। ଜଙ୍ଗଲରେ ତାକୁ ସଭିଏଁ ଖୁବ୍ ଡରୁଥିଲେ। ଦିନେ ସେ ଦୂର ଯାଗାକୁ ଯିବ ବୋଲି ସ୍ଥିର କଲା ଆଉ ତା ଯାତ୍ରା ଆରମ୍ଭ କଲା। ଅନେକ ବାଟ ଅତିକ୍ରମ ପରେ ସେ ଗୋଟେ ମରୁଭୂମିରେ ପହଞ୍ଚିଲା। ଏମିତି ଜାଗା ସେ ପୂର୍ବରୁ କେବେ ଦେଖିନଥିଲା। ମନେ ମନେ ଭାବିଲା, ଏଠି ମତେ କେହି ଚିହ୍ନନ୍ତି ନାହିଁ, ଭଲ ହେଲା ଏଠି ନୂଆନୂଆ ଶୀକାର କରି ମନ ଆନନ୍ଦରେ ଖାଇବି। ହେଲେ ଏ କ'ଣ ଚାରିଆଡ଼େ ଖାଲି ବାଲି ଆଉ ବାଲି। ଛୋଟ ବଡ଼ ଖାଲି କଣ୍ଟାଳିଆ ଗଛ। କେଉଁଠି ଗୋଟେ ଜଳାଶୟ ବି ଦିଶୁ ନ ଥାଏ। ତତଲା ପବନ ଦେହ ପୋଡ଼ି ଦେଉଥାଏ। ଏଇ ସମୟରେ ସେ ଦେଖିଲା ଗୋଟେ ଓଟ ଦଳ ତା ଆଡ଼କୁ ଆସୁଛନ୍ତି। ବାଘ ତାଙ୍କ ପାଖକୁ ଯାଇଁ କହିଲା ମୁଁ ଜଙ୍ଗଲର ରାଜା। ତମ ଆଡ଼େ ମୁଁ ବୁଲି ଆସିଛି। ଦେଖୁଛି ଏ ଜାଗା ତ ବଡ଼ ଅଦ୍ଭୁତ। ଏ ଜାଗାରେ ତମେ ସବୁ କେମିତି ରହୁଛ? ସେହି ଓଟମାନଙ୍କ ମଧ୍ୟରୁ ଓଟଟିଏ କହିଲ- ତୁମ ଜଙ୍ଗଲ ପରି ଇଏ ନୁହେଁ। ଇଏ ହେଲା ମରୁଭୂମି। ଆଉ ଜଣେ ଓଟ କହିଲା, ମରୁଭୂମି ଆମ ବାସଗୃହ। ଏ ଯୋଉ ତତଲା ଖରା ଆଉ ଗରମ ପବନ ଦେଖୁଛ ଇଏ ଆମ ପାଇଁ ସାମାନ୍ୟ ମାତ୍ର। ତୁମେ ଏଠି କଦାପି ଚଳି ପାରିବ ନାହିଁ। ଦିନରେ ଖରା ରାତିରେ ବହୁତ ଥଣ୍ଡା। ଆମେ ମରୁଭୂମିର ବାଦଶାହା। ବାଘ କୋଉ ଛାଡ଼ିଲାବାଲା, ସଙ୍ଗେ ସଙ୍ଗେ ବାହାଦୂରୀ ଦେଖାଇ କହିଲା, ସେମିତି କହିବ ନାହିଁ ମୁଁ ବି ମରୁଭୂମିରେ ରହିପାରିବି। ଏ ଖରାତାତି ମୋ ପାଇଁ ବି ସାମାନ୍ୟ। ଓଟମାନେ ଏକ ସଙ୍ଗରେ କହିଲେ, ସବୁ ଜଳବାୟୁ ସମାନ ନୁହେଁ। କାହିଁ ବାହାଦୂରୀ ଦେଖାଉଛ। ସେମିତି ସାହସ କରନି ନିଜେ ବିପଦରେ ପଡ଼ିବ। ଜଙ୍ଗଲ ଅଲଗା ଆଉ ମରୁଭୂମି ର ନିୟମ ବି ଅଲଗା। ତୁମ ଏଠୁ ଚାଲିଯାଅ ନହେଲେ ଟୋପେ ପାଣି ପାଇଁ ଡହଳ ବିକଳ ହୋଇ ଜୀବନ ଚାଲିଯିବ। ବାଘ କିନ୍ତୁ ନିଜ ଜିଦ୍‌ରେ ଅଡ଼ି ବସିଲା। କହିଲା ଦେଖ, ଆଜିଠାରୁ ମୁଁ କେମିତି ମରୁଭୂମିରେ ଆରାମରେ ରହୁଛି। ସେଦିନ ଦିନ ତମାମ ଖରା ଗରମ ସହି ବାଘ କଷ୍ଟେ ମଷ୍ଟେ ମରୁଭୂମିରେ ପଡ଼ି ରହିଲା। ରାତିର ଭୀଷଣ ଥଣ୍ଡା ପଡ଼ିଲା, ଜାକିଜୁକି ହୋଇ କଣ୍ଟାବୁଦା କଡ଼ରେ ଶୋଇଗଲା। ବିଚରା କରିବ କ'ଣ ସାହସ ଦେଖାଇ କହିଦେଇଚି। ବଡ଼ ଅସହ୍ୟ ଥିଲା ଦିନ ଓଳି ତାତି ସାଙ୍ଗକୁ ବାଲିଧୂଳି ଝଡ଼। ହେଲେ ବାଘ ଟିକେ ବି ତା କଷ୍ଟ ଜଣେଇବାକୁ ଦେଲା ନାହିଁ। ଚାହୁଁ ଚାହୁଁ ଦୁଇ ଦିନ ବିତିଗଲା। ତୃତୀୟ ଦିନକୁ ବାଘର ଅବସ୍ଥା ଅସମ୍ଭାଳ ହେଇଗଲା। ଖାଇବା ଦୂର କଥା ପାଣି ଟୋପେ ବି ନାହିଁ କେଉଁଠି। ସବୁ ଆଡ଼େ ବୁଲି ଆସି ନିରାଶ ହେଇ ଫେରିଲା। ଓଟମାନେ କହିଲେ ଆରେ ତୁମକୁ ଏଠି ଖାଦ୍ୟ କି ପାଣି କିଛି ମିଳିବ ନାହିଁ। ଆମେ ସାତ ଆଠ ଦିନରେ ଥରେ ଦୂରକୁ ଯାଇଁ ପାଣି ପିଇ ଦେଇ ଆସୁ, ଏଥିରେ ଆମେ ଅଭ୍ୟସ୍ତ। ବାଘ କହିଲା, ତୁମେ ସତରେ ମରୁଭୂମିର ବାଦଶାହା। ଏଠି ମୋ ତଣ୍ଟି ଶୁଖି ଗଲାଣି, ଦେହହାତ ପୋଡ଼ି ଗଲାଣି। ମୁଁ ଏଠି ଆଉ ଘଡ଼ିଏ ବି ରହିପାରିବି ନାହିଁ। ତୁମେ ତୁମ ମରୁଭୂମିରେ ଭଲରେ ରୁହ ମୁଁ ଚାଲିଲି ମୋ ଜଙ୍ଗଲ। ଜଣେ ବୟସ୍କ ଓଟ ବାଘକୁ ବୁଝେଇଲା, ଜଳବାୟୁକୁ ନେଇ ଜୀବନ। ମରୁଭୂମିରେ ପାଣି ମିଳିବା ସ୍ୱପ୍ନ। ପାଣି ପାଇଁ ଆମକୁ ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡେ। ଗୋଟେ ଥର ପାଣି ପିଇଲେ ଆମେ ଅନେକ ଦିନ ରହିପାରୁ। ଯିଏ ଯେମିତି ବଞ୍ଚି ପାରିବ ସୃଷ୍ଟିକର୍ତ୍ତା ସେଇ ଅନୁରୂପ ତାକୁ ଗଢ଼ିଛନ୍ତି। ବାଘ ଏଥର ନିଜ ଭୁଲ୍ ବୁଝିଲା ଆଉ ଜଙ୍ଗଲକୁ ଲେଉଟି ଆସିଲା। ■



ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦






**ସଞ୍ଜନା ହେମ୍ବ୍ରମ୍**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





**ହର୍ଷବର୍ଦ୍ଧନ ମଣ୍ଡଳ**
ତୃତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ସ୍କୁଲ
ୟୁନିଟ୍ ୯, ଭୁବନେଶ୍ୱର





**ବେଦବ୍ରହ୍ମା ପାଢ଼ୀ**
ଏଲ୍‌କେଜି
କିଡ୍‌ଜି
ପୋଖରୀପୁଟ, ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୁମ୍ବଇ, ୯।୧(ଏଜେନ୍ସି): ନୃତ୍ୟ, ସଙ୍ଗୀତ ଓ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ-୨୦୨୬ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ୫ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍ ହିନ୍ଦୀ ସଙ୍ଗୀତର ତାଳେ ତାଳେ ତାଙ୍କ ଟ୍ରୁପ୍ ସହ ନୃତ୍ୟ ପରିବେଷଣ କରିଥିଲେ। ପରେ ତାଙ୍କ ସହ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ଯୋଗ ଦେଇଥିଲେ। ଶେଷରେ ଖ୍ୟାତନାମା ଗାୟକ ହନି ସିଂ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ଯୋଗଦେଇଥିଲେ ଜ୍ୟାକ୍‌ଲିନ୍ ଓ ହରନାଜ୍। ଦୀର୍ଘ ଏକ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଓ ଏହାକୁ ଦେଖିବା ଲାଗି ଷ୍ଟାଡିୟମ୍‌ରେ ଖଚାଖଚ ଦର୍ଶକ ଉପସ୍ଥିତ ଥିଲେ। ମହିଳା ପ୍ରିମିୟର ଲିଗ୍‌ର ଲୋକପ୍ରିୟତା ଦର୍ଶକଙ୍କ ଉପସ୍ଥିତି ଦର୍ଶାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଗତବର୍ଷ ଭଳି ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୫ରେ ଟୁର୍ଣ୍ଣାମେଣ୍ଟ ଶେଷ ହେବ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ ଦୁଇଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ, ଥରେ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜାଏଣ୍ଟସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ।

# ନାଦିନ ଡି କ୍ଲେର୍କଙ୍କ ଘାତକ ବୋଲିଂ



ମୁମ୍ବଇ, ୯।୧(ଏଜେନ୍ସି): ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଦୁଇ ଚାମ୍ପିଅନ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜସ; ବେଙ୍ଗାଲୁରୁ ସହ ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୪ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ସଜ୍ଜୀବନ ସଜନା ସର୍ବାଧିକ ୪୫ ଓ ନିକୋଲା କ୍ୟାରୀ ୪୦ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ଜି କମଳିନୀ ୩୨ ଓ ଅଧିନାୟିକା ହରମନପ୍ରୀତ୍ କୌର ୨୦ ରନ୍ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଘାତକ ବୋଲିଂ ପ୍ରଦର୍ଶନ କରି ସର୍ବାଧିକ ୪ଟି, ଶ୍ରେୟଙ୍କା ପାଟିଲ ଓ ଲୌରେନ ବେଲ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଅଧିନାୟିକା ସ୍ମୃତି ମନ୍ଧାନା ଟସ୍ ଜିତିବା ପରେ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲେ। ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ୧୧ ଓଭର ଖେଳ ଶେଷ ବେଳକୁ ମୁମ୍ବାଇ ୬୭ ରନ୍ ମଧ୍ୟରେ ଟପ୍ ଅର୍ଡରର ୪ଜଣ ଖେଳାଳିଙ୍କୁ ହରାଇଥିଲା। ଏହି ସମୟରେ ନିକୋଲା କ୍ୟାରୀଙ୍କ ସହ ସଜ୍ଜୀବନ ସଜନା ଯୋଗଦେବା ପରେ ଖେଳର ସ୍ଥିତି ବଦଳିଯାଇଥିଲା। ଏମାନେ ପ୍ରଥମେ ଧୈର୍ଯ୍ୟର ସହ ଖେଳି ୱିକେଟ ରକ୍ଷା କରିଥିଲେ। ଏହା ପରେ ସୁଯୋଗର ସଦ୍‌ବ୍ୟବହାର କରି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଫଳରେ ଏମାନେ ୫ମ ୱିକେଟ ପାର୍ଟନରସିପ୍‌ରୁ ୪୯ ବଲ୍‌ରେ ୮୨ରନ୍ ଉଠାଇ ମୁମ୍ବାଇକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ସଜନା ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୨୫ଟି ବଲ୍‌ରୁ ୭ ଚୌକା ଓ ୧ଛକା ସହ ୪୫ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ଅନ୍ୟ ପକ୍ଷରେ କ୍ୟାରୀ ୨୯ ବଲ୍‌ରୁ ୪ ଚୌକା ସହ ୪୦ ରନ୍ କରିଥିଲେ। ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୪ ରନ୍ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଶେଷ ଓଭରରେ ସେ ମୁମ୍ବାଇର ଦୁଇ ସଫଳ ବ୍ୟାଟର ସଜନା ଓ କ୍ୟାରୀଙ୍କୁ ଆଉଟ କରିଥିଲେ।

**ଆଜିର ମ୍ୟାଚ୍**

| | |
|---|---|
| ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |

ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ

ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

• ମାଲେସିଆ ଓପନ

# ୮ ବର୍ଷ ପରେ ସେମିଫାଇନାଲ ଖେଳିବେ ସିନ୍ଧୁ



କ୍ୱାଲାଲମ୍ପୁର, ୯।୧(ଏଜେନ୍ସି): ଭାରତର ନଂ-୧ ମହିଳା ଖେଳାଳି ପିଭି ସିନ୍ଧୁ ଦୀର୍ଘ ୯ ବର୍ଷ ପରେ ମାଲେସିଆ ଓପନର ସୁପର-୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଅନୁଷ୍ଠିତ ମହିଳା ବିଭାଗରେ ପ୍ରଥମ କ୍ୱାର୍ଟର ଫାଇନାଲର ଗୋଟିଏ ସେଟ୍ ପରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ନଂ-୩ ଖେଳାଳି ଆକାନେ ୟାମାଗୁଚି ମୁକାବିଲାରୁ ଓହରିଯାଇଥିଲେ। ପ୍ରଥମ ସେଟ୍‌ରେ ସେ ୧୧-୨୨ରେ ହାରିଥିଲେ, କିନ୍ତୁ ଏହା ପରେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ସେ ଆଉ ଖେଳି ନ ଥିଲେ। ଏହା ପରେ ସିନ୍ଧୁ ୨୦୧୮ ପରେ ପ୍ରଥମଥର ଏହି ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସହ ସେ ୟାମାଗୁଚିଙ୍କ ସହ ୧୫-୧୨ ମୁକାବିଲାରେ ଆଗୁଆ ରହିଛନ୍ତି।

ଏହି ସଫଳତା କିନ୍ତୁ ଭାରତର ତାରକା ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ମିଳିନାହିଁ। ଏମାନେ କ୍ୱାର୍ଟର ଫାଇନାଲରେ ଷଷ୍ଠ ସିଡ୍ ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମହମ୍ମଦ୍ ସୋହିବୁଲ ଫିକ୍ରିଙ୍କଠାରୁ ୨୩-୧୦, ୨୩-୨୧ରେ ହାରିଯାଇଥିଲେ। ଫଳରେ ସାତ୍ତ୍ୱିକ-ଚିରାଗ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍

# ପ୍ରଥମ ୩ଟି ମ୍ୟାଚ୍‌ରୁ ତିଳକ ବାଦ୍




ବେଙ୍ଗାଲୁରୁ, ୯।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଏବଂ ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ଶକ୍ତ ଧକ୍କା। ନିକଟରେ ପେଟରେ ଅସ୍ତ୍ରୋପଚାର କରିଥିବା ତିଳକ ବର୍ମାଙ୍କୁ ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିବା ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଯଥା ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ଜାନୁଆରୀ ୨୩ ଓ ଗୁଆହାଟୀରେ ଜାନୁଆରୀ ୨୫ରେ ଖେଳାଯିବ। ଏହା ପରେ ଜାନୁଆରୀ ୨୮ ଓ ୩୧ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯିବ କି ନାହିଁ ବିସିସିଆଇ ମେଡିକାଲ ଟିମ୍ ପରୀକ୍ଷା କରିବା ପରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ନିକଟରେ ହାଇଦ୍ରାବାଦ୍ ଦଳର ନେତୃତ୍ୱ ନେଇ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ତିଳକଙ୍କ ତଳିପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି ଓ ମେଡିକାଲରୁ ଛାଡ଼ ପାଇଲେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସ ଯିବେ। ସେଠାରେ ତାଙ୍କର ପରବର୍ତ୍ତୀ ଫିଟ୍‌ନେସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହା ପରେ ସେ ଶେଷ ଦୁଇଟି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହେବ। କିନ୍ତୁ ଜଣେ ଅସୁସ୍ଥ ହେବା ପରେ ମ୍ୟାଚ୍ ଫିଟ୍ ହେବା ଲାଗି ବିସିସିଆଇ ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ରହିଛି ସେଥିରେ ତିଳକ ଶେଷ ଦୁଇଟି ମ୍ୟାଚ୍ ଖେଳିବା ସମ୍ଭବ ନୁହେଁ। ଏଣୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କର ଖେଳିବା ଆଶା ବହୁତ କମ୍। ଏହା ପରେ ବିଶ୍ୱକପ୍ ଲାଗି କ'ଣ କରାଯିବ ତାହା ସ୍ଥିର ହେବ। ତିଳକ ବର୍ମାଙ୍କ ଅନୁପସ୍ଥିତି ଭାରତୀୟ ମିଡିଲ ଅର୍ଡରରେ ଶୂନ୍ୟସ୍ଥାନ ସୃଷ୍ଟି କରିବ। ଏଯାଏ କୌଣସି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ଜଣେ ବାମହାତୀ ଖେଳାଳି ଭାବେ ରିଙ୍କୁ ସିଂଙ୍କୁ ବ୍ୟାଟିଂ ଅର୍ଡରରେ ଉନ୍ନତି କରାଯିବ ବୋଲି ଆଶା କରାଯାଉଛି। ଯେ ଯାହା ହେଉ ତିଳକ ବର୍ମା ଖେଳି ନ ପାରିଲେ ବର୍ତ୍ତମାନ ସ୍ଥିତିରେ ଭାରତୀୟ ଟି-୨୦ ଦଳକୁ ଶକ୍ତ ଧକ୍କା ଲାଗିବା ନିଶ୍ଚିତ ହୋଇଛି।



ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ବରୋଦାରେ ଅଭ୍ୟାସ କରୁଛନ୍ତି ଭାରତୀୟ କ୍ରିକେଟ ଦଳର ସୁପରଷ୍ଟାର ବିରାଟ କୋହଲି।

# ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ ଆଦିତ୍ୟ ଅଶୋକ



ବରୋଦା, ୯।୧(ଏଜେନ୍ସି): କ୍ରିକେଟ ଖେଳକୁ ଭାରତର ଧର୍ମ ଓ ସଚିନ ତେନ୍ଦୁଲକରଙ୍କୁ ଈଶ୍ୱର ବୋଲି କୁହାଯାଏ। ଭାରତୀୟମାନେ କେବଳ ଭାରତରେ କ୍ରିକେଟ ଖେଳୁନାହାନ୍ତି, ବିଶ୍ୱର ୯୯ ଭାଗ ଦେଶର ଜାତୀୟ ଦଳରେ ଉପସ୍ଥିତି ଜାହିର କରିଛନ୍ତି। ଏହି ତାଲିକାରେ ଏବେ ଯୋଡି ହୋଇଛନ୍ତି ଆଉ ଜଣେ ଖେଳାଳି ଆଦିତ୍ୟ ଅଶୋକ। ୨୩ ବର୍ଷୀୟ ଏହି ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ସିନିଅର ଦଳରେ ସାମିଲ ହୋଇ ଭାରତରେ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଆସିଛନ୍ତି। ତାମିଲନାଡୁର ଭେଲୋରରେ ଜନ୍ମ ଗ୍ରହଣ କରିଥିବା ଓ ଅକ୍‌ଲାଣ୍ଡରେ ବଢ଼ିଥିବା ଏହି ଖେଳାଳି ଦୀର୍ଘଦିନ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବାକୁ ଯୋଜନା କରିଛନ୍ତି। ବିଶେଷ କରି ନ୍ୟୁଜିଲାଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ଇସ୍ ସୋଧୀଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ଦଳକୁ ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି। ଆସନ୍ତା ରବିବାରଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବରୋଦାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ସେ ବରୋଦାରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ବେଳେ ତାମିଲନାଡୁର ସୁପରଷ୍ଟାର ରଜନୀକାନ୍ତଙ୍କ ଏକ ଚଳଚ୍ଚିତ୍ର ସଂଳାପ ତାଙ୍କ ହାତରେ ଟାଟୁ ହୋଇଥିବାର ଦେଖାଯାଇଥିଲା। ତାହା ହେଉଛି 'ଏନ୍ ଭାଜି ଥାନି ଭାଜି'। ଏହାର ଅର୍ଥ ହେଉଛି 'ମୋ ରାସ୍ତା ହେଉଛି ଅଦ୍ୱିତୀୟ ରାସ୍ତା'। ଏହି ସଂଳାପଟି ରଜନୀକାନ୍ତ ତାମିଲ ଚଳଚ୍ଚିତ୍ର ପାଦାୟାପ୍ପାରେ କହିଛନ୍ତି। ଏହା ଯେପରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା, ଠିକ୍ ସେହିପରି ଅଶୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଛି। ପୂର୍ବରୁ ସେ ନ୍ୟୁଜିଲାଣ୍ଡ ପକ୍ଷରୁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି।



ଅସ୍ମିତା ଭାରୋତ୍ତୋଳନ

# ପ୍ରଥମ ଦିନରେ ବନିତାଙ୍କୁ ୩ ରୌପ୍ୟ

ଭୁବନେଶ୍ୱର, ୯।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଆଜିଠାରୁ ଆରମ୍ଭ ହୋଇଛି ଅସ୍ମିତା ଭାରୋତ୍ତୋଳନ ଲିଗ୍‌ର ଜାତୀୟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାର ବନିତା ନାଏକ ୪୮ କିଲୋଗ୍ରାମ ଶ୍ରେଣୀରେ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୬୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୭୮ କେଜି ଏବଂ ମୋଟରେ ୧୩୮ କେଜି ଓଜନ ଉଠାଇ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ପଦକ ଲାଗି ୧୨,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ମିଳିଛି। ଫଳରେ ପ୍ରଥମ ଦିନରେ ବନିତା ୩୬,୦୦୦ ଟଙ୍କାର ପୁରସ୍କାର ପାଇଛନ୍ତି। ସେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇ ପରଫର୍ମାନ୍ସ ୱେଟ୍‌ଲିଫ୍ଟିଂ ସେଣ୍ଟରରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତାମାନେ ବନିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ହକି ଇଣ୍ଡିଆ ଲିଗ୍ ଫାଇନାଲ ଆଜି

ରାଞ୍ଚି, ୯।୧(ଏଜେନ୍ସି): ଦୀର୍ଘ ଦୁଇ ସପ୍ତାହର ଜୋରଦାର ଲଢ଼େଇ ପରେ ଆସନ୍ତାକାଲି ଏସ୍‌ଜି ପାଇପର୍ସ ଓ ଶ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ମହିଳା ହକି ଇଣ୍ଡିଆ ଲିଗ୍-୨୦୨୬ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ଏଥିରେ ଯେଉଁ ଦଳ ଚାମ୍ପିଅନ ହେବ ସେହି ଦଳ ୧.୫ କୋଟି ଟଙ୍କା ଓ ରନର୍ସ ଅପ୍ ଦଳକୁ ୧ କୋଟି ଟଙ୍କା ପୁରସ୍କାର ମିଳିବ। ଗତକାଲି ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲରକ୍ଷକ, ଉଦୀୟମାନ ଖେଳାଳି, ଟପ୍ ସ୍କୋରରଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ମଧ୍ୟ ପ୍ରଦାନ କରାଯିବ।

ମୁସ୍ତାଫିଜୁର ରହମନ ବିବାଦ

# ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଲେ



ନୂଆଦିଲ୍ଲୀ, ୯।୧(ଏଜେନ୍ସି)

ବାଂଲାଦେଶର ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ କୋଲ୍‌କାତା ନାଇଟ ରାଇଡର୍ସ ବିଦା କରିବା ପରେ ଯେଉଁ ସବୁ ବିବାଦ ସୃଷ୍ଟି ହେଉଛି ତାହାକୁ ନେଇ ତାଙ୍କ ଦେଶର ଖେଳାଳିମାନେ ପ୍ରବଳ ଚାପରେ ରହିଛନ୍ତି। ବାଂଲାଦେଶର ଅଧାରୁ ଅଧିକ ଅନ୍ତର୍ଜାତୀୟ ଖେଳାଳିଙ୍କ ପ୍ରାୟୋଜକ ରହିଛନ୍ତି ଭାରତୀୟ କିମ୍ବା ଭାରତରେ ଅବସ୍ଥିତ କମ୍ପାନୀ। ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବା ଲାଗି ବାଂଲାଦେଶ ସରକାର ଓ କ୍ରିକେଟ ବୋର୍ଡ ନିଷ୍ପତ୍ତି ନେବା ଓ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଆଇସିସିକୁ ଅନୁରୋଧ କରିବା ପରେ ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଯାଉଛନ୍ତି। ଏହା ମଧ୍ୟରେ ପ୍ରଥମ ବଡ଼ ପ୍ରାୟୋଜକ ହେଉଛି ଏସ୍‌ଜି ବା ସାନ୍ସପାରେଲସ ଗ୍ରୀନ୍‌ଲାଣ୍ଡସ। ପ୍ରାୟୋଜକ ଭାବେ ଓହରିଯିବାକୁ ଏସ୍‌ଜି ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। କିନ୍ତୁ ଖେଳାଳିଙ୍କ ଏଜେଣ୍ଟଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ବାଂଲାଦେଶର ଟି-୨୦ ଅଧିନାୟକ ଲିଟନ ଦାସଙ୍କ ସହ ଏସ୍‌ଜି ବିପୁଳ ପରିମାଣ ଅର୍ଥରେ ପ୍ରାୟୋଜକ ରହିଛି। ଅନ୍ୟ କମ୍ପାନୀମାନେ ମଧ୍ୟ ଖେଳାଳିଙ୍କ ସହ ହୋଇଥିବା ରାଜିନାମାକୁ ନବୀକରଣ କରିବେ ନାହିଁ ବୋଲି ଅଣଆନୁଷ୍ଠାନିକ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ମୁସ୍ତାଫିଜୁର ରହମନଙ୍କ ବିଦା ହେବା ଘଟଣାକୁ ନେଇ କେବଳ ଦୁଇ ଦେଶର କ୍ରିକେଟ ବୋର୍ଡ ନୁହେଁ ବରଂ ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସ୍ତରରେ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ଏହି ବିବାଦ ବଢ଼ିବାରେ ଲାଗିଛି। ଭାରତ ସରକାର କିମ୍ବା ବିସିସିଆଇ ଏହି ଘଟଣାରେ ଚୁପ୍ ରହିବାକୁ ଉଚିତ ମନେ କରିଛନ୍ତି। ଦେଶ ଚଳାଇବା କିମ୍ବା ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ବାଂଲାଦେଶର ବ୍ୟକ୍ତିବିଶେଷ ଉଗ୍ର ଜାତୀୟତାବାଦକୁ ନେଇ ଯେପରି ମନ୍ତବ୍ୟମାନ ଦେଉଛନ୍ତି ସେଥିରୁ ଏହି ଘଟଣା ଅଧିକ ବିବାଦୀୟ ହୋଇ ପଡୁଛି। ଭାରତରେ ନ ଖେଳିବା ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ ଯେଉଁ ଆବେଦନ କରିଛି ତାହା ଉପରେ ଆଇସିସି ଏଯାଏ କୌଣସି ନିଷ୍ପତ୍ତି ନେଇ ନାହିଁ। ବରଂ ଭାରତରେ ଖେଳିବା ଲାଗି କ୍ରିକେଟ ବୋର୍ଡ ଯେଉଁ ସୁରକ୍ଷା ପ୍ରସଙ୍ଗ ଉଠାଇଛି, ସେଥିରେ କୌଣସି ବିପଦ ନ ଥିବା କଥା ଆଇସିସିର ହୃଦ୍‌ବୋଧ ହୋଇଛି। ଫଳରେ ବାଂଲାଦେଶର ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ଏବେ ମଧ୍ୟ ଭାରତରେ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ଏହି ଘଟଣାର ସମାଧାନର ସୂତ୍ର ବାହାରୁ ନ ଥିବାରୁ ବାଂଲାର ଖେଳାଳି ଓ ସପୋର୍ଟଷ୍ଟାଫ୍ ଅସ୍ଥିର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏମାନେ କେଉଁଠି ମ୍ୟାଚ୍ ଖେଳିବେ, କି ପ୍ରକାର ପ୍ରସ୍ତୁତି କରିବେ ସେ ସମ୍ପର୍କରେ ସନ୍ଦିହାନ ରହିଛନ୍ତି। ଏଭଳି ସ୍ଥିତିରେ ବାଂଲାଦେଶର ଖେଳାଳି ଯେ କ୍ଷତିଗ୍ରସ୍ତ ହେଉଛନ୍ତି ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

ପୁରୁଷ ହକି ଇଣ୍ଡିଆ ଲିଗ୍

# ସୁଟ୍‌ଆଉଟ୍‌ରେ ଜିତିଲା ସୁରମା



ଚେନ୍ନଇ, ୯।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୩-୧ ସୁଟଆଉଟ ଗୋଷରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ଖେଳରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସମାନ ସ୍ତରରେ ରହିଥିଲେ। ଏହି ସମୟରେ ସୁରମା ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ଓ ହାଇଦ୍ରାବାଦ୍ ପକ୍ଷରୁ ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଖେଳର ମୀମାଂସା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସୁରମା ହକି କ୍ଲବ୍ ୩ଟି ଓ ହାଇଦ୍ରାବାଦ୍ ତୁଫାନ୍ସ ଗୋଟିଏ ଗୋଲ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଏଥିରେ ସୁରମା ପକ୍ଷରୁ ହରମନପ୍ରୀତ୍ ସିଂହ ଓ ନିକୋଲାନ କିନନ ଗୋଲ ସ୍କୋର କରିଥିଲେ। ନିକୋଲସ ଡେଲା ଟୋରେଙ୍କ ସଟ୍‌କୁ ହାଇଦ୍ରାବାଦ୍ ଗୋଲକିପର ବିକ୍ରମଜିତ ସିଂହ ଷ୍ଟିକ୍ ଚେକ୍ ହେବାରୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରି ସୁରମାକୁ ଏହି ଦମ୍‌ଦାର ବିଜୟ ସହ ବୋନସ ପଏଣ୍ଟ ଦେଇଥିଲେ। ଆଜିର ଦ୍ୱିତୀୟ ମ୍ୟାଚ୍ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ସହ ଏସ୍‌ଜି ପାଇପର୍ସର ମୁକାବିଲା ଚାଲିଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ସମାନ ସ୍ଥିତିରେ ରହିଛି। ତାମିଲନାଡୁ ଦଳ ଅଧିକ ଆକ୍ରମଣ କରିଛି। କିନ୍ତୁ ପାଇପର୍ସର ରକ୍ଷଣଭାଗ ମଧ୍ୟ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଖେଳକୁ ସମାନ ସ୍ତରରେ ରଖିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS